

ରୋହିତ ଶର୍ମା ଫ୍ଲପ୍ ଅବସର ନିଅ | ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 274 | ଭାଗ ୩୨ | ସଂଖ୍ୟା ୨୭୪ | Bhubaneswar | Saturday 28 December 2024 | Page 8 Rs. 4.00 | ଭୁବନେଶ୍ୱର ଶନିବାର ୨୮ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




## ମନମୋହନଙ୍କୁ ମୋହନଙ୍କ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଗଣମାଧ୍ୟମକୁ ବିବୃତ୍ତି ଦେଇ କହିଥିଲେ, ଦେଶର ମହାନ୍ ବରପୁତ୍ର ଡ. ମନମୋହନ ସିଂହଙ୍କ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ। ଅର୍ଥନୀତି କ୍ଷେତ୍ରରେ ତାଙ୍କ ଜ୍ଞାନ ଓ ଦକ୍ଷତା ପାଇଁ ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କ ଉଦାର ଅର୍ଥନୈତିକ ନୀତି ଭାରତକୁ ବିଶ୍ୱର ଅର୍ଥନୀତି କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ପହଞ୍ଚାଇଥିଲା। ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ସେ ତ୍ୱରାନ୍ୱିତ କରିଥିଲେ। ଅସାଧାରଣ ଜ୍ଞାନ, ଭଦ୍ରତା, ସାଧୁତା ଓ ଅମାୟିକ ସ୍ୱଭାବ ଯୋଗୁଁ ରାଜନୀତି କ୍ଷେତ୍ରରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ପୂର୍ବତନ ବିଧାୟକ ନାଉରୀ ନାୟକ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ସ୍ୱର୍ଗତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଟଙ୍କା ଦେଇ ସିଏମ୍ ନମ୍ବର-୧

- ଗୋଟିଏ ଚ୍ୟାନେଲ ନେଇଛି ୪.୬୮ କୋଟି
- କାଠଗଡାରେ ମାମଲତକାର
- ହିସାବ ମାଗିଲେଣି ଲୋକେ

**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ନିର୍ବାଚନରେ ହାରିବାପାଇଁ ବିଜେପିକୁ ମିଛୁଆ ବୋଲି ଆରୋପ କରୁଥିବା ନବୀନ ପଟ୍ଟନାୟକ ନିର୍ବାଚନକୁ ଦୃଷ୍ଟିରେ ରଖି ନିଜର ଇମେଜ ବୁଷ୍ଟିଂ ପାଇଁ କିଭଳି ପାଣି ଭଳି ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ଗୁମର ଫିଟିବାରେ ଲାଗିଛି । ସବୁଠାରୁ ବଡ କଥା ହେଉଛି ଖବର କାଗଜଗୁଡିକ ୧୫ ମାସରେ ଯେତିକି ଅର୍ଥ ବିଜ୍ଞାପନ ବାବଦରେ ନେଇଛନ୍ତି ଗୋଟିଏ ଟିଭି ଚ୍ୟାନେଲ ତାହାର ଦୁଇଗୁଣା ଅର୍ଥ ହାତେଇ ନେଇଛି ।

ସୂଚନା ଅଧିକାର କର୍ମୀ ପ୍ରଶାନ୍ତ କୁମାର ମେହେରଙ୍କୁ ରାଜ୍ୟ ସରକାର ଦେଇଥିବା ସୂଚନାରୁ ଏହା ଜଣାପଡିଛି । ଏଥିରେ ଉଲ୍ଲେଖ କରାଯାଇଛି ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ୨୦୨୩ ଜାନୁୟାରୀ ପହିଲାରୁ ୨୦୨୪ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବିଜ୍ଞାପନ ପ୍ରକାଶ ବାବଦରେ ବିଭିନ୍ନ ଖବରକାଗଜକୁ ରାଜ୍ୟ ରାଜକୋଷରୁ ମୋଟ୍ ୨,୩୨,୧୭,୨୨୫ ଟଙ୍କା ପ୍ରଦାନ କରାଯାଇଛି । ତେବେ ନବୀନଙ୍କ ଫଟୋ ଥିବା ଭିଡିଓ ଦେଖାଇବାପାଇଁ ନ୍ୟାସନାଲ ଜିଓଗ୍ରାଫିକ ଚ୍ୟାନେଲକୁ ରାଜକୋଷରୁ ଦିଆଯାଇଛି ୪କୋଟି ୬୮ଲକ୍ଷ ଟଙ୍କାରୁ ଅଧିକ । ଏଥିରେ ଦୁଇଟି ସୁପର ଷ୍ଟ୍ରକଚର ଡକ୍ୟୁମେଣ୍ଟ ଯଥା ବିର୍ସାମୁଣ୍ଡା ଆର୍ନ୍ତଜାତିକ ହକି ଷ୍ଟାଡିୟମ ଓ ହକି ଓଡ଼ିଶାର ପ୍ରସ୍ତୁତି ଓ ପ୍ରସାରଣ ପାଇଁ ୨,୩୩,୧୬,୮୦୦ ଟଙ୍କା ଦିଆଯାଇଛି। ସେହିଭଳି ଆଉ ଦୁଇଟି ଡକ୍ୟୁମେଣ୍ଟ ଲୋୟର ସୁକତେଲ ଓ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ଭିଡିଓ ପ୍ରସ୍ତୁତି ଓ ପ୍ରସାରଣ ପାଇଁ ୧,୮୭,୪୪,୩୦୦ ଟଙ୍କା ଦିଆଯାଇଛି । ଏଥି ସହିତ ବିଏସ୍‌କେଓ୍ୱାଇ, ହକି କ୍ରୀଡା ଓ ବିଦ୍ୟାଳୟ ରୂପାନ୍ତରଣ ଉପରେ ତିନିଟି କରି ଡକ୍ୟୁମେଣ୍ଟ, ପ୍ରମୋସନ୍ ଏବଂ ଡିଗନେଟିକ୍ ପାଇଁ ୪୭,୭୯,୦୦୦ ଟଙ୍କା ଦିଆଯାଇଛି । ନିର୍ବାଚନ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଯେଉଁ ବିଜ୍ଞାପନ ଦିଆଯାଇଥିଲା ସେଥିରେ କେବଳ ନବୀନ ଓ ପାଣ୍ଡିଆନଙ୍କ ଫଟୋର ଜୋରଦାର ➪ପୃଷ୍ଠା-୬




## ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ

**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ମନମୋହନ ସିଂହଙ୍କ ବିୟୋଗ ଯୋଗୁ ୭ ଦିନିଆ ଜାତୀୟ ଶୋକ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ସେଥିପାଇଁ ଶ୍ରୀ ଶାହଙ୍କ ଗସ୍ତ ବାତିଲ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଶନିବାର (୨୮ ତାରିଖ) ସନ୍ଧ୍ୟାରେ ଅମିତ ଶାହ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଥିଲା। ଭୁବନେଶ୍ୱରରେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଥିଲା। ରାଷ୍ଟ୍ରୀୟ ଶୋକ ପାଳନ ହେତୁ ସେସବୁ ବାତିଲ ହୋଇଛି । ଗତକାଲି(ଗୁରୁବାର) ଶାହଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ବିଜେପି ପକ୍ଷରୁ ସୂଚନା ଜାରି କରାଯାଇଥିଲା।

## 'କମେଡ଼ି ଇନ୍ ଖାକି' ନୂଆ ଅଡୁଆ

**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ପୁନର୍ବାର ବଢ଼ିପାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ତାଙ୍କ ଘନିଷ୍ଠ ଭିକେ ପାଣ୍ଡିଆନଙ୍କ ଅଡୁଆ। ବରିଷ୍ଠ ସାମ୍ବାଦିକ ରୁବେନ୍ ବାନାର୍ଜୀଙ୍କ ପୁସ୍ତକ ପରେ ଏବେ ପୂର୍ବତନ ପୁଲିସ ଡିଜି ପ୍ରକାଶ ମିଶ୍ରଙ୍କ ପୁସ୍ତକ ନବୀନ ଓ ପାଣ୍ଡିଆନଙ୍କ ଅଡୁଆ ବଢ଼ାଇପାରେ। ଆସନ୍ତା ଜାନୁୟାରୀ ୧୧ରେ ନୂଆଦିଲ୍ଲୀରେ ଓ ତା'ପୂର୍ବରୁ ଜାନୁୟାରୀ ୭ କିମ୍ବା ୯ତାରିଖରେ ଭୁବନେଶ୍ୱରରେ ଉନ୍ମୋଚିତ ହେବ ପ୍ରକାଶ ମିଶ୍ରଙ୍କ ଲିଖିତ ପୁସ୍ତକ 'କମେଡ଼ି ଇନ୍ ଖାକି: ଦ ହ୍ୟୁମରସ୍ ମେମୋରିଜ୍ ଅଫ ଏ ପୁଲିସମ୍ୟାନ୍' । ଏହି ପୁସ୍ତକରେ ଶ୍ରୀ ମିଶ୍ର ନିଜର ଆଇପିଏସ୍ କ୍ୟାରିୟରର ବିଭିନ୍ନ ଘଟଣାବଳୀକୁ ବ୍ୟଙ୍ଗାତ୍ମକ ଢଙ୍ଗରେ ଉପସ୍ଥାପନ କରିଥିବା ଜଣାପଡ଼ିଛି ।



ପୂର୍ବତନ ପୁଲିସ ଡିଜି ତଥା ୧୯୭୭ ବ୍ୟାଚ୍ ଆଇପିଏସ୍ ପ୍ରକାଶ ମିଶ୍ର ନିଜ ପୁସ୍ତକରେ ବିଶେଷକରି ଆଇପିଏସ୍ ଅଫିସର ଭାବେ ବିଭିନ୍ନ ପଦପଦବୀରେ କାମ କରିବାବେଳେ ତାଙ୍କର ଅନୁଭୂତିକୁ ବ୍ୟଙ୍ଗାତ୍ମକ ଢଙ୍ଗରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଜଣେ ସଚ୍ଚୋଟ ପୁଲିସ ଅଫିସର ଭାବେ ପରିଚିତ ଶ୍ରୀ ମିଶ୍ରଙ୍କୁ କିଭଳି ନବୀନ ପଟ୍ଟନାୟକ ସରକାରରେ ପୁଲିସ ଡିଜି ଭାବେ କାର୍ଯ୍ୟ କରିଥିଲେ। ପ୍ୟାରୀ ମହାପାତ୍ରଙ୍କ ତଥାକଥିତ ମିଡନାଇଟ୍ ଅପରେସନ୍ ପରେ ଶ୍ରୀ ମିଶ୍ରଙ୍କୁ କେନ୍ଦ୍ରୀୟ ଡେପୁଟେସନରୁ ଆଣି ନବୀନ ପଟ୍ଟନାୟକ ପୁଲିସ ଡିଜି ଦାୟିତ୍ୱ ନ୍ୟସ୍ତ କରିଥିଲେ । କିନ୍ତୁ ପରେ ତାଙ୍କୁ ପୁଲିସ ଡିଜି ପଦବୀରୁ ବିଦା କରି ଦୁର୍ନୀତି ମାମଲାରେ ଛନ୍ଦି ➪ପୃଷ୍ଠା-୬

## ବିଜେଡିକୁ ମିଳିନି ରାଜନୈତିକ ଚାନ୍ଦା ?

**ନୂଆଦିଲ୍ଲୀ, ୨୭।୧୨ (ସଂଚାର ବ୍ୟୁରୋ):** ଦେଶରେ ନିର୍ବାଚନ ଯେତିକି ବ୍ୟୟବହୁଳ ହେବାରେ ଲାଗିଛି, ସେହି ଅନୁସାରେ ରାଜନୈତିକ ଦଳ ମଧ୍ୟ ଦିନକୁ ଦିନ ଧନୀ ହେବାରେ ଲାଗିଛନ୍ତି। ଦେଶରେ ଶାସନ ହାତେଇଥିବା ବିଜେପି ଏବେ ବିଶ୍ୱର ସବୁଠୁ ବଡ଼ ଦଳ ବୋଲି ନିଜକୁ କହୁଥିବାବେଳେ, ତାର ସମ୍ପତ୍ତିକୁ ନେଇ ମଧ୍ୟ ଆସିଛି, ଆଖି ଖୋସି ଦେଲାଭଳି ରିପୋର୍ଟ । ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେପିକୁ ମିଳିଛି ୨ ହଜାର ୨ ଶହ ୪୪ କୋଟି ଟଙ୍କାର ରାଜନୈତିକ ଚାନ୍ଦା । ଆଉ ଦେଶରେ ବିରୋଧୀ ଦଳ ଆସନରେ ବସିଥିବା କଂଗ୍ରେସକୁ ମିଳିଛି ମାତ୍ର ୨୮୯ କୋଟି ।




ଖାଲି ସେତିକି ନୁହେଁ, ଓଡ଼ିଶାରେ ମଧ୍ୟ ଦୀର୍ଘ ୨୪ ବର୍ଷ କାଳ କ୍ଷମତାରେ ଥିବା ବିଜୁ ଜନତା ଦଳକୁ ୨୦୨୩-୨୪ ଆର୍ଥିକ ବର୍ଷରେ ମିଳିନି କୌଣସି ବି ରାଜନୈତିକ ଚାନ୍ଦା। ଯାହାକି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ, ଚଳିତ ବର୍ଷ ବିଜେପିକୁ ମିଳିଛି ମୋଟ ୨ ହଜାର ୨ ଶହ ୪୪ କୋଟି ଟଙ୍କାର ରାଜନୈତିକ ଚାନ୍ଦା । ଯାହାକି ଗତ ବର୍ଷଠାରୁ ପ୍ରାୟ ୩ ଗୁଣା ଅଧିକ । ସେହିପରି ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଆମେରିକା ୧ ନିୟୁତରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଭିସା ପ୍ରଦାନ କରିଛି ଆମେରିକା
- 'ଆକ୍ସିଡେଣ୍ଟାଲ ପ୍ରାଇମିନିଷ୍ଟର' ଫିଲ୍ମ ପାଇଁ ସୋଶିଆଲ ମିଡିଆରେ ଟ୍ରୋଲ ହେଲେ ଅନୁପମ ଖେର
- ପଞ୍ଜାବର ଭଟିଣ୍ଡାରେ ପ୍ରବଳ ବର୍ଷା ଯୋଗୁଁ ଏକ ବସ୍ ବ୍ରିଜ୍‌ରୁ ଖସିପଡ଼ିବାରୁ ଆଠ ଜଣଙ୍କ ମୃତ୍ୟୁ
- ମନମୋହନ ସିଂହଙ୍କୁ ବଡ଼ ଭାଇ ବୋଲି ଭାବୁଥିଲି: ଦଲାଇଲାମା
- ଚାଷୀ ନେତା ଜଗଜିତ୍ ସିଂହ ଦଲେୱାଲଙ୍କୁ ହସ୍ପିଟାଲରେ ଭର୍ତ୍ତି ପାଇଁ ପଞ୍ଜାବ ସରକାରଙ୍କୁ ୨୪ ଘଣ୍ଟା ସମୟ
- ସୁଜୁକି ମୋଟର୍ସର ପୂର୍ବତନ ଅଧ୍ୟକ୍ଷ ତଥା ସିଇଓ ଓସାମା ସୁଜୁକିଙ୍କ ପରଲୋକ
- ଜେୟୁଡି ଉପମୁଖ୍ୟ ହାଫିଜ ଅବଦୁଲ ରହମନ ମକି ହୃଦ୍‌ଘାତରେ ମୃତ

## ପଶ୍ଚିମ ଓଡ଼ିଶାରେ ବର୍ଷା ସମ୍ଭାବନା: ୩୦ରୁ ବଢ଼ିବ ଶୀତ



**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ପଶ୍ଚିମା ଝଡ଼ ପ୍ରଭାବରେ ଶନିବାର ଠାରୁ ଉତ୍ତର ଓ ଉତ୍ତର ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ୨ ଦିନ ହାଲକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏକ୍ସରେ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ଶ୍ରୀ ଦାଶ କହିଛନ୍ତି ଯେ ପଶ୍ଚିମାଝଡ଼ ପ୍ରଭାବରେ ୨୮ ଓ ୨୯ ତାରିଖ ବର୍ଷା ହେବ। ବିଶେଷ କରି ଉତ୍ତର ଏବଂ ଉତ୍ତର ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୩୦ରୁ ପାଗରେ ପରିବର୍ତ୍ତନ ହୋଇପାରେ। ଏହାପରେ ତାପମାତ୍ରା ହ୍ରାସ ପାଇ ଶୀତ ବଢ଼ିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ହୋଇ ହେକ୍ଟର ହେକ୍ଟର ଚାଷ ଜମିରେ ପାଣି ଜମି ରହିଛି। ଅନେକ ଅଞ୍ଚଳରେ ଧାନ ବୁଡ଼ି ରହି ଗଜା ହୋଇଯାଇଛି।

## ରାଜ୍ୟରେ ୪୦ ଲକ୍ଷ ଭୂତ ହିତାଧିକାରୀ



**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଇ-କେଓ୍ୱାଇସି ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବା ବେଳେ ଗୋଟେ ଗୋଟେ ଜିଲ୍ଲାରେ ଲକ୍ଷେରୁ ଦେଢ ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଏଯାଏ ୪୦ ଲକ୍ଷରୁ ଅଧିକ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।ଶ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ଏଯାଏଁ ୪୦ ଲକ୍ଷ ଭୂତ ଓ ନକଲି କାର୍ଡଧାରୀ ସରକାରୀ ଯୋଜନାରୁ ଫାଇଦା ନେଉଛନ୍ତି। ବର୍ଷ ବର୍ଷ ଧରି ରାସନ୍ ଉଠାଉଛନ୍ତି। ହେଲେ ଅସଲ ହିତାଧିକାରୀ ପଞ୍ଚାୟତରୁ ବ୍ଲକକୁ ଧାଇଁ ଧାଇଁ ରାସନ୍ କାର୍ଡ ଖଣ୍ଡେ ପାଉନାହାନ୍ତି। ଜାଲ ରାସନ କାର୍ଡକୁ ନେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଉଠୁଛି। ଯାହା ବିଗତ ୨୪ ବର୍ଷଧରି ଚାଲି ଆସୁଥିଲା। କିନ୍ତୁ ଆମ ସରକାର ଆସିବା ପରେ ଏସବୁ ଧରପଗଡ ଆରମ୍ଭ ହୋଇଛି। ରାସନ କାର୍ଡ ଭଳି ରାଜ୍ୟରେ ଭୂତ ଚାଷୀ ରହିଛନ୍ତି। କିଛି ଲୋକ ଚାଷ ନ କରି ଚାଷୀଙ୍କୁ ମିଳୁଥିବା ସରକାରୀ ସହାୟତା ହଡପ କରିବା ଉଦ୍ଦେଶ୍ୟରେ ରେଜିଷ୍ଟ୍ରେସନ କରିଛନ୍ତି। ପ୍ରକୃତ ଚାଷୀଙ୍କ ବାବଦରେ ଜାଣିବା ପାଇଁ ଆଉଥରେ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ଆରମ୍ଭ କରିଛନ୍ତି।



ପ୍ରକାଶ ଯେ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ ମାଲିପେଟା ଗାଁ କମୁ ମାଳି ରାସନ୍ କାର୍ଡ ପାଇଁ ପଞ୍ଚାୟତଠାରୁ ବ୍ଲକ୍ କାର୍ଯ୍ୟାଳୟ ➪ପୃଷ୍ଠା-୬

## ମେଘନାଦ ପାଚେରି ଅସୁରକ୍ଷିତ



**ପୁରୀ, ୨୭।୧୨ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ମେଘନାଦ ପାଚେରିର ସୁରକ୍ଷା ନେଇ ଚିନ୍ତା । ଉତ୍ତର ପାର୍ଶ୍ୱ ମେଘନାଦ ପାଚେରି ଓ ଗୁମୁଟରୁ ପାଣି ଝରୁଛି। ଏହାର ମରାମତି ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖିଛି ଏଏସ୍‌ଆଇ। ପୂର୍ବ ପାର୍ଶ୍ୱ ଓ କୁରୁମ ବେଢ଼ାକୁ ଲାଗି ଆନନ୍ଦ ବଜାର ଏବଂ କୋଇଲି ବୈକୁଣ୍ଠ ପାର୍ଶ୍ୱରେ ଇଟା ତିଆରି କୋଠା ନ ରଖିବାକୁ ଏଏସ୍‌ଆଇ କହିଛି। ମାତ୍ର ଐତିହ୍ୟ ସଂରଚନାରେ ଆଞ୍ଚ ନ ଆଣି ମରାମତି ଓ ସଂରକ୍ଷଣ କରିବାକୁ ବରିଷ୍ଠ ସେବାୟତ କହିଛନ୍ତି।

ଉତ୍ତର ପାର୍ଶ୍ୱ ମେଘନାଦ ଆବର୍ଜନା ପରିଚାଳନା ମେସିନ ଓ ଭୋଗେଇ ଘର ମେଘନାଦ ପାଚେରି ଉପରେ ବୋଝ ସୃଷ୍ଟି କରିଛି। ମରାମତି ଏବଂ ସଂରକ୍ଷଣ ପାଇଁ ଏସବୁ ହଟାଇବାକୁ ହେବ। ଶ୍ରୀମନ୍ଦିରରେ ଆଧୁନିକ

### ମରାମତି ପାଇଁ ଜଣାଇଲା ଏଏସ୍‌ଆଇ

ପାଚେରିରୁ ପାଣି ଝରୁଛି। ଅବରୋଧ ହଟାଗଲେ ଓ୍ୱାଟର ପ୍ରୁଫ୍ ଟ୍ରିଟମେଣ୍ଟ କରିବାକୁ ଶ୍ରୀମନ୍ଦିର ଲେଖିଛି ଏଏସଆଇ । ଭିତରବେଢ଼ା ଓ ପାଟ ଅଗଣାରେ ପ୍ରାୟତଃ ପାଣି ସିଞ୍ଚନ ଯୋଗୁ ଚଟାଣ ନଷ୍ଟ ହେଉଛି । ଆବର୍ଜନା ପରିଚାଳନା ପ୍ଲାଣ୍ଟ ପର୍ଯ୍ୟନ୍ତ ଜମା ହେଉଛି ଅବ୍ୟବହୃତ ଜିନିଷ । ନିର୍ମାଣ ସମେତ ଆନନ୍ଦ ବଜାର ଓ କୋଇଲି ବୈକୁଣ୍ଠ ପାର୍ଶ୍ୱରେ ଇଟାରେ କୋଠା ନ କରିବା, ପଶ୍ଚିମ ପାର୍ଶ୍ୱ କୁରୁମବେଢ଼ାକୁ ଲାଗି ବିପଦସଙ୍କୁଳ ଫୁଲ ଘର ଭାଙ୍ଗିବାକୁ ପରାମର୍ଶ ଦେଇଛି ଏଏସ୍‌ଆଇ। ପୂର୍ବ ପାର୍ଶ୍ୱ କୁରୁମବେଢ଼ାକୁ ଲାଗି ଥିବାରୁ ପୋଲିସ ଆଉଟ୍ ପୋଷ୍ଟ, ସରଘର ଓ ➪ପୃଷ୍ଠା-୬

## ଲ' କମିଶନ ଗଠିତ

### ଜଷ୍ଟିସ ରଥ ଅଧ୍ୟକ୍ଷ



**ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ):** ନୂଆ ଆଇନ କମିଶନ(ଲ' କମିଶନ) ଗଠନ କରିଛନ୍ତି ରାଜ୍ୟ ସରକାର। ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ କମିଶନର ଅଧ୍ୟକ୍ଷ କରାଯାଇଛି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଆଡ୍‌ଭୋକେଟ ଜେନେରାଲ(ଏଜି) ପିତାମ୍ବର ଆଚାର୍ଯ୍ୟ ଓ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ କମିଶନର ଏକ୍ସ ଅଫିସିଓ ସଦସ୍ୟ ରହିବେ। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରକାଶ ମିଶ୍ର, ସୌର ଚନ୍ଦ୍ର ମହାପାତ୍ର କମିଶନର ସଦସ୍ୟ ରହିବେ। ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ କମିଟିର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ।ଆଜି ପୁନର୍ଗଠିତ ଏହି ଲ' କମିଶନରେ ଅଧ୍ୟକ୍ଷଙ୍କୁ ମିଶାଇ ମୋଟ ୬ଜଣ ସଦସ୍ୟ ରହିଛନ୍ତି । ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସର୍ବାଧିକ ୩ବର୍ଷ କିମ୍ବା ୭୦ବର୍ଷ ବୟସ ହେବା ପର୍ଯ୍ୟନ୍ତ(ଯେଉଁଟି ଆଗ ପଡ଼ିବ) ବୋଲି ଜଣାପଡ଼ିଛି। କମିଶନ୍ ରାଜ୍ୟରେ ଅପ୍ରାସଙ୍ଗିକ ହୋଇପଡ଼ିଥିବା ବିଭିନ୍ନ ରାଜ୍ୟ ଆଇନର ତର୍ଜମା କରି ସେଦିଗରେ ରାଜ୍ୟ ସରକାରଙ୍କୁ ସୁପାରିଶ କରିବେ।



## ଆମେ ସୁନାପିଲା




ଲୁଟ୍ ପରେ ଲୁଟ୍ । ରାସ୍ତା ଉପରୁ ଅପହରଣ । ରାଜଧାନୀର ବିଭିନ୍ନ ଥାନାରୁ ଏଭଳି ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସୁଥିବା ବେଳେ ନାଁ ଧରାପଡୁଛନ୍ତି ଅପରାଧୀ ନାଁ ଜବତ ହେଉଛି ଲୁଟ ସାମଗ୍ରୀ। ପାରିବାପାଣିଆ ସାବ୍ୟସ୍ତ କରିବା ବେଳେ ସିନ୍ଧି ଚୋର ଧରି ପ୍ରେସମିଟ କରୁଥିବା କମିଶନରେଟ ପୋଲିସ ସୁନା ପିଲା ଭଳି ଧୁଆ ତୁଳସୀ ବନିଯାଉଛି। ହେଲେ ଯାହା ସଙ୍ଗେ ଆଇନ ଶୃଙ୍ଖଳା ପରିସ୍ଥିତି ଘଟୁଛି, ସେ ହିଁ ଜାଣୁଛି, ଏହା କେତେ ଭୟଙ୍କର। ଗତକାଲି ରାତିରେ ଘଟିଥିବା ସିନ୍ଧି ଚୋରି ଘଟଣାରେ ନଜର ପକାନ୍ତୁ। ଧଉଳି ଥାନା ଇନ୍ଦିରା କଲୋନୀ ଲେନ ନମ୍ବର-୧ ପ୍ରମୋଦ ଜେନାଙ୍କ ଘରୁ ହୋଇଛି ଲୁଟ । ଘରେ କେହି ନ ଥିବାର ସୁଯୋଗ ନେଇ ଲୁଟେରା ଗ୍ରୀଲ ତାଡିବା ସହ ନେଇଯାଇଛନ୍ତି ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ଟଙ୍କା। ପୁଅ ଦୀଘା ଓ ବୋହୂ ବାପଘରକୁ ଯିବା ପରେ ପ୍ରମୋଦ ଓ ତାଙ୍କ ସ୍ତ୍ରୀ ଆଉ ଏକ ରୁମରେ ଶୋଇଥିଲେ। ଠିକ ଏହି ସମୟରେ ଲୁଟେରା ଝରକା ଗ୍ରୀଲ ତାଡି କଳାକନା ବୁଲେଇଛନ୍ତି। ଏ ନେଇ ଭୋରରୁ ଦେଖିବା ପରେ ଧଉଳି ଥାନାରେ ଅଭିଯୋଗ କରିଥିଲେ ପରିବାର ଲୋକେ। ଅଭିଯୋଗ ପାଇବା ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ତନାଘନା କରିଛି ସତ। କିନ୍ତୁ ଲୁଟେରାଙ୍କ ସମ୍ପର୍କରେ କିଛି ବି ସୁରାକ ମିଳିନାହିଁ। ସେପଟେ ମୈତ୍ରୀବିହାର ଥାନା ଉତ୍କଳ ହସ୍ପିଟାଲ ନିକଟରେ ଘଟିଥିବା ଅପହରଣ ଘଟଣାରେ ପୋଲିସ କେବଳ ଅନ୍ଧାରରେ ବାଡି ବୁଲାଉଛି। ଘଟଣାକୁ ୫ ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର ପାଇନାହିଁ ପୋଲିସ। କେବଳ ଉଦ୍ଧାର ଯୁବତୀଙ୍କୁ ମଧୁପାଟଣା ଅଞ୍ଚଳରେ ପଚରାଉଚରା କରି ତଦନ୍ତରେ ବୋଧହୁଏ ଡୋରି ବାନ୍ଧିଦେଇଛି।





## କାନ ଡେରିଥା

ମନମୋହନଙ୍କ ଅବର୍ତ୍ତମାନରେ
ଝୁରୁଛି ଏ ଦେଶ ମାଟି
ସଂଗ୍ରାମୀ ଆଉ ବୁଦ୍ଧିମାନ
ନେତା
ଆଉ କେ ପାରିବ ଭେଟି
ବିଦ୍ୱାନ ଥିଲେ ସେ ଖାଣ୍ଟି...
ତାଙ୍କ ପରେ ଆଉ
ଜନମିବେ ନାହିଁ
ମନେ ଯେ ରଖିବ ଜାତି ।

■ ଦେବାଶିଷ

## ଦୁର୍ନୀତିର ମହାନାୟକ | ପୋଲିସ ହାଉସିଂ ବୋର୍ଡର 'ପୁଷ୍ପା'

# ଭିଜିଲାନ୍ସରେ କଳାକାରନାମାର ଲମ୍ବା ତାଲିକା




**ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ):** ପୁଲିସ ହାଉସିଂ ପୂର୍ବତନ ଡେପୁଟି ମ୍ୟାନେଜର (ଆକାଉଣ୍ଟସ) ସତ୍ୟନାରାୟଣ ପଟ୍ଟନାୟକ ଚାକିରି କାଳରେ ବିପୁଳ ବେଆଇନ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଛି। ତାଙ୍କ ସଂସ୍ଥା ପୋଲିସ ହାଉସିଂର କର୍ମଚାରୀମାନେ ଭିଜିଲାନ୍ସ ଏସ୍‌ପି (ଭୁବନେଶ୍ୱର)ଙ୍କ ନିକଟରେ ଅକ୍ଟୋବର ୨୦ରେ ଏ ନେଇ ଅଭିଯୋଗ କରିବା ସହିତ ଏହାର ଏକ ନକଲ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ ଶ୍ରୀ ପଟ୍ଟନାୟକ ୨୫.୦୫.୧୯୮୪ରେ ପ୍ରୋବେଶନାରୀ ଆକାଉଣ୍ଟାଣ୍ଟ ଭାବେ ମାସିକ ଟ ୫୦୦/-ରେ ଚାକିରି ଆରମ୍ଭ କରି ୩୦.୧୧.୨୦୨୦ରେ ଡେପୁଟି ମ୍ୟାନେଜର ଭାବେ ମାସିକ ଟ ୬୬,୪୫୨/- ବେତନରେ ଅବସର ନେଇଥିଲେ। ଏହି ୩୬ ବର୍ଷ ଚାକିରିକାଳରେ ତାଙ୍କ ନେଟ ଦରମା ୩୭.୬୩ ଲକ୍ଷ ଟଙ୍କା ଉପାର୍ଜନ କରିଥିଲେ । ଏହି ଟଙ୍କାରେ ସେ ନିଜର ପରିବାର ଚଳାଇବା, ଦୁଇ ଝିଅଙ୍କବାହାଘର ଏବଂ ଅନ୍ୟାନ ଖର୍ଚ୍ଚ ପରେ ଅମାପ ସମ୍ପତ୍ତିର ମାଲିକ କିପରି ହେଲେ ତାହା ତଦନ୍ତ ସାପେକ୍ଷ। ଶ୍ରୀ ପଟ୍ଟନାୟକଙ୍କ ସମ୍ପତ୍ତି ତାଲିକା ବହୁ ଲମ୍ବା। ଭୁବନେଶ୍ୱରର ପଟିଆରେ ବିଶାଳ ଅଟ୍ଟାଳିକା, ଝିଣ୍ଟି ଶାସନ ସୁର ବାବାଙ୍କ ଆଶ୍ରମରେ ଏକ ଅଟ୍ଟାଳିକା, ନିଜ ଘର ନୟାଗଡ଼ରେ ବହୁତଳ ଅଟ୍ଟାଳିକା, ୨ ଚକିଆ ଏବଂ ଚାରି ଚକିଆ ଯାନ, ଭୁବନେଶ୍ୱର ଏବଂ ବାହାରେ ବହୁ ସଂଖ୍ୟକ ଦାମୀ ପ୍ଲଟ ରହିଛି। ଏହାସହିତ ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟଅଫିସରେ ଲକ୍ଷ ଲକ୍ଷ ଟଙ୍କାର ଜମା, ବୀମା କମ୍ପାନୀରେ ଜମା ଏବଂ ସୁନା ଓ ହୀରା ଗହଣା ଇତ୍ୟାଦି ମଧ୍ୟ ଅଛି।



ଚାକିରିକାଳରେ ସେ ବହୁବାର ଦୁର୍ନୀତି ପାଇଁ ସସପେଣ୍ଡ ହୋଇଛନ୍ତି। ବହୁବାର ତାଙ୍କ ଉପରେ ଶୃଙ୍ଖଳାଗତ କାର୍ଯାନୁଷ୍ଠାନ ନିଆଯାଇଛି।୨୦୦୫-୬ରେ ପଟିଆରେ ଥିବା କୋଠା ନିର୍ମାଣରେ କୋଟିଏରୁ ଅଧିକ ଟଙ୍କା ବ୍ୟୟ ହୋଇଛି। କିନ୍ତୁ ଚାକିରି ଆରମ୍ଭରୁ ଏହି ସମୟ ସୁଦ୍ଧା ତାଙ୍କ ନେଟ ଦରମା ଥିଲା ୩.୧୮ ଲକ୍ଷ ଟଙ୍କା। ଅଭିଯୋଗ ହେଉଛି ଯେ ଶ୍ରୀ ପଟ୍ଟନାୟକ ସୁର ବାବାଙ୍କ ଆଶ୍ରମକୁ ଲକ୍ଷ ଲକ୍ଷ ଟଙ୍କା ଦାନ କରିଛନ୍ତି। ଚାକିରି କାଳରେ କଣ୍ଟ୍ରାକ୍ଟରଙ୍କ ବିଲ ପାସ କରି ପ୍ରତି ବିଲରେ ଅତିକମରେ ୫ ରୁ ୧୦ % ର କମିଶନ ନେଉଥିଲେ।

ଏପରିକି ସତ୍ୟନାରାୟଣଙ୍କ ବିରୋଧରେ ଭବାନୀପାଟଣା ଡିଭିଜନର ପୂର୍ବତନ ମାନେଜର ଚିଠି କ୍ରମାଙ୍କ ୨୩୩୫ ତା ୦୫.୦୮.୨୦୧୫ରେ ପୂର୍ବତନ ବିତ୍ତ ଉପଦେଷ୍ଟାଙ୍କୁ ମିଛରେ ବିଲରେ ଭୂଲ ଦର୍ଶାଇ କଣ୍ଟ୍ରାକ୍ଟରଙ୍କ ଠାରୁ ବିପୁଳ ➪ପୃଷ୍ଠା-୬

## ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ମହାନତା

# ଅଭାବି ପରିବାରକୁ ବଢ଼ାଇଲେ ସହଯୋଗର ହାତ

**ମହାକାଳପଡ଼ା, ୨୭।୧୨ (ସଂଚାର ବ୍ୟୁରୋ) :** ଜଣେ ଅସହାୟ ପରିବାର ପାଖରେ ପହଞ୍ଚି ସହାୟତା ଯୋଗାଇ ଦେଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ପଞ୍ଚାୟତ ଜମ୍ବୁ-ମାର୍ଶାଘାଇ ବ୍ରିଟିଶ୍ କେନାଲ ବନ୍ଧ ଉତ୍ତର ପାର୍ଶ୍ୱରେ ରହୁଥିବାର କାର୍ତ୍ତିକ ମଣ୍ଡଳଙ୍କ ପରିବାର ଅତ୍ୟନ୍ତ ଅସମୟରେ ଜୀବନ



କାଟୁଛନ୍ତି। କାର୍ତ୍ତିକ ଜଣେ ଦିନ ମଜୁରିଆ ଭାବେ କାମ କରୁଥିଲେ। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି। ଗତ ମାସରେ କାର୍ତ୍ତିକ ଏକ ଦୁର୍ଘଟଣାର ଶିକାର ହୋଇ ଚିକିତ୍ସିତ ଅବସ୍ଥାରେ ଘରେ ଅଛନ୍ତି ଅଛନ୍ତି। ପରିବାରରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଘରେ ବସିବାରୁ ରୋଜଗାରର ବାଟ ବନ୍ଦ୍। ଜମି ନଥିବା ଏହି ପରିବାର କେବଳ ରାସନ୍ କାର୍ଡରେ ମିଳୁଥିବା ଚାଉଳକୁ ନିର୍ଭର କରି ଚଳୁଛନ୍ତି। ପତ୍ନୀଙ୍କ ସହ ତିନିଟି ଝିଅ ଓ ଗୋଟିଏ ଚାରି ବର୍ଷର ପୁଅ କାର୍ତ୍ତିକଙ୍କର ଅଛନ୍ତି। କେବଳ ଚାଉଳ ଛଡ଼ା ଆଉ କିଛି ସୁବିଧା ଏମାନଙ୍କ ପାଇଁ ନାହିଁ। ଏହି ଖବର ଜାଣିବା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ପରିବାର କୁ ଏକ ମାସ ର ରାସନ ସାମଗ୍ରୀ ସହ ବସ୍ତ୍ର ଓ ପିଲା ମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି। ଆଜି ର ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ଶ୍ରୀଯୁକ୍ତ ଦମନ ମହାନ୍ତି , ଟ୍ରଷ୍ଟ ର ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ର ଓ ହିମାଂଶୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲା ଗୋରୁ ଓ ଷଣ୍ଢ ଉପଦ୍ରବରେ ଆତଙ୍କିତ ଯାତ୍ରୀ, ବ୍ୟବସାୟୀ

**କେନ୍ଦ୍ରାପଡ଼ା, ୨୭।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ସହରରେ ନିୟମିତ ପଲପଲ ବୁଲା ଗୋରୁଙ୍କ ଅବାଧ ବିଚରଣ ଯାତ୍ରୀ ଓ ବ୍ୟବସାୟୀଙ୍କୁ ନାକେଦମ କଲାଣି। ଏପାଇଁ ବଜାର ଭିତରେ ସଦାସର୍ବଦା ଟ୍ରାଫିକ ସମସ୍ୟା ଉପୁଜୁଛି। ଏବେ କିଛି ମାସ ହେଲା ଷଣ୍ଢ ଉତ୍ପାତ ସହରବାସୀଙ୍କ ନିଦ ହଜେଇ ଦେଇଛି। ପ୍ରଶାସନ କିନ୍ତୁ ନୀରବଦ୍ରଷ୍ଟା ସାଜିଛି । ଯାହାକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ତେଜିବାରେ ଲାଗିଛି ।

ସହରରେ ପଲପଲ ବୁଲା ଗାଈଗୋରୁ, କୁକୁର ଓ ମାଙ୍କଡ ସାଙ୍ଗକୁ ଷଣ୍ଢଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି । ସେମାନଙ୍କ ଅବାଧ ବିଚରଣ ଓ ଉତ୍ପାତ ମଧ୍ୟ ବଢୁଛି। ଷଣ୍ଢମାନେ ରାସ୍ତା କଡରେ ବସୁଥିବା ବିଭିନ୍ନ ବ୍ୟବସାୟୀ ଓ ଦୋକାନ ସାମ୍ନାରୁ ଖାଦ୍ୟ ଜିନିଷ ଭିଡି ଖାଇବା ସହ ଅନ୍ୟାନ୍ୟ ଜିନିଷପତ୍ର ତଳେ ପକେଇ ନଷ୍ଟ କରୁଛନ୍ତି । ପଲପଲ ଗାଈଗୋରୁ ବଜାର ରାସ୍ତାରେ ଘଣ୍ଟା ଘଣ୍ଟା ଶୋଇ ରହିବା ସହ ଲୋକଙ୍କୁ ବାଟ ଛାଡୁନାହାନ୍ତି । ଅନେକ ସମୟରେ ଜନଗହଳିପୂର୍ଣ୍ଣ ବଜାର ଭିତରେ ଦଳଦଳ ଷଣ୍ଢଙ୍କ ଭିତରେ ଘଣ୍ଟା ଘଣ୍ଟା ଲଢେଇ ଯୋଗୁଁ ରାସ୍ତା ଜାମ ହେବା ସହ ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏମିତି କି ଚାରିଚକିଆ ଗାଡ଼ିରେ ଯାଉଥିବା ଯାତ୍ରୀମାନେ ଏହି ସମୟରେ ଗାଡି ଅଟକାଇବା ସହ ପଛୁଆ ଫେରିବାକୁ



**ପୌର-ଟ୍ରାଫିକ ଓ ପଶୁ ଚିକିତ୍ସା ବିଭାଗରେ ରହୁନି ସମନ୍ୱୟ**

**ଖୁବ୍ ଶୀଘ୍ର ହେବ ଅସ୍ଥାୟୀ ଗୋଶାଳା: ପୌରଅଧିକାରୀ**

ବାଧ୍ୟ ମଧ୍ୟ ହେଉଛନ୍ତି। ବାଇକରେ ଶିଶୁଙ୍କୁ ନେଇ ଯାଉଥିବା ଲୋକେ ଭୟରେ ପ୍ରମାଦ ଗଣୁଛନ୍ତି।

ସହରର ତିନିମୁହାଣି ଛକରୁ ଆରମ୍ଭ କରି ସାନ୍ତସାହି ଛକ, କାକଟ ଛକ, ନୂଆ ବସଷ୍ଟାଣ୍ଡ ଛକ, ପୁରୁଣା ବସ୍ ଷ୍ଟାଣ୍ଡ ଛକ, ପୁରୁଣା ମେଡ଼ିକାଲ ଛକ, କେଶପୁର ବଜାର, ଇଚ୍ଛାପୁର ରଥ ଦାଣ୍ଡ ନିକଟରେ ଗୋରୁଗାଈ ମାନେ ଗାଡ଼ି ମଟରଠୁ ଆରମ୍ଭ କରି ପଥ ଚାରିମାନଙ୍କ ବାଟ ଓଗାଳି ଥାନ୍ତି ଯାହା ଫଳରେ ନିୟମିତ ବାଟୋଇ ହଇରାଣ ହରକତ ହେଉଛନ୍ତି । ସ୍ଥାନୀୟ ବ୍ୟବସାୟୀ ଏବଂ ବୁଦ୍ଧିଜୀବି ମାନେ ଏନେଇ ପୌରକର୍ତ୍ତୃପକ୍ଷ ନିକଟରେ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ସେମାନେ କିଛି ଶୁଣୁନଥିବା ସହର ଅଞ୍ଚଳର କିଛି ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଏଥିଯୋଗୁଁ ବଜାର ଭିତରେ ଛୋଟବଡ ଦୁର୍ଘଟଣା ଘଟିବା ସହ ଅନେକ ସମୟରେ ବିପଦର ଆଶଙ୍କା ରହୁଛି। କୌଣସି ବ୍ୟବସାୟୀ, ସାଧାରଣ ଯାତ୍ରୀ ତଥା ଲୋକଙ୍କର କିଛି କ୍ଷତି ହେବା ଆଗରୁ ଏହାକୁ ଦୃଷ୍ଟି ଦେଇ ପ୍ରଶାସନ ଅବା ପୌର କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି। ଏହା ପୌରପାଳିକାର ଦାୟିତ୍ୱ । ସେମାନେ ବୁଲା ଗୋରୁଙ୍କୁ ଆକଟ କରି ଗାଡ଼ିରେ ସହର ବାହାରେ କିମ୍ବା ଗୋଶାଳାରେ ଛାଡିବା କଥା ହେଲେ ତାହା କେନ୍ଦ୍ରାପଡ଼ା ପୌରପାଳିକାରେ ଦେଖାଯାଉ ନାହିଁ ।

ଅନ୍ୟପକ୍ଷରେ ଏନେଇ ପୌରଅଧିକାରୀଙ୍କୁ ପଚାରିବାରୁ ସେମାନେ ଏସମ୍ପର୍କରେ ଜିଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଆଲୋଚନା ସହ ସେମାନଙ୍କ ସହଯୋଗରେ ନୂତନ ଏକ ସ୍ଥାନ ଚିହ୍ନଟ କରାଯାଇଛି ଖୁବ୍ ଶୀଘ୍ର ଉକ୍ତ ସ୍ଥାନରେ ଗୋଶାଳା ନିର୍ମାଣ କରାଯାଇ ସେଠାରେ ବୁଲା ଗୋରୁଙ୍କୁ ରଖାଯିବ। ଏହା ସହ ସହରରେ ବୁଲୁଥିବା ଗାଈ ଗୋରୁଙ୍କୁ ବାହାରକୁ ନିଆଯାଇ ଛଡାଯିବା ସହିତ କିଛି ଗାଈ ଗୋରୁଙ୍କୁ ବର୍ତ୍ତମାନ ଅସ୍ଥାୟୀ କାଞ୍ଜିଆବୁଦା ଛଡାଯାଇ ସେମାନଙ୍କ ମାଲିକଙ୍କଠୁ ଫାଇନ୍ ଆଦାୟ କରାଯାଉଥିବା କହିଛନ୍ତି ପୌରନିର୍ବାହୀ ଅଧିକାରୀ ଗୌରବ କର । କିନ୍ତୁ ବର୍ତ୍ତମାନ ସହରରେ କେତେ ଅବାଧ ଗୋରୁ ଗାଈ ଓ ଷଣ୍ଢ ବୁଲୁଛନ୍ତି ପଚାରିଲେ ପାଖରେ ହିସାବ ନଥିବା କହିଛନ୍ତି । ଯାହାକୁ ନେଇ ନାନାଦି ପ୍ରଶ୍ନ ଉଠିଛି।

# ବିପଦ ସଙ୍କୁଳ ଅବସ୍ଥାରେ ଚାଲିଛି ନଦୀ ଘାଟ

**ମହାକାଳପଡ଼ା, ୨୭।୧୨ (ସଂଚାର ବ୍ୟୁରୋ) :** ଉଛୁଳା ନଦୀରେ ବିପଦ ସଙ୍କୁଳ ଅବସ୍ଥାରେ ଚାଲିଛି ଘାଟ। ଆବଶ୍ୟକତା ଠାରୁ ଅଧିକ ଲୋଡ୍ କରି ଘାଟିଆ ଚଳାଉଛନ୍ତି ଡଙ୍ଗା। କାହାରି ପାଇଁ ଲାଇଫ ଜ୍ୟାକେଟ ଖଣ୍ଡିଏ ନାହିଁ। କେତେବେଳେ



ଯେ କାହା ସହିତ କ'ଣ ଘଟିବ ସେକଥା କିଏ କହିବ? ଏମିତି ଅବସ୍ଥାରେ ଜୀବନକୁ ପାଣି ଛଡାଇ ନିତିଦିନ ହଜାର ହଜାର ଲୋକେ ଏହି ଘାଟରେ ନଦୀ ପାର ହେବାକୁ ବାଧ୍ୟ ହେଉଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଅଧିନସ୍ଥ ଏ ହେଉଛି ମହାକାଳପଡ଼ା-ତେର ଗାଁ ନଦୀ ଘାଟର ଦୃଶ୍ୟ। ଯାତାୟତ ପାଇଁ ଏହି ଘାଟ ଲୋକଙ୍କ ମୁଖ୍ୟ ମାଧ୍ୟମ ସାଜିଛି। ମହାକାଳପଡ଼ା ପଟରେ ସବୁ ସରକାରୀ କାର୍ଯ୍ୟାଳୟ ଯଥା: ବ୍ଲକ୍, ତହସିଲ, ବ୍ୟାଙ୍କ୍, ମହାବିଦ୍ୟାଳୟ ଆଦି ରହିଥିବାରୁ ଏହି ଘାଟ ଦେଇ ସାମନ୍ତସିଂହାରପୁର, ପଟଣା, ବେଲାର ନୁଆ ଗାଁ, ଓସ୍ତର, ଶୋବଳା, ଘୋଡ଼ା ବନ୍ଧ ଆଦି ଗ୍ରାମର ଲୋକେ, କଲେଜ ପିଲା ନିତିଦିନିଆ ଭାବେ ଯାଆ ଆସ କରୁଛନ୍ତି। କେବଳ ସେତକ ନୁହେଁ ନିଜର ପେଟପାଟଣା ପାଇଁ ପାରାଦ୍ୱୀପକୁ କାମ କରିବାକୁ ଯାଉଥିବା ମହାକାଳପଡ଼ା, ମଙ୍ଗଳପୁର, ଗୋପାଳପୁର, ଗଉଡବାଡ ପୁର, କେୟାରବାଙ୍କ, ଛପାଳି ଆଦି ଗ୍ରାମର ଲୋକମାନେ ଏହି ଘାଟ ଉପରେ ସମ୍ପୂର୍ଣ୍ଣ

**ନାହିଁ ଲାଇଫ ଜ୍ୟାକେଟ**

**ଅଘଟଣ ଘଟିଲେ କିଏ ହେବ ଦାୟୀ ?**

**ଘାଟିଆ ନା ପ୍ରଶାସନ ?**

ନିର୍ଭରଶୀଳ। ଦୈନିକ ୧୦୦୦ ରୁ ଉର୍ଦ୍ଧ୍ୱ ଲୋକ ଏହି ଘାଟରେ ପାରି ହୁଅନ୍ତି। ଉଛୁଳା ନଦୀରେ ଆବଶ୍ୟକତା ଠାରୁ ଅଧିକ ଲୋଡ୍ କରି ଘାଟିଆ ଚଳାଉଛନ୍ତି ଡଙ୍ଗା। ସବୁଠାରୁ ବଡ଼ କଥା ହେଉଛି ଡଙ୍ଗାରେ ଗୋଟିଏ ହେଲେ ବି ଲାଇଫ ଜ୍ୟାକେଟ ନାହିଁ। ପ୍ରଶାସନ ତରଫରୁ ନା ପେଟ୍ରୋଲିଂ ହେଉଛି ନା ତାଗିଦ୍।

ନିକଟ ଅତୀତରେ ହୋଇଥିବା ଡଙ୍ଗା ବୁଡ଼ି ଘଟଣାରେ ପ୍ରଶାସନ ଚିହିଁକି ଉଠିଥିଲା ହେଲେ ଏବେ ସବୁ ଚୁପ୍। ବିନା ଲାଇଫ ଜ୍ୟାକେଟ ରେ ଆବଶ୍ୟକତା ଠାରୁ ଅଧିକ ଲୋଡ୍ କରି ଯେଉଁ ଡଙ୍ଗା ଚାଲୁଛି ଯଦି ସେଥିପାଇଁ କିଛି ଦୁର୍ଘଟଣା ଘଟିବ ତାହାର ଶ୍ରେୟ ନେବ ତ ପ୍ରଶାସନ? ଆହୁରି ଏକ ବଡ କଥା ହେଉଛି ବିଗତ ସରକାର ସମୟରେ ଏହି ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ହେଲେ ତାହା ମଧ୍ୟ ଆଗକୁ ଯାଇନି। ଏମିତି ଅବସ୍ଥାରେ ଲୋକମାନେ ଜୀବନକୁ ପାଣି ଛଡାଇ ବିପଦପୂର୍ଣ୍ଣ ଭାବରେ ନଦୀ ପାର ହେଉଛନ୍ତି। ଏଥିପାଇଁ ପ୍ରଶାସନ ତରଫରୁ କ'ଣ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି।

# ଜନସେବା କେନ୍ଦ୍ରରେ ଚୂନ ଲଗାଇଲେ ସାଇବର ଠକ

**ଆକାଉଣ୍ଟରୁ ଲୁଟିନେଲେ ୪୦ ହଜାର ଟଙ୍କା, ବ୍ୟାଙ୍କ କର୍ମଚାରୀଙ୍କ ସଂପୃକ୍ତି ସନ୍ଦେହ**

**କେନ୍ଦ୍ରାପଡ଼ା, ୨୭।୧୨ (ସଂଚାର ବ୍ୟୁରୋ) :** ଦିନକୁ ଦିନ ବଢୁଛି ସାଇବର ଲୁଟେରାଙ୍କ ଲୁଟ୍‌ପାଟ। ଭିନ୍ନ ଭିନ୍ନ ତରିକା ବଦଳାଉଛନ୍ତି ଲୋକଙ୍କ ଠୁ ଚୂନ ମାରୁଛନ୍ତି । ସହଜ ସୁବିଧାରେ ଅକାଉଣ୍ଡ ରୁ ପୋଛି ନେଉଛନ୍ତି ଗଛିତ ଅର୍ଥ ରାଶି। ଏହି ସାଇବର ଅପରାଧି ଏବେ ଓଟିପି ଦେଇ ଟଙ୍କା ଲୁଟିବା ତରିକା ଲୋକେ ଜାଣି ଯିବା ପରେ ସେମାନେ ଲୁଟିବାର ତରିକା ମଧ୍ୟ ବଦଳାଇ ଦେଇଥିବା ଏବେ ଦେଖିବାକୁ ମିଳିଛି । ସୂଚନା ମୁତାବକ କେନ୍ଦ୍ରାପଡ଼ାର ଜଣେ ଜନସେବା କେନ୍ଦ୍ରର ମାଲିକଙ୍କ ଠାରୁ ଭିନ୍ନ ତରିକାରେ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଜନସେବା କେନ୍ଦ୍ର ମାଲିକ ଜାନକୀ ବଲ୍ଲଭ ସାହୁ କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି ।

ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଜଣେ ଯୁବକ ଆସି କହିଲେ ତାଙ୍କର ସମ୍ପର୍କୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ପାଇଁ ଟଙ୍କାର ଆବଶ୍ୟକତା ରହିଛି । ତେଣୁ ତାଙ୍କୁ ୪୦ ହଜାର ନଗଦ ଅର୍ଥରାଶିର ଆବଶ୍ୟକତା ରହିଛି। ଏହା ବଦଳରେ ଫୋନ୍ ପେରେ ବାଙ୍ଗାଲୋରରୁ ଯୁବକଙ୍କ ସମ୍ପର୍କୀୟ ଟଙ୍କା ପଠାଇବେ । ଏ ନେଇ ଯୁବକ ଜଣକ ଜନସେବା କେନ୍ଦ୍ରର ବାରକୋଡ଼କୁ ଜଣେ ଯୁବକଙ୍କ ପାଖକୁ ପଠାଇଥିଲେ । ତାଙ୍କ ପେଟିଏମ୍ (ଇଣ୍ଡିଆନ ବ୍ୟାଙ୍କ, କେନ୍ଦ୍ରାପଡ଼ା ତିନିମୁହାଣୀ ଶାଖା) ଆକାଉଣ୍ଟକୁ ସଙ୍ଗେ ସଙ୍ଗେ ୪୦ ହଜାର ଟଙ୍କା ଆସିଥିଲା । ଏହି ଟଙ୍କା ତାଙ୍କ ସେଭିଙ୍ଗ ଆକାଉଣ୍ଟରେ ରହିଥିଲା। ସେହିଦିନ ତାଙ୍କର କାର ଋଣ ବାବଦକୁ ୧୨ ହଜାର ଟଙ୍କା ବ୍ୟାଙ୍କରେ ପୈଠ କରିବାର ଥିଲା । ହେଲେ ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଲା ତାଙ୍କ ଆକାଉଣ୍ଟରେ ବାଲାନ୍ସ ନାହିଁ । ଏ ନେଇ ସେ ବ୍ୟାଙ୍କ ସହ ଯୋଗାଯୋଗ କରିବାରୁ ଆକାଉଣ୍ଟ ବ୍ଲକ ହୋଇ ଯାଇଛି ବୋଲି ଉତ୍ତର ମିଳିଥିଲା । ଏ ନେଇ ସେ ଇଣ୍ଡିଆନ୍ ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରିବାରୁ ଶାଖା ପରିଚାଳକ ବାଙ୍ଗାଲୋରର ହେବାଲ ଷ୍ଟେଟ୍‌ବ୍ୟାଙ୍କ ଶାଖାର ନିର୍ଦ୍ଦେଶକ୍ରମେ ତୁମ ଆକାଉଣ୍ଟ ବନ୍ଦ କରାଯାଇଛି । ହେଲେ ଜାନକୀ ଯେଉଁ ଫୋନ ନମ୍ବରରୁ ଟଙ୍କା ଆସିଥିଲା ସେହି ଫୋନ ନମ୍ବରକୁ ଯୋଗାଯୋଗ କରିଥିଲେ। ତାଙ୍କ ନମ୍ବର ଲାଗିଥିଲା ଷ୍ଟେଟ୍‌ବ୍ୟାଙ୍କର ଜଣେ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏହାସହ ୪୦ ହଜାର ଟଙ୍କା ମୋ ଆକାଉଣ୍ଟରୁ ତୁମ ଆକାଉଣ୍ଟକୁ ଯାଇଛି, ତୁରନ୍ତ ଏହାକୁ ଫେରସ୍ତ କର ମୁଁ ଥାନାରେ ବସିଛି ବୋଲି କହିଥିଲେ । ବାଙ୍ଗାଲୋର ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ କେନ୍ଦ୍ରାପଡ଼ା ଇଣ୍ଡିଆନ୍ ବ୍ୟାଙ୍କକୁ ଅବଗତ କରିଛନ୍ତି ଯେ ଏହି ଆକାଉଣ୍ଟ ତାଙ୍କ ବ୍ୟାଙ୍କର ଜଣେ କର୍ମଚାରୀଙ୍କର । ସଂପୃକ୍ତ କର୍ମଚାରୀଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଜାନକୀଙ୍କ ଆକାଉଣ୍ଟକୁ ଯାଇଛି। ତେଣୁ ଜାନକୀଙ୍କ ଆକାଉଣ୍ଟକୁ ବନ୍ଦ କରାଯାଉ ବୋଲି ସେ କେନ୍ଦ୍ରାପଡ଼ା ଶାଖା ପରିଚାଳକଙ୍କୁ କହିଥିଲେ। ଏହାସହ କୋଡିଗେଲୀ ଥାନାରେ ହୋଇଥିବା ଅଭିଯୋଗପତ୍ର ମେଲ ଯୋଗେ ପଠାଇଥିଲେ । ଏହା ଜାଣିବା ପରେ ଜାନକୀଙ୍କ ହୃଦବୋଧ ହୋଇଥିଲା ସେ ସାଇବର ଲୁଟେରାଙ୍କ ଶିକାର ହୋଇଛନ୍ତି ଓ ସାଇବର ଠକଙ୍କ ସହ ବ୍ୟାଙ୍କ କର୍ମଚାରୀ ସଂପୃକ୍ତ ଥିବା ସେ ସନ୍ଦେହ କରିଛନ୍ତି ।

# ଜାନୁଆରୀ ୧୦ରୁ ଧାନ କିଣା

## ଚାଷୀଙ୍କୁ ସଚେତନ କଲା ପ୍ରଶାସନ

**କେନ୍ଦ୍ରାପଡା, ୨୭।୧୨ (ସଂଚାର ବ୍ୟୁରୋ) :** ୧୧୮ଟି ମଣ୍ଡିରେ ଧାନକ୍ରୟ ଆରମ୍ଭ କରାଯିବ ଜାନୁଆରୀ ୧୦ ତାରିଖରେ କେନ୍ଦ୍ରାପଡ଼ା ପ୍ରଶାସନ କିଣିବା ନେଇ ନିଷ୍ପତ୍ତି ନିଆଯାଇଛି। ଏନେଇ ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ସଚେତନତା କରାଇବା ପାଇଁ କୁତରଙ୍ଗ ଓ ଇନ୍ଦୁପୁର ପ୍ୟାକ୍ସର ୬ଟି ପଂଚାୟତର ଚାଷୀ ମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ କୁତରଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ଖରିଫ ୨୦୨୪-୨୫ ବର୍ଷ ନିମନ୍ତେ ଧାନକ୍ରୟ ମଣ୍ଡି ଖୋଲା ହେବା ପୂର୍ବରୁ ସରକାରଙ୍କ ନିୟମ ଅନୁଯାଇ ଚାଷୀମାନେ ଅଗ୍ରୀମ ଟୋକନ ଗ୍ରହଣ କରି ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରୟ କରିପାରିବେ। ସହକାରୀ ନିବନ୍ଧକ ଅଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଏଫଏକ୍ୟୁ



ସାଧାରଣ ମାନର ଧାନ କ୍ୱିଣ୍ଟାଲ ପ୍ରତି ୨୩୦୦ ଟଙ୍କା ଉପରେ ଅତିରିକ୍ତ ୮୦୦ ଟଙ୍କାର ଇନପୁଟ ସହାୟତା ରାଶି ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି । ଏବଂ ଗ୍ରେଡ ଏ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୨୦ ଟଙ୍କା ରଖାଯାଇଛି । ଏ ସମ୍ବନ୍ଧରେ କୌଣସି ପ୍ରକାର ଅସୁବିଧା ହେଲେ ଅଧିକ ଜାଣିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀ, ସଂପୃକ୍ତ ତହସିଲଦାର ଓ ବିଡିଓଙ୍କୁ ଚାଷୀମାନେ ଯୋଗାଯୋଗ କରିପାରିବେ ବୋଲି ଚାଷୀ ମାନଙ୍କୁ ସଚେତନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇନ୍ଦୁପୁର ପ୍ୟାକ୍ସର ସଭାପତି ରୁଦ୍ର ପ୍ରସାଦ ଦାସ ଓ କୁତରଙ୍ଗ ପ୍ୟାକ୍ସର ସଭାପତି ପଦ୍ମନାଭ ସାହୁଙ୍କ ସମେତ ଏସିଏସ୍‌ଓ ପୁନମ ଜେନା, ମାନ ନିରୀକ୍ଷଣ ସମ୍ବିତ୍ ପରିଡାଙ୍କ ସମେତ ୬ଗୋଟି ପଂଚାୟତର ସରପଂଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଏବଂ ସ୍ଥାନୀୟ ଅଂଚଳର ଚାଷୀମାନେ ଉପସ୍ଥିତ ଥିଲେ ।

# ଛତୁଆ ନାମରେ ଚୋକଡ ବାଣ୍ଟୁଛି ତ୍ରିନାଥ ଏସ୍‌ଏଚ୍‌ଜି

**ଗୋଟିଏ ଜାଗାରେ ଠିକଣା ଦେଇ ଅନ୍ୟଠି ହେଉଛି ପ୍ରସ୍ତୁତି**

**ଓଜନରେ ରହୁନି ତାଳମେଳ**

**ସବୁ ଜାଣି ଚୁପ୍ ଅଧିକାରୀ**





**ମାର୍ଶାଘାଇ, ୨୭।୧୨ (ସଂଚାର ବ୍ୟୁରୋ) :** ଛତୁଆ ପ୍ୟାକେଟରୁ ବାହାରୁଛି ଚୋକଡ। ୧ କେଜି ଛତୁଆରୁ ପାଖାପାଖି ୪୦୦ ଗ୍ରାମ୍‌ର ଚୋକଡ ବାହାରୁଛି। ୧୫୦୦ ଗ୍ରାମ୍ ଲେଖାଥିବା ଗୋଟିଏ ଛତୁଆ ପ୍ୟାକେଟ ଓଜନ କଲେ ୧୩୦୦ ଗ୍ରାମ୍ ହେଉଥିବା ବେଳେ ୫୦୦ ଗ୍ରାମ୍ ର ଗୋଟିଏ ବାଦାମ ଲଡୁ ଓଜନ କଲେ ୪୦୦ ଗ୍ରାମ ହେଉଛି। ଗୋଟିଏ ସ୍ଥାନରେ ଛତୁଆ ପ୍ରସ୍ତୁତ ହେଉଛି ବୋଲି ସରକାରଙ୍କୁ ଦର୍ଶାଯାଇଛି ହେଲେ ପ୍ରସ୍ତୁତି ଚାଲିଛି ଅନ୍ୟଆଡେ। ଏମିତି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧିନରେ ଛତୁଆ, ଲଡୁ ଯୋଗାଣ ଦାୟିତ୍ୱରେ ଥିବା ତ୍ରିନାଥ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିକଟରୁ।

କୋମଳମତି ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାକୁ ମାର୍ଶାଘାଇ ର ଏହି ତ୍ରିନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଦାୟିତ୍ୱ ନେଇଛି। ହେଲେ ଏହି ଯୋଗାଣକାରୀ ଗୋଷ୍ଠୀଙ୍କ ବାବଦରେ ଲମ୍ବା ଅଭିଯୋଗ ଆଣିଛନ୍ତି କିଛି ହିତାଧିକାରୀ। ଗୋଷ୍ଠୀର ମହିଳାମାନେ ଛତୁଆ ପ୍ରସ୍ତୁତ କରିବା ପାଇଁ ଜମପଡା ପଞ୍ଚାୟତ ବଦଳରେ ଦୁମୁକା ପଞ୍ଚାୟତରେ ଛତୁଆ ପ୍ରସ୍ତୁତ କରୁଛନ୍ତି। ତ୍ରିନାଥ ସ୍ୱୟଂ ସହାୟକ ମହିଳା ମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ସେଣ୍ଟରରେ ବାରମ୍ବାର ଅପମିଶ୍ରିତ ଖାଦ୍ୟର ଅଭିଯୋଗର ଲମ୍ବା ଚିଠା ଯାହା ଅଭିଯୋଗ ଆଣିଛନ୍ତି ହିତାଧିକାରୀ ମାନେ।

ଗତ କିଛିଦିନ ତଳେ ଓଡ଼ିଶାର ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରସ୍ତରେ ଆସିଥିବା ବେଳେ କିଛି ହିତାଧିକାରୀ ଉପମୁଖ୍ୟ ମନ୍ତ୍ରୀଙ୍କୁ ଭେଟି ଛତୁଆରୁ ପୋକ ବାହାରୁଥିବା ନେଇ ଅଭିଯୋଗ କରିବା ପରେ ସଙ୍ଗେ ସଙ୍ଗେ ଉପମୁଖ୍ୟ ମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଫଳ ଶୂନ।

ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ଛତୁଆ ସେଣ୍ଟର ସରକାରୀ ଖାତାରେ ଗୋଟିଏ ସ୍ଥାନରେ ଚାଲୁଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ଚାଲିଛି ଅନ୍ୟ ଆଡେ। କାହା ସ୍ୱାର୍ଥରେ ଓ କାହା ଛତ୍ରଛାୟାରେ ଚାଲିଛି ଏମିତି କାରବାର? ରାଜ୍ୟ ସରକାର କୋମଳମତି ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବାବେଳେ ଏଠି କିନ୍ତୁ ଦେଖିବାକୁ ମିଳିଛି ବ୍ୟତିକ୍ରମ । ପରିଚାଳନା କମିଟି ଓ ବିଭାଗୀୟ ଅଧିକାରୀଙ୍କ ମିଳିଭଗତ ରେ ଏମିତି ଲୁଟ ହେଉଛି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନେଇ ପ୍ରଶାସନ ତରଫରୁ କ'ଣ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି।



# କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ବିଜେପି କୃଷକ ନେତା

**କେନ୍ଦ୍ରାପଡା, ୨୭।୧୨ (ସଂଚାର ବ୍ୟୁରୋ) :** ବାରମ୍ବାର ଲଘୁଚାପ ଜନିତ ଅଦିନିଆ ବର୍ଷାରେ ଜିଲ୍ଲାର ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଚାଷୀଙ୍କ ବ୍ୟାପକ କ୍ଷତି ହୋଇଥିବା ବେଳେ ସରକାରୀ ସହାୟତା ଦାବି କରାଯାଉଥିବା ବେଳେ ଶୁକ୍ରବାର ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ, ସଂପାଦକ ବିକ୍ରମ କେଶରୀ ରାଉତରାୟ ପ୍ରମୁଖ ଜିଲ୍ଲାର ଜମଧର ପଂଚାୟତର ବିଭିନ୍ନ ଅଂଚଳ ଗସ୍ତ କରି ଚାଷୀ ମାନଙ୍କୁ ଭେଟିବା ସହ ସେମାନଙ୍କ ଠାରୁ କ୍ଷୟକ୍ଷତିର ତଥ୍ୟ ସଂଗ୍ରହ କରିଥିଲେ ଓ ବିଲରେ ପାଣିରେ ବୁଡି ରହିଥିବା ଧାନ କ୍ଷତ ପରିଦର୍ଶନ କରି ଚାଷି ମାନଙ୍କୁ ସମବେଦନା ଜଣାଇବା ସହ ରାଜ୍ୟ ସରକାର ଏ ଦିଗରେ ସଚେତନ ଅଛନ୍ତି ଓ ରିପୋର୍ଟ ମିଳିବା ମାତ୍ରେ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପ ସଭାପତି ହୃଷିକେଶ ଜେନା, ସଂଯୋଜକ ସୁରଥ ସେଠୀ, ବିଚିତ୍ର ପ୍ରଧାନ, ଯୁଧିଷ୍ଠିର ମଲିକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଙ୍କର୍ଷଣ ଜେନା, ଅଞ୍ଜନ କୁମାର ପଲାଇଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ ।

# ବିଲରେ ଗଜା ହେଲାଣି ଧାନ

**ରାଜନଗରରେ ୭୫୯୯ ହେକ୍ଟର ଫସଲ ନଷ୍ଟ**

**ରାଜନଗର, ୨୭।୧୨ (ସଂଚାର ବ୍ୟୁରୋ) :** ଅଦିନିଆ ବର୍ଷା ଚାଷୀର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଫସଲ ଅମଳ କରି ଘରକୁ ଆଣିବା ପୂର୍ବରୁ ଡିସେମ୍ବର ମାସରେ ଅଦିନିଆ ବର୍ଷାରେ ସୁନାର ଫସଲ ନଷ୍ଟ ହୋଇଯିବା ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଧାନ ଅମଳ କରି ଋଣ ସୁଝିବା ସହ ପରିବାର ଲୋକଙ୍କ ପେଟରେ ବର୍ଷକର ଦାନା ଦେବା ପାଇଁ ସଂଗ୍ରହ କରି ରଖିଥାନ୍ତା। ଚଳିତବର୍ଷ ବିଳମ୍ବରେ ଚାଷ ହେଲେ ମଧ୍ୟ ଭଲ ଫସଲ ହୋଇଥିଲା। ବାତ୍ୟା ଦାନା ଯେତିକି ଉଜାଡି ଥିଲା, ଆଉ ଯାହା ଥିଲା ଅଦିନିଆ ଲଘୁଚାପ ବର୍ଷା ତାକୁ ସାରିଦେଲା।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ସରକାରୀ ପ୍ରାଥମିକ ଆକଳନ ହିସାବରେ ୭୫୯୯ ହେକ୍ଟର ଫସଲ ନଷ୍ଟ ହୋଇଥିବା ରିପୋର୍ଟ ଦିଆଯାଇଛି। ୩୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ରିପୋର୍ଟ ଆସିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସରକାରୀ ରିପୋର୍ଟ ମୁତାବକ ୨୪୬୨ ହେକ୍ଟର ଜମିରେ ଫସଲ କଟା ହୋଇ ପଡ଼ିଥିବା ବେଳେ ବର୍ଷାରେ ତାହା ନଷ୍ଟ ହୋଇଛି। ୫୧୩୭ ହେକ୍ଟର ଧାନ ବିଲରେ ଏଯାଏଁ କଟା ହୋଇନି। ଲଗାଣ ବର୍ଷା ଯୋଗୁଁ ଧାନ ଫସଲ ବିଲରେ ଝଡି ପଡ଼ିଥିବା କୁହାଯାଉଛି। ବ୍ଲକ ସଭାଗୃହରେ ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ସହକାରୀ କୃଷି ଅଧିକାରୀ ଦେବବ୍ରତ ସେଠୀଙ୍କ ସହିତ ରାଜସ୍ୱ ନିରୀକ୍ଷକ, ଗ୍ରାମ କୃଷି ସହାୟକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ



ଯୋଗଦେଇଥିଲେ। ସରକାରଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି। ୩୦ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

କେନ୍ଦ୍ରାପଡ଼ା ଜିଲ୍ଲା ବଂଗୋପସାଗର ତଟବର୍ତୀ ରାଜନଗର ବ୍ଲକ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନାକରି ପ୍ରତିକୂଳ ପରିବେଶରେ ବଞ୍ଚିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଗତ କିଛିବର୍ଷ ହେଲା ଲଗାତର ଭାବେ ଚାଷୀ କ୍ଷତିର ସମ୍ମୁଖୀନ ହେଉଛି। ନଦୀ ନାଳ ଘେରା ରାଜନଗର ବ୍ଲକରେ ଲୋକେ କେବଳ ଖରିଫ ଧାନଚାଷ ଉପରେ ନିର୍ଭର କରିଥାନ୍ତି। କୃଷି ବିଭାଗର ରିପୋର୍ଟ ଅନୁଯାୟୀ ଚଳିତବର୍ଷ ୨୨୪୪୭ ହେକ୍ଟର ଜମିରେ ଖରିଫ ଧାନଫସଲ ହୋଇଥିଲା। ସେଥିମଧ୍ୟରୁ ୧୪୮୪୮ ହେକ୍ଟର ଚାଷ ଜମିରୁ ଧାନ ଅମଳ ହୋଇ ଘରକୁ ଆସି ସାରିଥିବା ବେଳେ ୫୧୩୭ ହେକ୍ଟର ଜମିରେ ଫସଲ ଏଯାଏଁ କଟା ହୋଇନି। ୨୪୬୨ ହେକ୍ଟର ଚାଷଜମିରେ ଫସଲ କଟା ହୋଇ ଜମିରେ ପଡ଼ିଥିବା ବେଳେ ବର୍ଷା ହୋଇ ତାହା ନଷ୍ଟ ହୋଇଛି। ୫ଦିନ ଧରି ଲଗାଣ ବର୍ଷା ଯୋଗୁଁ ଚାଷଜମିରେ କଟା ହୋଇ ପଡ଼ିଥିବା ଧାନ ଫସଲ ଗଜା ହୋଇ ଗଲାଣି। ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ଯେଉଁ ଧାନ ଏଯାଏଁ କଟାଯାଇନି, ବର୍ଷାମାଡରେ ଅଧିକାଂଶ ଧାନ ବିଲରେ ଗଳି ପଡ଼ିଛି। ଏଭଳି ସ୍ଥିତିରେ ଚାଷୀର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି।

ଅକ୍ଟୋବର ୨୪ରେ ବାତ୍ୟା ଦାନା ଯୋଗୁଁ ରାଜନଗର ବ୍ଲକରେ ଧାନ ଫସଲ ବ୍ୟାପକ ଭାବେ କ୍ଷତି ହୋଇଥିଲା। ପ୍ରାୟ ୮ହଜାର ହେକ୍ଟର ଚାଷଜମିର ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏବେ ଆଉ ଯେତିକି ଥିଲା, ତାହା ଅମଳ ପୂର୍ବରୁ ବର୍ଷାମାଡରେ ନଷ୍ଟ ହୋଇଯିବା ଫଳରେ ଚାଷୀ ବର୍ଷକର ଆହାର ହରାଇଛି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ

**ରାଜନଗର :** ରାଜନଗର ଏକ କୃଷି ପ୍ରଧାନ ଅଞ୍ଚଳ। ଖରିଫଧାନ ଚାଷୀମାନଙ୍କର ଏକମାତ୍ର ଆଶା ଓ ଭରସା। ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷା ଯୋଗୁଁ ରାଜନଗର ଅଞ୍ଚଳରେ ଚାଷୀଙ୍କର ବର୍ଷକର ଦାନା ଉଜୁଡି ଯାଇଛି। ବାତ୍ୟା ଦାନାରେ ଚାଷୀଙ୍କ ଧାନ ଯେତିକି ନଷ୍ଟ ହୋଇଥିଲା ଅଦିନିଆ ବର୍ଷା ବଳକା ଧାନକୁ ନଷ୍ଟ କରିଦେଇଛି। ଯାହାଫଳରେ ଚାଷୀକୂଳ ବ୍ୟାପକ କ୍ଷତିର ସମ୍ମୁଖିନ ହେବାକୁ ଯାଉଛନ୍ତି। ଏ ନେଇ ରାଜନଗର ବ୍ଲକ ଭାରତୀୟ ଜନତା ପାର୍ଟି ତରଫରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଭାରତୀୟ ଜନତା ପାର୍ଟିର ବରିଷ୍ଠ ନତୋ ନୀଳମଣୀ ସାହାଣୀ, ମେଘଶ୍ୟାମ ସାହୁ, ଦିଲ୍ଲୀପ ରଞ୍ଜନ ପାଲ, ବିଜୟ କୁମାର ବଳ, ସନ୍ତୋଷ କୁମାର ସାହୁ, ଜିଲ୍ଲା ବିଜେପି ଉପସଭାପତି ସଦାଶିବ ଜେନା, ମଙ୍ଗୁଳି ଚରଣ ମହାନ୍ତି, ହୃଷିକେଶ ଜେନା, ଶୁନ୍ୟବାସୀ



ରଣା, ଚିତ ରଞ୍ଜନ ନାୟକ, ଚିତ ରଞ୍ଜନ ପାତ୍ର, କ୍ରୀଷ୍ଟା ବେହେରା, କରୁଣାକର ପରିଡ଼ା ପ୍ରମୁଖ ବିଜେପି କର୍ମକର୍ତାମାନେ ଆଜି ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, କୃଷିମନ୍ତ୍ରୀ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇବା ପାଇଁ କଂଗ୍ରେସର ଦାବି

**ରାଜନଗର :** ଲଘୁଚାପ ଯୋଗୁଁ ଅଦିନିଆ ବର୍ଷା ରାଜନଗର ଅଞ୍ଚଳର ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ୫ଦିନ ଧରି ଅଦିନିଆ ବର୍ଷା ପାଚିଲା ସୁନାର ଫସଲକୁ ଉଜାଡି ଦେଇଛି। ଅଧିକାଂଶ ବିଲରେ ଧାନ କଟାହୋଇ ପାଣିରେ ଭାସୁଥିବା ବେଳେ ଅଧିକାଂଶ କଚଡା ଧାନରେ ଗଜା ହୋଇଯାଇଛି। ଯାହାଫଳରେ ଚାଷୀମାନେ ହା ହୁତାଶ ଭିତରେ ଦିନ ଗଣୁଛନ୍ତି। ବିଲରେ ପାଣି



ଥିବାରୁ ଧାନ ସଂଗ୍ରହ କରିବା ଆଉ ସମ୍ଭବ ହୋଇପାରୁନାହିଁ, ଯାହାକୁ ନେଇ ଆଜି ରାଜନଗର କଂଗ୍ରେସ କମିଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦାବୀପତ୍ର ଦେଇଛନ୍ତି। କଂଗ୍ରେସ ନେତାମାନେ ସମସ୍ତ ଚାଷୀଭାଇ ମାନଙ୍କୁ କୃଷିଋଣ ଛାଡ ସହ ଉପଯୁକ୍ତ ଭାଗଚାଷୀ ଚିହ୍ନଟ କରି ଅର୍ଥରାଶି ପ୍ରଦାନ, ରବି ଫସଲ ପାଇଁ ତୁରନ୍ତ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ବିହନ ଓ ସାର ଯୋଗାଇବା, ସ୍କୁଲ ଏବଂ କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫିସ ଛାଡ କରିବା ସହିତ ପାଠ୍ୟ ପୁସ୍ତକ ପ୍ରଦାନ, ଶୀଘ୍ର ମଣ୍ଡି ଖୋଲି କଟନି ଛଟନି ନକରି ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଶୀଘ୍ର କ୍ଷୟକ୍ଷତି ପ୍ରଦାନ କରିବା ପ୍ରଭୃତି ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

## ମନମୋହନ ସିଂହଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରଙ୍କ ଶୋକ



ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ): ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଡକ୍ଟର ମିଶ୍ର ତାଙ୍କର ଶୋକବାର୍ତ୍ତାରେ କହିଛନ୍ତି, ଡକ୍ଟର ମନମୋହନ ସିଂଙ୍କ ବିୟୋଗରେ ଦେଶ ଜଣେ ସମ୍ମାନାସ୍ପଦ ନେତା, ବିଶିଷ୍ଟ ଅର୍ଥଶାସ୍ତ୍ରୀ ଏବଂ ମହାନ ବ୍ୟକ୍ତିତ୍ୱଙ୍କୁ ହରାଇଛି। ସ୍ୱର୍ଗତ ଡକ୍ଟର ସିଂହ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରେ ଶିକ୍ଷାଦାନ କରୁଥିବା ସମୟରେ ତାଙ୍କର ସଂସ୍ପର୍ଶରେ ଆସିଥିଲେ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଛନ୍ତି। ଡକ୍ଟର ମିଶ୍ର କହିଛନ୍ତି, ସେତେବେଳେ ସେ ସ୍ନାତକୋତ୍ତର କଳା ପ୍ରଥମ ବର୍ଷର ଛାତ୍ର ଥିଲେ। ସେ ସମୟରେ ପଶ୍ଚିମ ଓଡ଼ିଶାର ସମ୍ବଲପୁରରୁ ଆସିଥିବା ତାଙ୍କ ଭଳି ଛାତ୍ର ପାଇଁ ଡକ୍ଟର ସିଂହଙ୍କ ଭଳି ଜ୍ଞାନୀ ପ୍ରାଧ୍ୟାପକଙ୍କୁ ପାଇବା ଆଶ୍ଚର୍ଯ୍ୟର ବିଷୟ ଥିଲା। ତତ୍କାଳୀନ ସମୟରେ ଅମର୍ତ୍ତ୍ୟ ସେନ, ମୃଣାଳ ଦତ୍ତ ଚୌଧୁରୀ, ଏ.ଏମ. ଖୁସ୍ରୁ, କେ.ଏନ. ରାଜ, ସୁଖମୟ ଚକ୍ରବର୍ତ୍ତୀ, ଧର୍ମ କୁମାର ପ୍ରମୁଖଙ୍କ ଭଳି ଖ୍ୟାତନାମା ପ୍ରାଧ୍ୟାପକମାନେ ସେଠାରେ ଶିକ୍ଷାଦାନ କରୁଥିଲେ। ଅନ୍ତର୍ଜାତୀୟ ବାଣିଜ୍ୟ ଭଳି ଜଟିଳ ବିଷୟକୁ ଖୁବ୍ ସହଜରେ ବୁଝାଇବାରେ ଡକ୍ଟର ମନମୋହନ ସିଂହଙ୍କର ଅସାଧାରଣ ସାମର୍ଥ୍ୟ ରହିଥିଲା। ତାଙ୍କର ପାଠ ପଢ଼ାଇବା ଶୈଳୀକୁ ସବୁ ଛାତ୍ରଛାତ୍ରୀ ବୁଝିପାରୁଥିଲେ ଏବଂ ଶିଖିପାରୁଥିଲେ। ଅତ୍ୟନ୍ତ ବିନମ୍ର ଏବଂ ସରଳ ସ୍ୱଭାବର ଥିଲେ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ମିଶ୍ର କହିଛନ୍ତି।

# କଲବଲ କରୁଛି କୋଇଲା ଗୁଣ୍ଡ



ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ): ଅନୁଗୁଳ ଓ ତାଳଚେରକୁ ଭୟ ଦେଖାଇଲା ଗୁଣ୍ଡ। ଖଣିରୁ କୋଇଲା ପରିବହନ ସମୟରେ ଗାଡ଼ି, ଟ୍ରେନ ଗୁଡିକରେ ପାଲ ଭିଡ଼ା ଯାଉନଥିବାରୁ, କୋଇଲା ଗୁଣ୍ଡ ବାୟୁ ଓ ପାଣିରେ ମିଶି ପ୍ରଦୂଷିତ ହେଉଛି। ଏମ୍‌ସିଏଲ୍ ଓ ଜିଲ୍ଲା ପ୍ରଶାସନକୁ ଗୁହାରି କଲେ ମଧ୍ୟ କେହି ଶୁଣୁନାହାନ୍ତି, କିଛି ଲାଭ ମିଳୁନାହିଁ। ଫଳରେ ଆଗକୁ ପ୍ରଦୂଷଣ ସ୍ଥିତି ଭୟଙ୍କର ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଯଦି ଆପଣମାନେ ଅନୁଗୋଳ କିମ୍ବା ତାଳଚେର ଅଞ୍ଚଳରେ ବସବାସ କରୁଛନ୍ତି ତେବେ ଘର ଚଟାଣ ହେଉ କି ପାଣି, ସବୁଠି କଳା ରଙ୍ଗର ଆସ୍ତରଣ ଦେଖିବାକୁ ପାଉଥିବେ ନିଶ୍ଚୟ। ବର୍ଷ ତମାମ୍ ଯାଯୁମଣ୍ଡଳରେ କୃତ୍ରିମ କୁହୁଡ଼ିର ଚାଦର। ଆଉ ଏହା ପଛରେ ରହିଛି କୋଇଲା ଗୁଣ୍ଡ। ତାଳଚେରରେ ୧୨ ଓ ଛେଣ୍ଡିପଦାରେ ୩ଟି କୋଇଲା ଖଣି ରହିଛି। ଏହି ଖଣିରୁ ପାୱାର ପ୍ଲାଣ୍ଟକୁ ବର୍ଷ ତମାମ୍ ଟ୍ରକ୍, ଟ୍ରେନ୍ ଯୋଗେ କୋଇଲା ପରିବହନ ହେଉଛି। ସେଥିରେ ସଠିକ୍ ଢଙ୍ଗରେ ପାଲ ଭିଡ଼ା ଯାଉନଥିବାରୁ କୋଇଲା ଗୁଣ୍ଡ ଉଡି ପ୍ରଦୂଷଣ ମାତ୍ରା ବଢୁଥିବା ଅଭିଯୋଗ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ନିୟମ ଅନୁସାରେ କୋଇଲା ପରିବହନ ସମୟରେ ଟ୍ରେନ୍ ୱାଗନ ଓ ଟ୍ରକ୍ ଗୁଡ଼ିକ ସଂପୂର୍ଣ୍ଣ ପାଲ ଘୋଡ଼ାଯିବା କିନ୍ତୁ ଏମ୍‌ସିଏଲ୍ ଓ ଟ୍ରକ୍ ଗୁଡ଼ିକ ନିୟମ ମାନୁନଥିବାରୁ ଅସନ୍ତୋଷର ନିଆଁ ଜଳୁଛି। ୨୦୧୮ରୁ ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ସଂଗଠନ ବାରମ୍ବାର ରାସ୍ତାକୁ ଓହ୍ଲାଉଛନ୍ତି। ଏମ୍‌ସିଏଲ୍ ବିରୋଧରେ ମୁହଁ ଖୋଲିଲେ, ମିଥ୍ୟା କେସରେ ଜେଲ୍ ଯିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଜିଲ୍ଲାର ପ୍ରଦୂଷଣ ହ୍ରାସ କରାଇବା ପାଇଁ ଧ୍ୟାନ ଦିଆଯିବ ବୋଲି ମତ ରଖିଛନ୍ତି ଅନୁଗୋଳ ଉପଜିଲ୍ଲାପାଳ। ଜିଲ୍ଲା ପ୍ରଦୂଷଣ ବୋର୍ଡ ନିୟମକୁ ଏମ୍‌ସିଏଲ୍‌ର ଅବମାନନା ଓ ଜିଲ୍ଲା ପ୍ରଶାସନର ଅଣଦେଖା ଯୋଗୁଁ ରୋଗାକ୍ରାନ୍ତ ହେଉଛନ୍ତି ଅନୁଗୋଳ ଓ ତାଳଚେର ସହରବାସୀ।



ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ପାଇଁ ଅର୍ଦ୍ଧନମିତ ଜାତୀୟ ପତାକା

## ଟ୍ୱିନ୍ ସିଟି କ୍ରାଇମ୍

### ଯୌତୁକ ପାଇଁ ଶାଶୁଙ୍କୁ ଆକ୍ରମଣ



ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ପୁଲିସ ଅଭିଯୋଗକାରିଣୀଙ୍କ ଅଭିଯୋଗ ଭିତ୍ତିରେ ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତି ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୀଡ଼ିତା ଙ୍କ ସ୍ୱାମୀ ଅଭିଯୁକ୍ତ ଭଗବାନ ବେହେରା ଜଣେ ନିଶାସକ୍ତ ବ୍ୟକ୍ତି ଏବଂ ସେ ଅନେକ ଦିନ ହେବା ପୀଡ଼ିତା ଙ୍କୁ ଯୌତୁକ ଦାବି କରି ନିର୍ଯାତନା ଦେଇଆସୁଥିଲେ। ଗତ ତା୧୨ ରିଖରେ ଅଭିଯୁକ୍ତ ଭଗବାନ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ ଓ ପୀଡ଼ିତା ଙ୍କୁ ଗାଳି ଗୁଲଜ କରିବା ସହ ତାଙ୍କ ପୈତୃକ ଘରୁ ୫୦ ହଜାର ତାଙ୍କ ଯୌତୁକ ଆଣିବାକୁ ବାଧ୍ୟ କରିଥିଲେ। ଏନେଇ ପୀଡ଼ିତା ବିରୋଧ କରିବାରୁ ଅଭିଯୁକ୍ତ ସ୍ୱାମୀ ତାଙ୍କୁ ମାଡ ମାରିବା ସହ ଘରୁ ବାହାର କରି ଦେଇଥିଲେ ଓ ପୈତୃକ ଘରୁ ଟଙ୍କା ନେଇ ଫେରିବାକୁ ଧମକ ଦେଇଥିଲେ। ପୀଡ଼ିତା କୌଣସି ଉପାୟ ନପାଇ ଶେଷରେ ନିଜ ଘରକୁ ଫେରି ଯାଇଥିଲେ। ଏହି ଘଟଣା ପରେ ଗତ ତା୨୫ ରିଖରେ ଅଭିଯୁକ୍ତ ଭଗବାନ ନିଶାସକ୍ତ ଅବସ୍ଥା ରେ ଶଶୁର ଙ୍କ ଘରକୁ ଯାଇଥିଲେ ଓ ପୀଡ଼ିତା ଙ୍କୁ ଟଙ୍କା ମାଗିଥିଲେ। ପୀଡ଼ିତା ଟଙ୍କା ଦେବାକୁ ମନା କରିଦେବାରୁ ଅଭିଯୁକ୍ତ ଭଗବାନ ତାଙ୍କ ସ୍ତ୍ରୀ ଓ ଶାଶୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୁନର୍ବାର ଅର୍ଥାତ୍ ତା୨୬ ରିଖରେ ସକାଳ ୮ ଟା ସମୟରେ ଅଭିଯୁକ୍ତ ଭଗବାନ ତାଙ୍କର ସ୍ତ୍ରୀ ଓ ଶାଶୁଙ୍କୁ ଆକ୍ରମଣ କରି ସୁନା ଚେନ ଓ କିଛି ବାସନ କୁସନ ଘରୁ ନେଇ ଯାଇଥିଲେ ଓ ସେଗୁଡ଼ିକୁ ବିକ୍ରି ମଧ୍ୟ କରି ଦେଇଥିଲେ। ଏନେଇ ପୀଡ଼ିତା ଥାନା ରେ ଅଭିଯୋଗ କରିବା ପରେ ପୁଲିସ୍ ମାମଲା ର ତଦନ୍ତ କରିବା ସହ ଅଭିଯୁକ୍ତ ଙ୍କୁ ଗିରଫ କରି ଥାନା କୁ ଆଣିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ।

### ଆଖି ପିଚୁଳାକେ ବାଇକ୍ ଗାୟବ



ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ରମେଶ ସାହୁ ଙ୍କର ଏତଲା ଆଧାରରେ ଖଣ୍ଡଗିରୀ ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତା୨୩ ରିଖ ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ଅଭିଯୋଗକାରୀ ତାଙ୍କର ମୋଟରସାଇକେଲ ଟିକୁ ଘର ଆଗରେ ପାର୍କିଂ କରିବା ପରେ ଘର ଭିତରକୁ ଯାଇଥିଲେ। ରାତି ପ୍ରାୟ ୯ ଟାରେ ସେ ତାଙ୍କର ମୋଟରସାଇକେଲ ଟିକୁ ପାର୍କିଂ କରି ରଖିବା ସ୍ଥାନ ରୁ ପାଇ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୋଜା ଖୋଜି କରିଥିଲେ। ଶେଷରେ ମୋଟରସାଇକେଲ ଟିର କୌଣସି ସନ୍ଧାନ ପାଇ ନଥିବାରୁ ଚୋରୀ ହୋଇଥିବା ଜାଣି ପାରି ଏନେଇ ସେ ଖଣ୍ଡଗିରୀ ଥାନା ରେ ଲିଖି ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଙ୍କୁ ଚୋରୀ ମୋଟରସାଇକେଲ ସହିତ କାବୁ କରି ଥାନା କୁ ଆଣିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ।

### ମୌକା ଦେଖି ଚୌକା ମାରିଥିଲା ଚୋର



ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ): ଅଭିଯୋଗକାରୀ ମନୋଜ କୁମାର ଦଳେଇ ଙ୍କର ଏତଲା ଆଧାରରେ ଖଣ୍ଡଗିରୀ ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଗତ ୫ ବର୍ଷ ହେବ ଆଇଟିଆଇର କଲେଜ ଅଞ୍ଚଳରେ ସିଭିଲ ମିସ୍ତ୍ରୀ ଭାବରେ କାର୍ଯ୍ୟ କରିଆସୁଥିବା ବେଳେ ସେ ଅଭିଯୁକ୍ତ ବଳରାମ କୁ ନୂଆ ମିସ୍ତ୍ରୀ ଭାବରେ କାମ କରିବା ପାଇଁ ନିଯୋଜିତ କରିଥିଲେ। ଗତ ତା୧୨ ରିଖରେ ମନୋଜ, ଅଭିଯୁକ୍ତ ବଳରାମ ଓ ଅନ୍ୟ ଜଣେ ମିସ୍ତ୍ରୀ ରାତିରେ ସୋଇଥିବା ବେଳେ ଅଭିଯୁକ୍ତ ବଳରାମ ସୁଯୋଗ ଦେଖି ମନୋଜ ଙ୍କର ମୋଟରସାଇକେଲ, ମୋବାଇଲ ଫୋନ ଓ ପକେଟ ରୁ ୩୮,୫୦୦/- ଟଙ୍କା ଚୋରୀ କରି ନେଇ ଯାଇଥିଲେ। ମନୋଜ ଅଭିଯୁକ୍ତ ବଳରାମ ଙ୍କୁ ଫୋନ କଲ କରିବା ବେଳେ ତାଙ୍କର ମୋବାଇଲ ଫୋନ ସୁଇଚ ଅଫ ଆସିଥିଲା। ଅଭିଯୁକ୍ତ ବଳରାମ ଚୋରୀ କରିଥିବା ଜାଣିବା ପରେ ସେ ଏନେଇ ଖଣ୍ଡଗିରୀ ଥାନା ରେ ଲିଖି ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚକ୍ରଡ ଜରିଆରେ ଅଭିଯୁକ୍ତ ବଳରାମ ଙ୍କୁ ଚୋରୀ ମୋଟରସାଇକେଲ ସହିତ ଏମ୍ସ ହସ୍ପିଟାଲ ନିକଟରୁ କାବୁ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ବଳରାମ ତାଙ୍କର ଅପରାଧ ସ୍ୱୀକାର କରିଥିଲେ ଓ ଚୋରୀ କରିଥିବା ମୋବାଇଲ ଫୋନ କୁ ଅଭିଯୁକ୍ତ ସାଗର କୁ ବିକ୍ରୟ କରିଥିବା ଦର୍ଶାଇଥିଲେ। ପୁଲିସ ଅଭିଯୁକ୍ତ ସାଗର କୁ କାବୁ କରିବା ସହ ତାଙ୍କର ହେପାଜତରୁ ଚୋରୀ ମୋବାଇଲ ଫୋନ ଜବତ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ସାଗର ମଧ୍ୟ ଚୋରୀ ମୋବାଇଲ ଫୋନ କିଣିଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ।

## କିମ୍ସରେ ଲାଗିଲା ଅତ୍ୟାଧୁନିକ କାର୍ଡିଆକ୍ ଲେଜର ମେସିନ୍



ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ଜଟିଳ ହୃଦରୋଗର ସରଳ ଚିକିତ୍ସା ପାଇଁ କିମ୍ସରେ ଆରମ୍ଭ ହୋଇଛି କାର୍ଡିଆକ୍ ଲେଜର ମେସିନ୍ ଜରିଆରେ ରୋଗୀ ସେବା। ଜଟିଳରୁ ଜଟିଳତମ ହୃଦରୋଗ ଚିକିତ୍ସା ପାଇଁ ସମଗ୍ର ପୂର୍ବ ଭାରତରେ ପ୍ରଥମ ଥର ଲାଗି କିମ୍ସରେ ଏଭଳି ଯନ୍ତ୍ର ସ୍ଥାପନା କରାଯାଇଛି। ଏହାକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଉଦ୍‌ଘାଟନ କରିଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି ହୃଦରୋଗ ଚିକିତ୍ସା କ୍ଷେତ୍ରରେ କିମ୍ସ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଲେଜର ମେସିନ୍ ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ହୃଦରୋଗୀମାନେ ବିଶେଷ ଉପକୃତ ହୋଇପାରିବେ। ପାରମ୍ପରିକ ଆଞ୍ଜିଓପ୍ଲାଷ୍ଟି ଦ୍ୱାରା ଚିକିତ୍ସା ହୋଇପାରୁନଥିବା କରୋନାରୀ ଓ ପେରିଫେରା ଆଥେରେକ୍ଟୋମି, ଲିଡ୍ ମ୍ୟାନେଜମେଣ୍ଟ ଭଳି ଜଟିଳ ହୃଦଯନ୍ତ୍ର ସମସ୍ୟା ଏହି ଲେଜର ମେସିନ୍ ଜରିଆରେ ଚିକିତ୍ସା ହୋଇପାରୁଛି। ଏ ନେଇ କିମ୍ସର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଅନୁପମ ଜେନା କହିଛନ୍ତି ଏହା ଦ୍ୱାରା ଆମେ ଅତ୍ୟାଧୁନିକ ହୃଦରୋ ଗ ଚିକିତ୍ସା ଯୋଗାଇ ଦେଇପାରୁଛୁ। ଏଭଳି ଚିକିତ୍ସା ପୂର୍ବରୁ ଆମ ରାଜ୍ୟରେ ସମ୍ଭବ ହୋଇପାରୁ ନଥିଲା। ରୋଗୀର ଆର୍ଟେରୀରେ ବ୍ଲକେଜ୍ କିମ୍ବା ପେସ୍‌ମେକର୍ ଲିଡ ରିମୁଭାଲ ଭଳି ଜଟିଳ ପ୍ରକ୍ରିୟା ଏବେ ସହଜରେ ହୋଇପାରୁଛି। ମାତ୍ର ୨୦ରୁ ୩୦ ସେକେଣ୍ଡ ମଧ୍ୟରେ ଏହି ଲେଜର ମେସିନ୍ କମ୍ ବୟସର ରୋଗୀଙ୍କୁ ହୃଦ୍ ସମସ୍ୟାରୁ ମୁକ୍ତ କରିପାରୁଛି। କିମ୍ସ ହୃଦରୋଗ ବିଭାଗ ମୁଖ୍ୟ ଡା. ଶୁଭାଶିଷ ମିଶ୍ର କହିଛନ୍ତି ଏହି ଯନ୍ତ୍ର ଦ୍ୱାରା ରକ୍ତ ଜମାଟ ଓ ବ୍ଲକେଜ ଆଦି ସମସ୍ୟା ଅତି ସହଜରେ ସମାଧାନ ହୋଇପାରୁଛି। ଏହା ସହିତ ଜଟିଳ କରୋନାରୀ ହୃଦରୋଗର ଚିକିତ୍ସା କରିବା ସହ ରୋଗୀଠାରେ ଥିବା ଷ୍ଟେଣ୍ଟ ଜନିତ ବିପଦକୁ ହ୍ରାସ କରିଥାଏ। ସୂଚନାଯୋଗ୍ୟ, କିମ୍ସ ପ୍ରଦ୍ୟୁମ୍ନ କର ମେଡିକାଲରେ ହୃଦରୋଗ ବିଭାଗରେ ସର୍ବାଧୁନିକ ଯନ୍ତ୍ରପାତି ସହ ଅତ୍ୟାଧୁନିକ, ଦକ୍ଷ ଓ ଉଚ୍ଚ ତାଲିମ ପ୍ରାପ୍ତ ବିଶେଷଜ୍ଞଙ୍କ ଦ୍ୱାରା ହୃଦରୋଗ ଚିକିତ୍ସା କରାଯାଇଥାଏ। ଡା ଅନୁପମ ଜେନା, ଡା ଶୁଭାଶିଷ ମିଶ୍ର, ଡା ପଞ୍ଚାନନ ସାହୁ ଓ ଡା ଚନ୍ଦନ କୁମାର ରାୟ ମହାପାତ୍ରଙ୍କ ଭଳି ଅନୁଭବୀ ଡାକ୍ତରମାନେ ରୋଗୀସେବା ଯୋଗାଇ ଦେଉଛନ୍ତି।

## ଜାନୁଆରୀ ୨ରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ

ଭୁବନେଶ୍ୱର,୨୭।୧୨(ସଂଚାର ବ୍ୟୁରୋ): ଆସନ୍ତା ଜାନୁଆରୀ ୨ ତାରିଖ ଗୁରୁବାର ଭୁବନେଶ୍ୱରଠାରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଅନୁଷ୍ଠିତ ହେବା ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଛି। ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ପୁଣ୍ୟତିଥି ଅବସରରେ ପ୍ରତିବର୍ଷ ଜାନୁଆରୀ ୨ରେ ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ସର୍ବଭାରତୀୟ ମହୋତ୍ସବର ଆୟୋଜନ କରାଯାଇଥାଏ। ଦେଶର ବିଭିନ୍ନ ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍ତରଦାୟାଦ ଯୋଗ ଦେଇଥାନ୍ତି। ଚଳିତଥର ଦିଲ୍ଲୀ, କର୍ଣ୍ଣାଟକ, ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଆଦି ବିଭିନ୍ନ ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍ତରଦାୟାଦମାନେ ଯୋଗ ଦେଉଛନ୍ତି। ରାଜ୍ୟର ସବୁ ଅଞ୍ଚଳରୁ ସ୍ୱାଧୀନତା ସଂଗ୍ରାମୀ, ଉତ୍ତରଦାୟାଦ ଏବଂ ଶହୀଦମାନଙ୍କ ଦାୟାଦମାନେ ଏହି ମହୋତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ରାଜ୍ୟ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋତ୍ସବକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ଥିବାବେଳେ ଅପରାହ୍ନ ୨ଟାରେ ରାଜ୍ୟ ଯୁବ ସାଂସ୍କୃତିକ ସମ୍ମିଳନୀ ଅନୁଷ୍ଠିତ ହେବ। ସକାଳ ୮.୩୦ରେ ଜାତୀୟପତାକା ଉତ୍ତୋଳନ ଓ ୯ଟାରେ ସର୍ବଧର୍ମ ପ୍ରାର୍ଥନା ସଭା କରାଯିବ। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଜାନୁଆରୀ ୨ ମହୋତ୍ସବ ଲାଗି ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ୟୁନିଟ-୯ସ୍ଥିତ ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଅନୁଷ୍ଠିତ ହୋଇଛି।

## ମାସିକ ମୁଣ୍ଡପିଛା ଉପଯୋଗ ବ୍ୟୟ ଗ୍ରାମାଞ୍ଚଳରେ ୧୮୮% ଏବଂ ସହରାଞ୍ଚଳରେ ୧୬୬% ବୃଦ୍ଧି

ନୂଆଦିଲ୍ଲୀ,୨୭।୧୨: ଗତ ଏକ ଦଶନ୍ଧି ମଧ୍ୟରେ ଦେଶରେ ମାସିକ ମୁଣ୍ଡପିଛା ଉପଯୋଗ ବ୍ୟୟ (ଏମପିସିଇ) ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୧୧ ତୁଳନାରେ ୨୦୨୩-୨୪ରେ ଭାରତର ଗ୍ରାମାଞ୍ଚଳରେ ୧୮୮% ଏବଂ ୧୬୬% ବୃଦ୍ଧି ପାଇଥିବା ପାରିବାରିକ ଉପଭୋକ୍ତା ବ୍ୟୟ ସର୍ବେକ୍ଷଣ (ଏଚସିଇଏସ୍) ୨୦୨୩-୨୪ରୁ ସୂଚନା ମିଳିଛି। ବର୍ତ୍ତମାନ ଭାରତର ଗ୍ରାମାଞ୍ଚଳରେ ଏମପିସିଇ ହାର ୪,୧୨୨ ଟଙ୍କା ଥିବା ବେଳେ ସହରାଞ୍ଚଳରେ ୬,୯୯୬ ଟଙ୍କା ରହିଛି। ଗତ ଏକ ଦଶନ୍ଧି ଉପଯୋଗ ବ୍ୟୟରେ ସୁଧାରକୁ ନେଇ ସକାରାତ୍ମକ ଧାରା ଦେଖିବାକୁ ମିଳିଥିବା ସର୍ବେକ୍ଷଣରେ ଆଲୋକପାତ କରାଯାଇଛି। କେବଳ ସେତିକି ନୁହେଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହିଥିବା ଏମପିସିଇ ବ୍ୟବଧାନ ୨୦୧୧-୧୨ରେ ୮୪% ଥିବା ବେଳେ ୨୦୨୩-୨୪ରେ ଏହା ୭୦%କୁ ହ୍ରାସ ପାଇଛି। ଏଥିରେ ୧୬% ହ୍ରାସ ଦେଖିବାକୁ ମିଳିଛି। ୨୦୨୨-୨୩ରେ ସହରାଞ୍ଚଳ-ଗ୍ରାମାଞ୍ଚଳ ଏମପିସିଇ ବ୍ୟବଧାନ ୭୧% ଥିଲା। ଏହା ଗ୍ରାମାଞ୍ଚଳରେ ଉପଭୋକ୍ତା ଅଭିବୃଦ୍ଧିର ନିରନ୍ତର ପ୍ରଗତିକୁ ପ୍ରତିଫଳିତ କରେ।

## ଚାଷୀଙ୍କ ଟୋକନ ଟେନସନ୍



ସୁବର୍ଣ୍ଣପୁର,୨୭।୧୨(ସଂଚାର ବ୍ୟୁରୋ): ସମସ୍ୟା ଉପରେ ସମସ୍ୟା। ଆଉ ଅଣ୍ଟ ସଜାଡ଼ି ପାରୁନାହାନ୍ତି ଚାଷୀ। କେତେବେଳେ ବିଳମ୍ବିତ ମଣ୍ଡି ତ ଆଉ କେତେବେଳେ ଟୋକନ ସମସ୍ୟା। ଧାନ ବିକ୍ରି ତାରିଖ ମିଳିନଥିବାରୁ ଖଳାରେ ପଡ଼ି ରହିଛି ଶହଶହ କ୍ୱିଣ୍ଟାଲ ଧାନ। ଗାଁ ଗାଁରେ ବୁଲୁଛନ୍ତି ଦଲାଲ। ମଣ୍ଡି ଦ୍ୱନ୍ଦ୍ୱରେ ଧନ୍ଦି ଥିବା ଚାଷୀଙ୍କୁ ଟାର୍ଗେଟ୍ କରୁଛନ୍ତି। ସରକାରୀ ଧାର୍ଯ୍ୟଦରଠାରୁ ଖୁବ୍ କମ୍ ଦରରେ କିଣି ନେଉଛନ୍ତି। ଦଲାଲ ମାଲାମାଲ ହେଉଥିବା ବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅନେକ ବାଧା ବିଘ୍ନ ପରେ ଧାନ ଅମଳ ହୋଇଛି। ୩ ଥର ଟଙ୍କାରେ ସରକାରୀ ମଣ୍ଡିରେ ଧାନ ବିକିବେ ବୋଲି ଆଶା ରଖିଥିଲେ ଚାଷୀ। ହେଲେ ବିଳମ୍ବିତ ମଣ୍ଡି ସାଙ୍ଗକୁ ଟୋକନ ସମସ୍ୟା ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଯେଉଁ ଚାଷୀ ଧାନ ଅମଳ କରି ସାରିଛନ୍ତି, ତାଙ୍କ ଧାନ ବିକ୍ରି ପାଇଁ ଅନୁମତି ନାହିଁ। ଫେବୃଆରୀ କିମ୍ବା ମାର୍ଚ୍ଚ ମାସରେ ଧାନ ବିକିବା ପାଇଁ ଟୋକେନ ଆସିଛି। ସେପଟେ ଯେଉଁ ଚାଷୀଙ୍କ ଧାନ ଏବେ ବି ବିଲରେ ରହିଛି, ତାଙ୍କୁ ଡିସେମ୍ବର ମାସର ତାରିଖ ଦିଆଯାଇଛି। ଟୋକନ ଅବ୍ୟବସ୍ଥା ଯୋଗୁଁ, ଖୋଲା ଖଳାରେ ପଡ଼ି ରହିଛି ଶହଶହ କ୍ୱିଣ୍ଟାଲ ଧାନ। ଖରି ଖରି ନୟାନ୍ତ ହେଲେଣି ସୁବର୍ଣ୍ଣପୁର ଚାଷୀ। ଚଳିତ ଖରିଫ ଋତୁରେ ସୁବର୍ଣ୍ଣପୁର ଜିଲ୍ଲାରୁ ୩୫ ଲକ୍ଷ ୫୦ହଜାର କ୍ୱିଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ୯୪ଟି ସମବାୟ ସମିତି ଜରିଆରେ ଧାନ କିଣା ଯାଉଛି। କିନ୍ତୁ ବିଳମ୍ବିତ ଟୋକନ ଯୋଗୁଁ ଚାଷୀ ହନ୍ତସନ୍ତରେ ପଡ଼ିଛନ୍ତି। ବର୍ଷା ଯୋଗୁଁ ଧାନର ଏଫଏକ୍ୟୁ ମାନ ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ଜୋଳେଇ ପାଗ ଓ ଅଦିନିଆ ବର୍ଷାରେ ଧାନକୁ କେଉଁଠି କେମିତି ସାଇତି ରଖିବେ ସେଥିପାଇଁ ଭାଜେଣି ପଡ଼ିଛି। ଶୀତ ଝାଙ୍କ ଓ ଅଦିନିଆ ବର୍ଷାରେ ଖଳାରେ କଣ୍ଟେନ ଘୋଡାଇ ଲହୁଲୁହ ପାରିଶ୍ରମିକୁ ଜଗି ରହୁଛନ୍ତି ଚାଷୀ। ଚାଷୀଙ୍କ ପରିସ୍ଥିତିର ଫାଇଦା ଉଠାଉଛନ୍ତି ଧାନ ବେପାରୀ।

## ବାଘ ଛାଲ ରାକେଟରେ ଡାକ୍ତର ଲିଙ୍କ୍



ସୋର,୨୭।୧୨(ସଂଚାର ବ୍ୟୁରୋ): ପେଶା ଡାକ୍ତର, ନିଶା ବାଘ ଛାଲ କାରବାର। ବାଘଛାଲ ଜବତ ଘଟଣାରେ ସାମ୍ନାକୁ ଆସିଛି ଡାକ୍ତରଙ୍କ ଲିଙ୍କ୍। ସୋର ଅଞ୍ଚଳରୁ ପୂର୍ବରୁ ବାଘ ଛାଲ ଜବତ ମାମଲାରେ ୧୧ ଜଣ ଗିରଫ ହୋଇଥିଲେ। ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଡାକ୍ତର ମହେଶ୍ୱର ଦାସଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ପାଇଥିଲା ବନବିଭାଗ। ଗିରଫ ଅଭିଯୁକ୍ତଙ୍କ ସହ ଡାକ୍ତରଙ୍କ ଆର୍ଥିକ କାରବାରର ପ୍ରମାଣ ରହିଛି। ତେଣୁ ଉକ୍ତ ଡାକ୍ତରଙ୍କୁ ଗିରଫ କରାଯାଇଛି। ସୋରରେ ଡାକ୍ତର ଥିବା ମହେଶ୍ୱର ଭଦ୍ରକ ଚରମ୍ପା ଅଞ୍ଚଳର। ଭଦ୍ରକରେ ମହେଶ୍ୱରଙ୍କ ଏକ ନର୍ସିଂହୋମ ରହିଥିବା ଜଣାପଡ଼ିଛି।

## ତ୍ରିଦଣ୍ଡୀ ଗୌଡ଼ୀୟ ମଠ ଉପରେ ବୋମାମାଡ଼



ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ): ଶ୍ରୀଲିଙ୍ଗରାଜ ଥାନା ଅଧୀନ ଖରାଖିଆ ବୈଦ୍ୟନାଥସାହିସ୍ଥିତ ତ୍ରିଦଣ୍ଡୀ ଗୌଡ଼ୀୟ ମଠ ଉପରକୁ ସୋମବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ବୋମାମାଡ଼ରେ ମଠର ଗୋସେୟା ବାବା ସୁବଳ ସଖା ତ୍ରିଦଣ୍ଡୀ ମହାରାଜ(୬୨) ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମଠର ପାଚେରି ଭୁଶୁଡ଼ି ପଡ଼ିଛି ଏବଂ ନୃସିଂହ ପାଠାଗାର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଦିନକ ପରେ ଘଟଣା ପଦାକୁ ଆସିବା ପରେ ପୁଲିସ ସାଇଣ୍ଟିଫିକ୍ ଟିମ୍, ବମ୍ ସ୍କ୍ୱାଡ୍ ଓ ଅଗ୍ନିଶମ ବାହିନୀ ସହାୟତାରେ ଛାନ୍‌ଭିନ୍ ଆରମ୍ଭ କରିଛି। ମଠରେ ନିଆଁ ଲାଗିଥିବା ନିଶ୍ଚିତ ହୋଇଥିଲେ ହେଁ ତାହା ବୋମାମାଡ଼ ଯୋଗୁ ହୋଇଛି କି ଅନ୍ୟ କାରଣରୁ ଘଟିଛି, ତାହା ସ୍ପଷ୍ଟ ହୋଇପାରିନାହିଁ। ମଠରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କ ମାସେ ହେଲା ଚୋରି ହୋଇଯାଇଥିବାରୁ ପୁଲିସ ତଦନ୍ତରେ ବାଧା ଉପୁଜିଛି। ଘଟଣା ଦିନ ରାତିରେ ବାବା ତ୍ରିଦଣ୍ଡୀ ମହାରାଜା ସବୁଦିନ ଭଳି ଭଜନ କୀର୍ତ୍ତନ ଓ ଖିଆପିଆ ସାରି ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ ଏକ ପ୍ରଚଣ୍ଡ ଶବ୍ଦ ଶୁଣି ତାଙ୍କ ନିଦ ଭାଙ୍ଗିଯାଇଥିଲା।

## ୨ୟ ଅନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ




ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ): ଦ୍ୱିତୀୟ ଆନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ ଓଡ଼ିଶା ପାଇଁ ନିଶ୍ଚିତ ଭାବେ ଏକ ଗର୍ବ ଓ ଗୌରବର କଥା। ଏହି ଉତ୍ସବ ଆୟୋଜନର ମୂଳ ଉଦ୍ଦେଶ୍ୟ ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଭାରତୀୟ ଶାସ୍ତ୍ରୀୟ ଓ ପାରମ୍ପରିକ ନୃତ୍ୟର ସୌନ୍ଦର୍ଯ୍ୟ ଓ କଳାକୁ ଦର୍ଶକମାନଙ୍କ ଆଗରେ ଉପସ୍ଥାପନ କରିବା ଏବଂ ଆନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଚାର ଓ ପ୍ରସାର କରିବା। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମ୍.ସି.ଏଲ୍) ଆନୁକୂଲ୍ୟରେ ରାସି ସାଂସ୍କୃତିକ ଗ୍ରାମ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଦ୍ୱିତୀୟ ଆନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଦୁଇଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ବିଦେଶ, ଦେଶ ତଥା ରାଜ୍ୟର ନୃତ୍ୟଶିଳ୍ପୀମାନେ ଯୋଗଦାନ କରୁଅଛନ୍ତି। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପୂର୍ବାହ୍ନ ୧୦ ଘଟିକାରୁ ଓଡ଼ିଶୀ ଏକକ ନୃତ୍ୟରେ କୁମାରୀ ସ୍ୱୟଂସିଦ୍ଧା, ପ୍ରତ୍ୟୁଷି ବେହେରା, ଭୂମିଶ୍ରୀ ମହାନ୍ତି, ସୁଚିସ୍ମିତା ସାହୁ, ଦିବ୍ୟାଶା ଦିବ୍ୟଦର୍ଶନୀ ସ୍ୱାଇଁ, ମିରାକ୍ଷୀ ସ୍ୱାଇଁ, ତପସ୍ୱିନୀ ସଡଙ୍ଗୀ, ରଶ୍ମିତା ଦାସ, ଶୁଭପ୍ରାୟା ଖଟୁଆ, ମନିଶା ନନ୍ଦ, ଭବ୍ୟତା ସାହୁ, ଶୁଶ୍ରୀ ସ୍ୱାତୀରେଖା, ବିପାଶା ବେହେରା, ଶୁଭଜିତ୍ ଖଟେଇ, ଶତାବ୍ଦୀ ତନୟା ପାଣି, ଅଦ୍ୱୈତ ରାୟ, ଇପ୍ସିତା ସାହୁ, ଜ୍ୟୋତିର୍ମୟୀ ସାହୁ, ଅଂଶିତା ସାହୁ, ଶ୍ରୁତି ମିଶ୍ର, ସାଇଶ୍ରୀୟା ବେହେରା, ଆରୁଷି ସ୍ୱାଇଁ, ସାଇ ସତ୍ୟା ଧଳ, ସାଇଶ୍ରୀ ପ୍ରିୟଦର୍ଶିନୀ, କିତ୍ତୀ ରାଣି ରାଉତ, ଆଦ୍ରୁଜା ବଳ, ଅୟନ୍ୟା ରାୟ, ତନିଶା ଗୁରୁ, ବିଦ୍ୟାଶି ଜେନା, କେ କାବ୍ୟା, ଗ୍ରୀତିକା ବିସ୍ୱାଳ, ଅର୍ଣ୍ଣ ପଣ୍ଡ, ଅଦ୍ରିତ ନନ୍ଦୀ, ମାନ୍ଦଭୀ, ସାଇ ସମିଶା ରାଉତ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଅପରାହ୍ନ ଅଧିବେଶନ ଆରମ୍ଭ ହୋଇଥିଲା ଦିବା ୨.୩୦ ଘଟିକାରୁ ଓଡ଼ିଶୀ ଏକକ ନୃତ୍ୟ ପରିବେଷଣ କରିଥିବା ଶିଳ୍ପୀମାନେ ହେଲେ ଅଦ୍ରିଜା ରିଷାଭ, ଦିଶା ଦେବ ଦିପ୍ତ, ଭୈରବ ଲହରୀ, କେ ପ୍ରସନ୍ନ ସଡ଼ଙ୍ଗୀ, ରିଙ୍କି ମୋହନ, ଆରାଧ୍ୟା ଅନୁରାଧା ମହାପାତ୍ର, ସୋନିଶ୍ରୀ ପ୍ରିୟଦର୍ଶିନୀ, ସସ୍ମିତା ଦାଶ, ଭାରତୀ ସାହୁ ଅଲିଶା ପାତ୍ର ଏବଂ ଅନ୍ୟ ଶିଳ୍ପୀମାନେ।

## ଉଜୁଡିଗଲା ପରିବାର ବଢ଼ିଲା ଦର



ଭୁବନେଶ୍ୱର,୨୭।୧୨ (ସଂଚାର ବ୍ୟୁରୋ): ଅଦିନିଆ ବର୍ଷାରେ କ୍ଷତି ହୋଇଥିବା ଧାନକୁ ନେଇ ଚାଷୀ ଓ ପ୍ରଶାସନ ବ୍ୟସ୍ତ ଥିବାବେଳେ ବ୍ୟାପକ ସଂଖ୍ୟାରେ ପନିପରିବା ନଷ୍ଟ ଯୋଗୁଁ ବଜାରରେ ହୁ ହୁ ହୋଇ ଦର ବଢ଼ିବାରେ ଲାଗିଛି। ଧାନ ଚାଷୀଙ୍କ ଭଳି ପରିବାଚାଷୀଙ୍କୁ କ୍ଷତିପୂରଣ ଦେବା ସହିତ ବଜାରରେ ପରିବା ଦରକୁ ନିୟନ୍ତ୍ରଣ କରିବାପାଇଁ ମତପ୍ରକାଶ ପାଉଛି। ଅଦିନିଆ ବର୍ଷାରେ ରାଜ୍ୟରେ ଧାନ ସହିତ ଶୀତଦିନିଆ ପନିପରିବା ବିଶେଷକରି କୋବି, ବିନ୍, ମୂଳା ଆଦି ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ଶୀତ ଆଗମନକୁ ଦୃଷ୍ଟିରେ ରଖି ଚାଷୀମାନେ ଏକର ଏକର ଜମିରେ ଏହି ଫସଲ କରିଥିଲେ। ଏଥି ସହିତ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ କ୍ରମେ ଚାଷୀମାନେ ରିହାତି ଦରରେ ଆଳୁ ବିହନ ପାଇବା ଫଳରେ ଆଳୁ ଚାଷ ବି କରିଥିଲେ। ଉପକୂଳ କେତେକ ଜିଲ୍ଲାରେ ଚାଷୀମାନେ ବାଦାମ ବି ଲଗାଇଥିଲେ। ହେଲେ ତିନି ଦିନର ଲଗାଣ ବର୍ଷା ଫଳରେ ଏହି ସମସ୍ତ ପନିପରିବା ଓ ତୈଳବୀଜ ନଷ୍ଟ ହେବାରେ ଲାଗିଛି। ଧାନ ଚାଷ କରିଥିବା ଚାଷୀମାନଙ୍କ ମଧ୍ୟରୁ କେତେକ ବୀମା କରିଥିବାବେଳେ ପନିପରିବା ଚାଷୀମାନେ କିନ୍ତୁ ବୀମା କରିନାହାନ୍ତି। ତେଣୁ ଏମାନଙ୍କର କ୍ଷୟକ୍ଷତି କିଭଳି ଓ କେଉଁ ହାରରେ ଆକଳନ ହେବ ଓ କେତେ କ୍ଷତି ମିଳିବ ତାହାକୁ ନେଇ ଏବେ ଚାଷୀ ଦ୍ୱନ୍ଦ୍ୱରେ ରହିଛନ୍ତି। ପନିପରିବା ନଷ୍ଟର ଚିତ୍ର ଆସିବାପରେ ଏବେ ବଜାରରେ ଏହାର ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ବିନ୍ କିଲୋ ୧୦୦ ଟଙ୍କା ଛୁଇଁଥିବାବେଳେ କୋବି, ମୂଳା ଆଦିର ଦର ମଧ୍ୟ ଦୁଇଗୁଣା ବୃଦ୍ଧି ପାଇଛି। ବଜାରକୁ ଏହିସବୁ ପରିବା ଧିରେ ଧିରେ ଆସିବା କମି ଯାଉଥିବାରୁ ପ୍ରତିଦିନ ଦର ବଢ଼ିବାରେ ଲାଗିଛି। ସେହିଭଳି ପନିପରିବା ଦର ବଢ଼ିବା ଫଳରେ ବ୍ୟବସାୟୀମାନେ ବଜାରରେ ଏବେ ଆଳୁ ଦର ବୃଦ୍ଧିର ଆଶଙ୍କା କରୁଛନ୍ତି। ଚଳିତବର୍ଷ ରାଜ୍ୟରେ ଆଳୁର ତିରୋଟ ସ୍ଥିତିକୁ ଦେଖି ସରକାର ଆଳୁ ମିଶନକୁ ପୁନଃ କାର୍ଯ୍ୟକ୍ଷମ କରିବା ସହିତ ଚାଷୀମାନଙ୍କୁ ରିହାତି ଦରରେ ଆଳୁ ବିହନ ଯୋଗାଇ ଦେଇଛନ୍ତି। ଅନେକ ଚାଷୀ ବିହନ ପାଇବାପରେ ଆଳୁ ମଧ୍ୟ ଲଗାଇଥିଲେ। ହେଲେ ଅଦିନିଆ ବର୍ଷା ସବୁକିଛି ଉଜାଡି ଦେଇଛି। ରିହାତି ଦର ଆଳୁ ସହିତ ଚାଷ ବାବଦରେ ହୋଇଥିବା ଅତ୍ୟଧିକ ଖର୍ଚ୍ଚ ପାଣିରେ ପଡ଼ିଛି। ତେଣୁ ଧାନଚାଷୀମାନଙ୍କ ଭଳି ପାନ ପରିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ପ୍ରାଥମିକତା ଦେବା ସହିତ ସେମାନଙ୍କର କ୍ଷତିର ସ୍ୱତନ୍ତ୍ର ଆକଳନ ପାଇଁ ଚାଷୀମାନେ ମତ ପ୍ରକାଶ କରୁଛନ୍ତି।(ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ମଣିଷ ଜୀବନ ଦୁର୍ଲଭ-ସଂସାରରେ ଯେତେ ପ୍ରାଣୀ ଅଛନ୍ତି ସେମାନଙ୍କ ମଧ୍ୟରେ ମଣିଷ ଜୀବନ ହେଉଛି ସର୍ବଶ୍ରେଷ୍ଠ। କାରଣ ଏହାର ବୁଦ୍ଧି ଓ ବିବେକ ଅଛି। ତେଣୁ ଏହି ଦୁର୍ଲଭ ଜୀବନକୁ ନଷ୍ଟ ନକରି ସଂସାରର କଲ୍ୟାଣରେ ଏହାର ବିନିଯୋଗ କରିବା ଉଚିତ।

SANCHAR
ସଂଚାର

୪ ଶନିବାର ୨୮ ଡିସେମ୍ବର ୨୦୨୪, ଭୁବନେଶ୍ୱର
Saturday 28 December 2024 Bhubaneswar


# ରାଷ୍ଟ୍ରନାୟକଙ୍କ ଦେହାନ୍ତ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କର ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦେଶ ଜଣେ ଯୋଗ୍ୟ ନେତା, ଏହାର ସୁପୁତ୍ରଙ୍କୁ ହରାଇଲା। ସେ ଥିଲେ ଦେଶର ୧୪ତମ ପ୍ରଧାନମନ୍ତ୍ରୀ। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସେ କ୍ରମାଗତ ୧୦ ବର୍ଷ ଧରି ଦେଶର ପ୍ରଧାନମନ୍ତ୍ରୀ ପଦରେ ଥିଲେ। ତାଙ୍କୁ ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟର ଭାବେ ବର୍ଣ୍ଣନା କରାଯାଏ। କାରଣ ୨୦୦୪ରେ କଂଗ୍ରେସ ନେତୃତ୍ୱାଧିନ ୟୁପିଏ ଯେତେବେଳେ ଲୋକସଭାରେ ସଂଖ୍ୟାରିଷ୍ଠତା ହାସଲ କରିଥିଲା ସେତେବେଳେ କେହି ଭାବିନଥିଲେ ଯେ, ମନମୋହନ ସିଂହ ଦେଶର ପ୍ରଧାନମନ୍ତ୍ରୀ ହେବେ ବୋଲି। ରାହୁଲ ଗାନ୍ଧୀଙ୍କ ମାଆ ସୋନିଆ ଗାନ୍ଧୀ ଥିଲେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ। କିନ୍ତୁ ସୋନିଆ ନିଜେ ପ୍ରଧାନମନ୍ତ୍ରୀ ନହୋଇ ମନମୋହନଙ୍କୁ ଏହି ପଦ ଲାଗି ବାଛିଥିଲେ। ତେଣୁ ମନମୋହନ ଭାରତର ପ୍ରଧାନମନ୍ତ୍ରୀ ହେଲେ। ୨୦୦୯ରେ ତାଙ୍କ ନେତୃତ୍ୱରେ ୟୁପିଏ ପୁନର୍ବାର ବିଜୟୀ ହୋଇଥିଲା। ଏହାର ଶ୍ରେୟ ନିଶ୍ଚିତ ଭାବେ ମନମୋହନଙ୍କ ସପକ୍ଷରେ ଯିବା ତାଙ୍କ ନେତୃତ୍ୱକୁ ଭାରତବାସୀ ପସନ୍ଦ କରିଥିଲେ। ତାଙ୍କ ନେତୃତ୍ୱରେ କଂଗ୍ରେସ ୨୦୦ରୁ ଅଧିକ ଆସନ ପାଇଥିଲା। କିନ୍ତୁ ଅନେକ ମନମୋହନଙ୍କୁ ଜଣେ ସଖି କଣ୍ଟେଇ ପ୍ରଧାନମନ୍ତ୍ରୀ ଭାବେ ବିବେଚନା କରିଥିଲେ। କାରଣ ଅସଲ କ୍ଷମତା ସୋନିଆ ଓ ରାହୁଲଙ୍କ ହାତରେ ଥିଲା। ସେ କେବଳ ଜଣେ ଡମି ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର କ୍ଷମତା ତାଙ୍କର ନିଷ୍ପତ୍ତି ନଥିଲା। ଏହା ସମ୍ପୂର୍ଣ୍ଣ ନହେଲେ ମଧ୍ୟ ଆଂଶିକ ଭାବେ ସତ୍ୟ। କାରଣ ମନମୋହନ ଜଣେ ଅଣରାଜନୈତିକ ବ୍ୟକ୍ତି ଥିଲେ। ସେ ରାଜନୀତିର ଜଟିଳତା ଭିତରେ ପଶିନଥିଲେ କିମ୍ବା ତାଙ୍କର କ୍ଷମତା ଲିପ୍ସା ନଥିଲା। କିନ୍ତୁ ଅସଲ କଥା ହେଲା ମନମୋହନଙ୍କୁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ବୋଲି ଉଲ୍ଲେଖ କରି ଶ୍ରଦ୍ଧାଞ୍ଜଳି ଦେବା ତାଙ୍କ ବ୍ୟକ୍ତିତ୍ୱକୁ ଛୋଟ କରି ଦେଉଛି। ତାଙ୍କର ଅସଲ ପରିଚୟ ହେଲା ସେ ଜଣେ ପ୍ରବୀଣ ଅର୍ଥନୀତିଜ୍ଞ ଥିଲେ। ଅର୍ଥନୀତିରେ ସେ ଉଭୟ ଭାରତ ଏବଂ ବିଦେଶର ବଡ଼ ବଡ଼ ବଡ଼ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଲାଭ କରି ପ୍ରଥମେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଏବଂ ପରେ ଦିଲ୍ଲୀ ସ୍କୁଲ ଅଫ ଇକନମିକ୍ସରେ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ସେ ଅନେକ ବଡ଼ ବଡ଼ ପଦପଦବୀରେ ରହିଥିଲେ। ୧୯୮୨ରୁ ୧୯୮୭ ପର୍ଯ୍ୟନ୍ତ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ଯୋଜନା କମିଶନ ଉପାଧ୍ୟକ୍ଷ, ଅର୍ଥ ସଚିବ, ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା, ଅଙ୍କଟାଡ ସଚିବ ଇତ୍ୟାଦି ଅନେକ ପଦପଦବୀରେ ରହି ସେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୯୧ରେ ପି ଭି ନରସିଂହ ରାଓ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ମନମୋହନଙ୍କୁ ଅର୍ଥମନ୍ତ୍ରୀ କରିଥିଲେ। ସେତେବେଳେ ଦେଶର ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିଲା। ଦେଶର ଫୋରେକ୍ସ ରିଜର୍ଭ ଉଦବେଗଜନକ ଭାବେ ହ୍ରାସ ପାଇଥିଲା। ଉପସାଗରରେ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୀତିରେ ଜଟିଳତା ଦେଖା ଦେଇଥିଲା। ତୈଳ ଦର ବୃଦ୍ଧି ପାଇଥିଲା। ବେକାରୀ ଓ ଦାରିଦ୍ର୍ୟ ଆକାଶ ଛୁଆଁ ହୋଇଥିଲା। ପୁଞ୍ଜିନିବେଶ ଆଶା ନଥିଲା। ତେଣୁ ନୂଆ ଶିଳ୍ପ ପ୍ରତିଷ୍ଠା ସମ୍ଭବ ନଥିଲା। ନିଯୁକ୍ତି ସୁଯୋଗ ସଙ୍କୁଚିତ ହୋଇଥିଲା। ଏଭଳି ପରିସ୍ଥିତିରେ ମନମୋହନଙ୍କୁ ଦେଶର ଅର୍ଥନୀତିକୁ ସମ୍ଭାଳିବା ଦାୟିତ୍ୱ ନେବାକୁ ପଡ଼ିଥିଲା। ମନମୋହନ ଅର୍ଥମନ୍ତ୍ରୀ ହେବା ପରେ ଦେଶରେ ଆର୍ଥିକ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅର୍ଥନୀତିର ଜଗତିକରଣ ବା ଉଦାର ଅର୍ଥନୀତି ଯୋଗୁଁ ଭାରତରେ ଘରୋଇ ପୁଞ୍ଜି ନିବେଶ ଲାଗି ସୁଯୋଗ ସୃଷ୍ଟି ହୋଇଥିଲା। ସେହି ସମୟରୁ ଭାରତରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବା ଏଫଡିଆଇ ପ୍ରବେଶ ଆରମ୍ଭ ହୋଇଥିଲା। ଏଥିରେ ଯେଉଁସବୁ କଟକଣା ଏବଂ ଆଇନଗତ ପ୍ରତିବନ୍ଧକ ରହିଥିଲା ତାହାକୁ ସେ ହଟାଇ ବିଦେଶୀ ପୁଞ୍ଜିନିବେଶ ଲାଗି ପଥ ଉନ୍ମୁକ୍ତ କରିଥିଲେ। ଭାରତୀୟ ଅର୍ଥନୀତିରେ ଏହା ଥିଲା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଦେଶ ସ୍ୱାଧୀନ ହେବା ପରେ ୪୫ ବର୍ଷ ଧରି ଗୋଟିଏ ଧାରା ଚାଲିଥିଲା। ତାହା ଥିଲା ରାଷ୍ଟ୍ରାୟତ ଉଦ୍ୟୋଗ ପ୍ରତିଷ୍ଠା ବା ଜାତୀୟ କରଣ ପ୍ରକ୍ରିୟା। ଏଥିରେ ମନମୋହନ ବ୍ରେକ ଦେଲେ। ଆଜି ଯଦି ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି ସେଥିରେ ମନମୋହନଙ୍କ ଭୂମିକା ରହିଛି। ୨୦୦୪ରେ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ମନମୋହନ ଆଉ ଏକ ନୂତନ ଭୂମିକାରେ ଅବତୀର୍ଣ୍ଣ ହେଲେ। କେବଳ ପୁଞ୍ଜିନିବେଶ ଦ୍ୱାରା ଲୋକଙ୍କ ଆର୍ଥିକ ଉନ୍ନତି ସମ୍ଭବ ନୁହେଁ। ସେମାନଙ୍କୁ କାମ ଆବଶ୍ୟକ। ଏଥିପାଇଁ ସେ ଆରମ୍ଭ କରିଥିଲେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା। ଏହା ଦ୍ୱାରା କୋଟି କୋଟି ବ୍ୟକ୍ତି କର୍ମନିଯୁକ୍ତି ପାଇଲେ। ସେ ମଧ୍ୟ ଗ୍ରାମ୍ୟ ବିକାଶ ନିମନ୍ତେ ନ୍ୟାସନାଲ ରୁରାଲ ମିଶନ ଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଦେଶରେ ଆଜି ଯେଉଁ ଆଧାର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି ତାହାର ଜନକ ଥିଲେ ମନମୋହନ। ସେ କେବେ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିନଥିଲେ। କାରଣ ସେ ଭାଷଣ ଦେଇ ଜାଣିନଥିଲେ। ଲୋକସଭା ସଦସ୍ୟ ହୋଇନଥିଲେ। କିନ୍ତୁ ୧୯୯୧ରୁ ୨୦୨୪ ଦୀର୍ଘ ୩୩ ବର୍ଷ କାଳ ସେ ରାଜ୍ୟସଭାର ସଦସ୍ୟ ଥିଲେ ଏବଂ ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ସେ ରାଜ୍ୟସଭାରେ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରିଥିଲେ। ରାଜ୍ୟସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେ ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ଏବଂ ମତବ୍ୟକ୍ତ କରିଛନ୍ତି। ଏହା ଥିଲା ତାଙ୍କ ଦୂରଦୃଷ୍ଟିର ପ୍ରମାଣ। ଜଣେ ସଫଳ ନେତା ବା ପ୍ରଧାନମନ୍ତ୍ରୀ ଭାବେ ହୁଏତ ସେ ପରିଚିତ ହୋଇନପାରନ୍ତି, କିନ୍ତୁ ଜଣେ ପ୍ରବୀଣ ଅର୍ଥନୀତିଜ୍ଞ ଭାବେ ସେ ଚିରଦିନ ପରିଚିତ ହେବେ। ତାଙ୍କ ଚରିତ୍ରର ବିଶେଷତ୍ୱ ଥିଲା ସେ ଥିଲେ ଜଣେ ଅତ୍ୟନ୍ତ ସରଳ, ନିରାଡ଼ମ୍ବର ଜୀବନ ଏବଂ ବିନମ୍ର ତଥା ଅମାୟିକ ସ୍ୱଭାବ। ଜଣେ ପ୍ରକୃତ ଜ୍ଞାନୀ ବ୍ୟକ୍ତିର ଚରିତ୍ର ଏପରି ହୋଇଥାଏ। ଓଡ଼ିଶା ସହିତ ତାଙ୍କର ସମ୍ପର୍କ ଥିଲା ଘନିଷ୍ଠ ଏବଂ ନିବିଡ଼ତା ରହିଥିଲା। ଓଡ଼ିଆ ପରିବାର ସହିତ ସେ ବନ୍ଧୁତା କରିଥିଲେ। ଓଡ଼ିଶାର ବିପତ୍ତି ବେଳେ ସେ ସହାୟତାରେ ହାତ ବଢ଼ାଇଥିଲେ। ଦଳଗତ ରାଜନୈତିକ ଚିନ୍ତାଧାରାର ଉର୍ଦ୍ଧ୍ୱକୁ ଉଠି ସେ କାମ କରୁଥିଲେ। କଥା କମ, କାମ ବେଶୀ ଏହା ଥିଲା ତାଙ୍କ ନୀତି। ବାସ୍ତବରେ ଡକ୍ଟର ମନମୋହନ ସିଂହ ଥିଲେ ଜଣେ ମହାନ ରାଷ୍ଟ୍ରନାୟକ। ତାଙ୍କ ବିୟୋଗ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି।

## ସମ୍ପାଦକଙ୍କୁ ପତ୍ର

### ସାତପଡ଼ାକୁ ଉପେକ୍ଷା କରାଯାଉଛି

ମହାଶୟ,

ପୁରୀ ଜିଲ୍ଲାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା କୂଳରେ ସାତପଡ଼ା ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର। ବର୍ଷ ତମାମ ଏଠାକୁ ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକମାନେ ଆସନ୍ତି। ଏପରିକି ବାହାର ରାଜ୍ୟର ପର୍ଯ୍ୟଟକମାନେ ମଧ୍ୟ ଚିଲିକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଏଠାକୁ ଆସନ୍ତି। ପୁରୀ ଓ କୋଣାର୍କ ବୁଲିବାକୁ ଯେଉଁମାନେ ଆସନ୍ତି ସେମାନେ ସାତପଡ଼ା ଏବଂ ବ୍ରହ୍ମଗିରିରେ ବାଲି ହରଚଣ୍ଡୀ ବୁଲି ଆସନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ପର୍ଯ୍ୟଟକଙ୍କ ପାଇଁ ସାତପଡ଼ାରେ ବିଶେଷ ସୁବିଧା ସୁଯୋଗ ନାହିଁ। କିମ୍ବା ପର୍ଯ୍ୟଟକଙ୍କ ସ୍ୱଚ୍ଛନ୍ଦ ଲାଗି କୌଣସି ବ୍ୟବସ୍ଥା ନାହିଁ। ପୁରୀଠାରୁ ମାତ୍ର ୬୦ କିମି ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳୀର ବିକାଶ କରାଗଲେ ସରକାରଙ୍କର ରାଜସ୍ୱ ମଧ୍ୟ ବୃଦ୍ଧି ପାଆନ୍ତା ଏବଂ ସ୍ଥାନୀୟ ଲୋକେ ମଧ୍ୟ ରୋଜଗାର ସୁବିଧା ପାଇପାରନ୍ତେ। ରାଜ୍ୟ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ। ପ୍ରତିବର୍ଷ ବଜେଟରେ ଏଥିଲାଗି କିଛି କିଛି ବ୍ୟୟ ବରାଦ କରାଗଲେ ୫ ବର୍ଷରେ ଏହାର ରୂପ ବଦଳିଯାଆନ୍ତା। ଏହା ସହିତ ପୁରୀରୁ ସାତପଡ଼ାକୁ ରେଲ ଲାଇନ ନିର୍ମାଣ କରାଗଲେ ଏହା ପର୍ଯ୍ୟଟନ ଶିଳ୍ପର ବିକାଶରେ ସହାୟକ ହୋଇପାରିବ।

ରବି ନାରାୟଣ ପ୍ରଧାନ, କପିଳେଶ୍ୱରପୁର

# ନବବର୍ଷରେ ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା



**ଆଶୁତୋଷ ନାୟକ**

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ। ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଟ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ। ସେଥିପାଇଁ ଶ୍ରୀମଦଭାଗବତମ୍ ୭/ ୬/୨ ରେ ଏହା ବର୍ଣ୍ଣିତ ଅଛି,

**'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ।**
**ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍।'**

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ୍ୟ ଅତି ସଂକ୍ଷିପ୍ତ ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟନ୍ତ୍ରଣରେ ନଥାଏ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ।ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା।

ଜିତେନ୍ଦ୍ର ଆଓ୍ୱାଧ୍ୟ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ ହିନ୍ଦୁଙ୍କ ଆରାଧ୍ୟ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି। ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି। ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏହିପରି ଅନେକ କ୍ଷମତାପିପାଷୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉନାହାନ୍ତି। କିଛି ଦିନ ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ।

କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ। ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏତାଦୃଶ ଘୃଣା ଏବଂ ହିଂସା ଉଦ୍ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ଼ ଙ୍କ ନିକଟକୁ ଚିଠି ଲେଖିଛନ୍ତି। ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ। ସେଥିପାଇଁ ତାଙ୍କ ବିରୋଧ ରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏହାଛଡ଼ା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି। ସେ ଚିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚିଠିରେ ଉପସ୍ଥାପନା କରାଯାଇଛି।

ଉଦୟ ନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡି ଏମ୍ କେ ର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି। ଚେନ୍ନେଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ। ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧ ର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି। ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି। ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡ଼ି, ସୁରମ୍ୟ ଅଟ୍ଟାଳିକା, ସୁନା, ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଅବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପଦସ୍ତ ଅଧିକାରୀ, ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି। ଏହାର ଅନେକ ଦୃଷ୍ଟାନ୍ତ ରହିଛି।

ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି। ମଦ୍ୟପାନ ଠାରୁ ଆରମ୍ଭ କରି ପାନ, ଗୁଟକା, ସିଗାରେଟ, ହିରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି। ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି-

**'ଆପଣା ହସ୍ତେ ଜିହ୍ୱା ଛେଦି**
**କେ ଅଛି ତାର ପ୍ରତିବାଦୀ'**

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି। ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର, ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି। ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡ଼ିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି। ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି।ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି।ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ। ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ। ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି।ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଟ, ସର୍ବଶକ୍ତିମାନ ମନେକରୁଛି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି। ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି। ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି। ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ। ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା

ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ। ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି-

'ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ'

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା


**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ: ୭୦୨୦୬୧୧୩୦୦**


# ଡିଜିଙ୍କ ନିର୍ଦ୍ଦେଶ ଓ ପୋଲିସର ଭିନ୍ନରୂପ



**ସତୀଶ ବିଶ୍ୱାଳ**

୨୨ ସେପ୍ଟେମ୍ବର ୨୦୨୪ ରିଖରେ ଓଡ଼ିଶା ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ (ଡି.ଜି) ଯୋଗେଶ ବାହାଦୁର ଖୁରାନିଆ ରୋକଠୋକ ଭାବେ ଚେତାବନୀ ଦେଇଥିଲେ ଯେ ରାଜ୍ୟର କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ପୋଲିସ ବାବୁମାନେ ନିଜ କାମ ଛାଡି ଅନ୍ୟ ଧନ୍ଦାରେ ମାତିଛନ୍ତି। ମୁଖ୍ୟତଃ ଏମାନେ ଖଣି ଓ ଶିଳ୍ପାଚଂଳ ପରିବହନ କାମରେ ମାତିଛନ୍ତି। ଏହା ପୁଲିସ ବାବୁଙ୍କ କର୍ତ୍ତବ୍ୟ ପରିସର ନୁହେଁ। ଏଭଳି ବେଆଇନ କାର୍ଯ୍ୟରୁ ସମ୍ପୃକ୍ତ ପୁଲିସ ବାବୁମାନେ ଦୂରେଇ ନରହିଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଏହା କେବଳ ମୌଖିକ ନିର୍ଦ୍ଦେଶ କିମ୍ବା କୌଣସି ମଞ୍ଚର ଭାଷଣର ବିଷୟ ନୁହେଁ। ବରଂ ଡି.ଜିଙ୍କ ଏଭଳି ନିର୍ଦ୍ଦେଶାନାମା ସମ୍ପର୍କରେ ଆଇନ ଶୃଙ୍ଖଳା ଦାୟୀତ୍ୱରେ ଥିବା ଏ.ଡି.ଜି ସଞ୍ଜୟ କୁମାର ଜିଲ୍ଲା ଏସ.ପି ଓ ଡି.ସି. ପି ମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଶ୍ରୀ କୁମାର ଲେଖିଥିବା ଚିଠିରେ କୁହାଯାଇଛି ଯେ, ଓଡ଼ିଶାରେ ଥାନା ସ୍ତରରେ ଅର୍ଥାତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ଏଭଳି କିଛି କାର୍ଯ୍ୟ କରୁଛନ୍ତି ଯାହା ପୋଲିସର କାର୍ଯ୍ୟ ନୁହେଁ। ଖଣି ଓ ଶିଳ୍ପାଞ୍ଚଳର ପରିଚାଳନା ତଥା ଅନ୍ୟ ଅନଧିକୃତ କାର୍ଯ୍ୟରେ ସେମାନଙ୍କର ସମ୍ପୃକ୍ତି ରହୁଛି। ଏ କଥା ପୋଲିସ ଡିଜିଙ୍କ ନଜରକୁ ଆସିଛି। ପୁଲିସ ଅଧିକାରୀଙ୍କ ଏ ପ୍ରକାର କାର୍ଯ୍ୟାକଳାପ ନେଇ ପୁଲିସ ଡି.ଜି ଉଦବେଗ ପ୍ରକାଶ କରିଛନ୍ତି। ଏହି ନିର୍ଦ୍ଦେଶରେ ସିଧା ସିଧା ଶୁଣାଇ ଦିଆଯାଇଥିଲା ଯେ, ଏଭଳି ଘଟଣାରେ କେହି ଏଣିକି ଲିପ୍ତ ରହିଲେ ଏହାକୁ ଗୁରୁତ୍ୱର ସହ ବିଚାର କରାଯିବ। ଏହି ନିର୍ଦ୍ଦେଶନାମାକୁ ଯଦି କେହି ଅଧିକାରୀ ଖିଲାପ କରିବେ ତେବେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପୋଲିସ ମୁଖିଆଙ୍କ ଅପ୍ରୀୟ ସତ୍ୟର ଉପଲବ୍ଧି ସାଂଘାତିକ ହେଲେ ବି ସ୍ୱାଗତଯୋଗ୍ୟ। ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରରେ ଥିବା ଅଧିକାରୀମାନେ ଗ୍ରାଉଣ୍ଡ ଜିରୋର ବାସ୍ତବତାକୁ ସଠିକ ଭାବେ ଉପଲବ୍ଧି କରିପାରିଲେ ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକଙ୍କ ସ୍ୱପ୍ନର ସଫଳ ରୂପାୟନ ହୋଇଥାଏ। ଭାତ ହାଣ୍ଡିରେ ଗୋଟିଏ ଚିପିବା ପରି ଏବେ ମୟୁରଭଞ୍ଜରେ ରହୁଥିବା ମୃତ ଆଦିବାସୀ ଶ୍ରମିକ ଅଜୁ ସିଂଙ୍କ ଦୁଃଖ ସହ ପ୍ରସଙ୍ଗଟି ଯୋଡି ହୋଇ ଯାଇଛି। କାରଣ ଦୈନିକ ବହୁକୋଟି ଟଙ୍କାର ପାହାଡ ଲୁଟ ଭଳି ବେଆଇନ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଶ୍ରମିକ ଅଜୁ ସିଂଙ୍କ ମୃତ୍ୟୁ ହୋଇଛି। ଅଜୁ ସିଂ ମାତ୍ର ଦୁଇବର୍ଷ ପୂର୍ବରୁ ମୟୁରଭଞ୍ଜ ଜିଲ୍ଲାର କୁଳିଅଣା ଥାନା ଅନ୍ତର୍ଗତ ଖାଣ୍ଡିଆ ପଞ୍ଚାୟତ ଜାନୁଡାହି ଗ୍ରାମର ସ୍ୱର୍ଗତ ସମା ସିଂଙ୍କ ଝିଅ ମମିତାଙ୍କୁ ପ୍ରେମ ବିବାହ କରି ଶ୍ୱଶୁର ଘରେ ରହୁଥିଲେ। ପ୍ରେମିକାରୁ ନବବିବାହିତା ପତ୍ନୀକୁ ଛାଡି ସୁଦରୁ ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ ରାହାଡପୁର ପାହାଡକୁ ପେଟ ପାଇଁ ଦାନା ଯୋଗାଡ କରିବାକୁ ଆସିଥିଲେ।ଧର୍ମଶାଳା ତହସିଲ ଅଞ୍ଚଳରେ ଚାଲିଥିବା ଆଖିବୁଜା କଳାପଥର ପାହାଡ ଲୁଟ କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ ବୋଲି ଏହି ନିରୀହ ଆଦିବାସୀ ଯୁବକ ଜାଣିବାର ସୁଯୋଗ ନଥିଲା। ଏଠାରେ କଳାପଥର ପାହାଡ ଖାଦାନରେ ଶ୍ରମିକ ଭାବେ କାମ କଲେ। ଅଚାନକ ପଥର ବ୍ଲାଷ୍ଟିଂ ବେଳେ ଅଜୁଙ୍କ ଉପରେ ପଥର ପଡ଼ି ଗତ ତା୧୪.୦୯.୨୪ ରିଖରେ ତାଙ୍କର ମୃତ୍ୟୁ ହେଲା। ସେ ସମୟରେ ତାଙ୍କର ପତ୍ନୀ ମମିତା ଗର୍ଭବତୀ ଥିଲେ। ଆଇନ ଓ ବ୍ୟବସ୍ଥା ଉପରେ ସାମାନ୍ୟତମ ଧାରଣା ନଥିବା ନିରୀହ ସରଳ ଆଦିବାସୀ ଯୁବତୀ ମମିତା ସ୍ୱାମୀଙ୍କ ମୃତ୍ୟୁ ନେଇ ଲଢ଼ିବାର କ୍ଷମତା ବି ନଥିଲା।

ପାହାଡ ପର୍ବତରେ କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ଏବଂ ଜୀବନ ହାନି ନେଇ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ଆଇନଗତ ବ୍ୟବସ୍ଥା ରହିଛି। ଏହାପରେ ବି ଶ୍ରମିକମାନେ ପୋକମାଛି ପରି ଶତାଧିକ ସଂଖ୍ୟାରେ ପ୍ରତିବର୍ଷ ପାହାଡରେ ମୃତ୍ୟୁ ବରଣ କରନ୍ତି। ସେମାନଙ୍କୁ କୌଣସି ପ୍ରକାର ନ୍ୟାୟ ମିଳେ ନାହିଁ। ଅନେକ ଶ୍ରମିକଙ୍କ ଶବକୁ ପାହାଡର ପଥର ଓ ମାଟି ତଳେ ଚାପି ଦିଆଯାଏ। ଥାନାରେ ବି ଏତଲା ହୁଏନାହିଁ। ଏହା ଗଣମାଧ୍ୟମରେ ପ୍ରାୟ ପ୍ରତ୍ୟେକ ମାସରେ ବଡ ପ୍ରସଙ୍ଗ ହୁଏ। ହେଲେ ବି.ଜେ.ପି ସରକାର କ୍ଷମତାକୁ ଆସିବା ପରେ ଧର୍ମଶାଳା ପାହାଡ ପର୍ବତରେ ଶ୍ରମିକ ଅଜୁ ସିଂଙ୍କ ମୃତ୍ୟୁ ଥିଲା ପ୍ରଥମ ପ୍ରସଙ୍ଗ। ମୁଖ୍ୟମନ୍ତ୍ରୀ ହେବା ପରେ ମୋହନ ଚରଣ ମାଝୀ ପ୍ରଥମେ ମା ତାରିଣୀଙ୍କ ଦର୍ଶନ କରି ଖଣିଲୁଟ ନେଇ କଠୋର କାର୍ଯ୍ୟାନୁଷ୍ଠାନର ଦୃଢ ପ୍ରତିଶ୍ରୁତି ଦେଇଥିଲେ। ଶ୍ରମିକ ମୃତ୍ୟୁ ପରେ ଏଠାରେ ଚାଲିଥିବା ବେଆଇନ ପାହାଡ ତଥା ଖଣି ଲୁଟ ଅଧିକ ପ୍ରମାଣିତ ହେଲା। ମୁଖ୍ୟମନ୍ତ୍ରୀ ଏବଂ ପୋଲିସ ଡିଜିଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେବା ପାଇଁ ନିରୀହ ଆଦିବାସୀ ଶ୍ରମିକ ଅଜୁ ସିଂ ଜୀବନ ଏକ ବଡ ମାଧ୍ୟମ ଏବଂ ଦୃଷ୍ଟାନ୍ତ ଭାବେ ଠିଆ ହେଲା। ଶ୍ରମିକ ମୃତ୍ୟୁ ସହ ଯୋଡି ହୋଇ ରହିଥିବା ପାହାଡ ଲୁଟ ନେଇ ନିଶ୍ଚୟ ନ୍ୟାୟ ମିଳିବ ବୋଲି ସାଧାରଣରେ ଦୃଢ ଧାରଣା ସୃଷ୍ଟି ହୋଇଥିଲା। ଏଥିନେଇ ଗୋଟିଏ ପ୍ରତିନିଧି ଦଳ ସହ ମୟୁରଭଞ୍ଜରେ ମମିତାଙ୍କୁ ଭେଟିବା ପରେ ଦେଖିଥିଲୁ ତାଙ୍କର କୋଳରେ ଥିଲେ ଦୁଇମାସର ଶିଶୁକନ୍ୟା। ମମିତାଙ୍କ ଆଖିରୁ ଥପ ଥପ ବୋହି ପଡୁଥିବା ଲୁହ ଜୀବନର ଆରମ୍ଭରୁ ତାଙ୍କର ସବୁ ସୁଖ ଲିଭିଯାଇଥିବାର ପ୍ରମାଣିତ କରୁଥିଲା। ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୋଲିସ ଡିଜିଙ୍କ ପ୍ରତିଶ୍ରୁତି ଏବଂ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଥିବା ଯାବତୀୟ ଆଇନ ଓ ବ୍ୟବସ୍ଥାକୁ ଉପହାସ କରୁଥିଲା। ସରକାରଙ୍କ ବିଧି ବ୍ୟବସ୍ଥା ନେଇ ବୁଝିବା ପରେ ମମିତା ଏହି ପ୍ରସଙ୍ଗରେ ଜେନାପୁର ଥାନାରେ ଏତଲା ଦେବା ସହ ତାଙ୍କର ସ୍ୱାମୀଙ୍କ ମୃତ୍ୟୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଗତ ତା୦୨.୧୨.୨୪ ରିଖରେ ଆକୁଳ ନିବେଦନ କରି ପତ୍ର ବି ଲେଖିଲେ। ଏଥିରେ ମମିତା ଦର୍ଶାଇଲେ ଯେ, ମୋ ସ୍ୱାମୀ କେବଳ ମଜୁରୀ ପାଇବା ପାଇଁ ସେଠାକୁ କାମ କରିବାକୁ ଯାଇଥିଲେ। ହେଲେ ଏହି ଖାଦାନ ବେଆଇନ ଭାବେ ଚାଲିବା ନେଇ ତାଙ୍କର କୌଣସି ଧାରଣା ନଥିଲା। ମୋ ସ୍ୱାମୀଙ୍କ ଉପରେ ପଥର ପଡ଼ିବା ପରେ ସେ ଜୀବନ ବିକଳେ ପିଇବାକୁ ପାଣି ମାଗିଛନ୍ତି। ଏହାର ସାକ୍ଷୀ ମଧ୍ୟ ରହିଛି। ତାଙ୍କୁ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟକେନ୍ଦ୍ର ନିଆ ଯାଇଥିଲେ ସେ ବଞ୍ଚି ଯାଇଥାନ୍ତେ। ହେଲେ ତାଙ୍କୁ କାମରେ ଲଗାଇଥିବା ବ୍ୟକ୍ତି (ଏତଲାରେ ତାଙ୍କ ନାମ ମଧ୍ୟ ନେଇଛନ୍ତି) ତାଙ୍କୁ ଦୀର୍ଘ ସମୟ ପରେ ସ୍ୱାସ୍ଥ୍ୟକେନ୍ଦ୍ର ନେବାରୁ ସେ ମୃତ୍ୟୁ ବରଣ କଲେ।

ଏ କ୍ଷେତ୍ରରେ ଯେଉଁମାନେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶ୍ରମିକଙ୍କୁ ମୁମୂର୍ଷୁ ଅବସ୍ଥାରେ ନେଇଥିଲେ ସେହିମାନେ ହିଁ ଏହି ଅଘଟଣରେ ସମ୍ପୃକ୍ତ ବୋଲି ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ହୋଇଥିବା ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀଙ୍କଠାରୁ ପୋଲିସ ଡିଜି ଙ୍କ ପର୍ଯ୍ୟନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଯାଇଥିଲେ ମଧ୍ୟ ଏମାନଙ୍କୁ ଚିହ୍ନଟ କରିବା ପାଇଁ ଅଦ୍ୟାବଧି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏବଂ ନିକଟରେ ଥିବା ଅନ୍ୟ ସିସିଟିଭି ଯାଞ୍ଚ ହୋଇପାରୁ ନାହିଁ। ଏପରିକି ପୋଲିସ ଡିଜି ଏଥିନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ପଥର ମାଫିଆଙ୍କ ଚାପରେ ଡି.ଜିଙ୍କ ନିର୍ଦ୍ଦେଶ ବି ଦୀର୍ଘଦିନ ହେଲା ଚାପି ହୋଇ ରହିଯାଇଛି। ମାନ୍ୟବର ସୁପ୍ରୀମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏତଲା ପ୍ରଦାନର ୨୪ ଘଣ୍ଟା ମଧ୍ୟରେ ଏତଲା ରୁଜୁ ଏବଂ ଏତଲା କପି ପ୍ରଦାନ କାର୍ଯ୍ୟ ପୋଲିସ ପାଳନ କରୁନାହିଁ। ଗତ ୨ ତାରିଖରୁ ପୋଲିସକୁ ମିଳିଥିବା ମମିତାଙ୍କ ଏତଲା ଅଦ୍ୟାବଧି ରୁଜୁ ହୋଇନାହିଁ କିମ୍ବା ଏଥିନେଇ କୌଣସି ତଦନ୍ତ କରାଯାଇ ନାହିଁ। ନିକଟ ଅତୀତରେ ରାଜ୍ୟରେ ଦୁଇଜଣ ବିବାହିତା ମହିଳାଙ୍କୁ ନିର୍ମମ ଭାବେ ହତ୍ୟା ଘଟଣାର ୬ ଟି ଲେଖା ଟିମ ଜରିଆରେ ଅନୁସନ୍ଧାନ କରି ରହସ୍ୟର ପର୍ଦ୍ଦାଫାସ କରିବାରେ ପୋଲିସ ସଫଳ ହୋଇଛି। ଯଦିଓ ଗୋଟିଏ ଘଟଣାରେ ଜଣେ ବିଧାୟକଙ୍କ ସପର୍କିୟ ଭଉଣୀଙ୍କୁ ତାଙ୍କର ସ୍ୱାମୀ ବନ୍ଧୁକରେ ଗୁଳି କରି ମାରିବା ପରେ ତାଙ୍କର ପତ୍ନୀ ଚୋରଙ୍କ ଦ୍ୱାରା ପତ୍ନୀ ହତ୍ୟା କରାଯାଇ ଥିବାର ଅଭିନବ ନାଟକ ରଚନା କରିଥିଲେ। ଏଥିନେଇ ଘଟଣାରେ ମଧ୍ୟ ଜନୈକ ବିଧାୟକ ହସ୍ତକ୍ଷେପ କରିଥିଲେ। ସେହିପରି ଭୁବନେଶ୍ୱରର ଏକ ଲୁଟ ଓ ହତ୍ୟା ଘଟଣାରେ ୪୦୦ ସିସିଟିଭି ଯାଚ କରାଯାଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାର ବଡ ସଫଳତା ବି ପାଇଲେ। ହେଲେ ଶ୍ରମିକ ଅଜୁ ସିଂଙ୍କ କ୍ଷେତ୍ରରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସିସିଟିଭି ଯାଞ୍ଚ ନେଇ ହୋଇଥିବା ଦାବିକୁ ବି ଚାପି ଦିଆଗଲା। ଏ କ୍ଷେତ୍ରରେ କେବଳ ଜଣେ ଶ୍ରମିକଙ୍କ ଜୀବନ ଯାଇନାହିଁ। ଏହାସହ ରାଜ୍ୟର ଶତାଧିକ ଶ୍ରମିକଙ୍କ ଜୀବନ ଏବଂ କୋଟି କୋଟି ଟଙ୍କାର କଳାପଥର ଲୁଟର ପ୍ରସଙ୍ଗ ବି ଯୋଡି ହୋଇ ରହିଛି। ଅଜୁ ସିଂଙ୍କ ପରି ବହୁ ଗରୀବ ଶ୍ରମିକଙ୍କ ମୃତ୍ୟୁକୁ ଚାପି ଦେବାର ଏହା ଏକ ନମୁନା ଭାବେ ଠିଆ ହୋଇଛି। ହେଲେ ପାହାଡ ଲୁଟରେ ସମ୍ପୃକ୍ତ ଥିବା ପୋଲିସ ଅଧିକାରୀ ସମୁଦାୟ ଘଟଣାକୁ କଳେ ବଳେ କୌଶଳେ ଚାପି ଦେବାରେ ସଫଳ ହେଉଛନ୍ତି। ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଠାରୁ ଡି, ଜିଙ୍କ ଚେତବନୀ ମୂଲ୍ୟହୀନ ହୋଇପଡୁଛି। ଏଠାରେ ଅଜୁଙ୍କ ପତ୍ନୀ ତଥା ବିଧବା ଆଦିବାସୀ ଯୁବତୀ କୌଣସି ବିଧାୟକଙ୍କ ସମ୍ପର୍କିୟ ଭଉଣୀ ନହୋଇ ପାରେ ହେଲେ ତାର ଅସହାୟତାର ଲୁହ ଆମ ପୋଲିସର ଡବଲ ଷ୍ଟାଣ୍ଡ ଏବଂ ଭିନ୍ନ ରୂପର ସଂକେତ ହୋଇଛି।


**ସଭାପତି, ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ, ଯାଜପୁର**
**ମୋବାଇଲ: ୯୪୩୭୦୧୯୧୧୭**


# ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ



**ବିପିନ ବିହାରୀ ରାଉତ**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ। ସେ ଏକଧାରରେ ଔପନ୍ୟାସିକ, ଗାଳ୍ପିକ ଓ ପ୍ରାବନ୍ଧିକ। ସମାଲୋଚନା, ରମ୍ୟ ରଚନା, ଶିଶୁ ସାହିତ୍ୟ, କବିତା, ଅନୁବାଦ, ଆଧ୍ୟାତ୍ମିକ ରଚନା ଓ ସମ୍ପାଦନ କ୍ଷେତ୍ରରେ ମଧ୍ୟ ତାଙ୍କର ଶକ୍ତିଶାଳୀ ଉପସ୍ଥିତି ସ୍ପଷ୍ଟ ଅନୁଭବ କରାଯାଏ। ତାଙ୍କ ଗଳ୍ପର ଭାଷା ଚିତ୍ରମୟ, ବର୍ଣ୍ଣମୟ ଓ ମନନଧର୍ମୀ। ତାଙ୍କ ଗଳ୍ପଗୁଡ଼ିକର କଥାବସ୍ତୁର ବ୍ୟାପକତା ଦେଖିଲେ, ବିସ୍ମିତ ହେବାକୁ ହୁଏ। ସେ ବାସ୍ତବବାଦୀ ସାହିତ୍ୟିକ। ତାଙ୍କ ନିଜ ଭାଷାରେ 'ମୋର ବିଶ୍ୱାସ, ମୁଁ ମୋର ଜୀବନରେ ଯାହା କିଛି ଲେଖେଁ କିଛି ମିଛ ଲେଖେନାହିଁ। ମୋ ମନରୁ ଗୋଟେ କିଛି ଫାନ୍ଦିକରି ଲେଖେନାହିଁ। ଜଗତ୍‌ରେ ଯାହାଘଟେ, ତାହା ମୁଁ ନିଜେ ଅନୁଭବ ନକରି ଲେଖେନାହିଁ। ଆଉ ମଧ୍ୟ ଆମର ଏ ଜଗତରେ ଯାହା କିଛି ଘଟିବା ଉଚିତ ବୋଲି ମୁଁ ମନେକରେ, ତାହା ବି ମୁଁ ନିଜେ ମୋ ଜୀବନରେ ପ୍ରଥମେ ପ୍ରୟୋଗ ନ କରି ଲେଖେନାହିଁ। ମୁଁ ମୋ ଜୀବନରେ ଅନେକ ମିଛ କଥା ପାଟିରେ କହିଛି। କିନ୍ତୁ ଗୋଟିଏ ହେଲେ ବି ମିଛ ଶବ୍ଦ ମୋ ଲେଖନୀରୁ ବାହାରିନାହିଁ।' ମହାପାତ୍ର ନୀଳମଣି ଲେଖୁଥିଲେ ଓଡ଼ିଆ ଭାଷାଭାଷୀଙ୍କ ପାଇଁ। ନିଜ ଲେଖାଗୁଡ଼ିକର ହିନ୍ଦୀ ବା ଇଂରେଜୀ ଅନୁବାଦ ପାଇଁ ତାଙ୍କର ଆଗ୍ରହ ନଥିଲା। କେବଳ ଓଡ଼ିଆ ପାଠକ ପାଠିକାଙ୍କର ଅଭିମତ ଶୁଣିବା ଲାଗି ସେ ସର୍ବଦା ବ୍ୟଗ୍ର ଥିଲେ। ସେ ସମାଜ ସଚେତନ ଲେଖକ। ସତ୍ୟ ପଛରେ ଧାଇଁଲା ବେଳେ ସେ ଦାର୍ଶନିକ ଓ ଯୋଗୀ। ଶିବ ବା ମଙ୍ଗଳ ପଛରେ ଧାଇଁଲା ବେଳେ ସେ କର୍ମୀ। ସୁନ୍ଦର ପଛରେ ଧାଇଁଲା ବେଳେ ପ୍ରେମୀ ଏବଂ ମହତ୍ ପଛରେ ଧାଇଁଲା ବେଳେ ଭକ୍ତ। ତାଙ୍କ ରଚନାରେ ମିଳେ ଜ୍ଞାନ, କର୍ମ, ପ୍ରେମ ଓ ଭକ୍ତିର ଉପାଦାନ ଏବଂ ସେଥି ଲାଗି ପ୍ରେରଣା। ୧୯୮୧ରେ ଆକାଶ ପାତାଳ ପାଇଁ ସେ ଲାଭ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର ଏବଂ ୧୯୮୪ରେ ଅଭିଶପ୍ତ ଗନ୍ଧର୍ବ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କାର। ୧୯୬୫-୧୯୬୯ ଝଙ୍କାର ପତ୍ରିକାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପନା ଥିଲା ତାଙ୍କର ବୃତ୍ତି। ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ୧୯୮୪ରେ ବିଜେପିରୁ ଉପାଧ୍ୟକ୍ଷ ଭାବେ ଅବସର ନେଇଥିଲେ। ଧରା ଓ ଧାରା, ତାମସୀ ରାଧା, ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ, ସୁମିତ୍ରାର ହସ, ଆମେ ଓଡ଼ିଆ, ଯାଆ ନିଶା ସର୍ବଭୂତେଷୁ ଆଦି ତାଙ୍କର ଶ୍ରେଷ୍ଠ କୃତି ତାଲିକା ଅନ୍ତର୍ଭୁକ୍ତ। ୧୯୨୬ ଡିସେମ୍ବର ଆଜିର ଦିନରେ ନିଆଳିରେ ସେ ଜନ୍ମ ହୋଇଥିଲେ।


**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ**

# ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ କଲେ ମନମୋହନଙ୍କ ଶେଷ ଦର୍ଶନ

**ନୂଆଦିଲ୍ଲୀ, ୨୭।୧୨:** ଗତକାଲି ଦିଲ୍ଲୀ ଏମ୍ସରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଅନ୍ତିମ ସତ୍କାର ଆସନ୍ତା କାଲି ହେବ । ଗତକାଲି ବିଳମ୍ବିତ ରାତିରେ ସ୍ୱର୍ଗତ ସିଂହଙ୍କ

## ଆଜି ହେବ ଶେଷକୃତ୍ୟ

ପାର୍ଥିବ ଶରୀର ତାଙ୍କ ବାସଭବନରେ ପହଞ୍ଚିଥିଲା। ଆଜି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତି। ଆସନ୍ତାକାଲି ଦିଲ୍ଲୀର ନିଗମବୋଧ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ । ଆଜି ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଜେପି ନଡ୍ଡା, କଂଗ୍ରେସ ନେତା ସୋନିଆ ଗାନ୍ଧି, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ସାଂସଦ ପ୍ରିୟଙ୍କା ଗାନ୍ଧି ପ୍ରମୁଖ ମନମୋହନ ସିଂହଙ୍କ ବାସଭବନରେ ପହଞ୍ଚିଥିଲେ। ସେମାନେ ଏହି ଅମାୟିକ ତଥା ବିଦ୍ୱାନ ଜନପ୍ରିୟ ନେତାଙ୍କ ଅନ୍ତିମ ଦର୍ଶନ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।



ମନମୋହନଙ୍କ ପରିବାରରେ ପତ୍ନୀ ଓ ୩ ଝିଅ ଅଛନ୍ତି। ତାଙ୍କର ଜଣେ ଝିଅ ଆମେରିକାରେ ରହୁଥିବା ବେଳେ ସେ ଆସନ୍ତାକାଲି ପହଞ୍ଚିଲେ ଅନ୍ତିମ ସତ୍କାର କରାଯିବ ବୋଲି ଜଣାଯାଇଛି। ମନମୋହନଙ୍କ ପରଲୋକରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ମନମୋହନଙ୍କ ବିୟୋଗରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି।

ଭାରତର ରାଜନୀତି ଓ ଆର୍ଥିକ ସୁଧାର କ୍ଷେତ୍ରରେ ମନମୋହନ ସିଂହଙ୍କ ଯୋଗଦାନକୁ ସବୁବେଳେ ମନେ ରଖିବ ଦେଶ। ପ୍ରଖ୍ୟାତ ଅର୍ଥନୀତିଜ୍ଞ, ଭାରତବର୍ଷରେ ଜଗତୀକରଣ ଅର୍ଥନୀତିର ପ୍ରବର୍ତ୍ତକ ଥିଲେ ମନମୋହନ ସିଂହ। ସେ ଅତି ସରଳ, ଅମାୟିକ ଓ ଅତ୍ୟନ୍ତ ନମ୍ର ସ୍ୱଭାବର ବ୍ୟକ୍ତି ଥିଲେ। ୩୩ ବର୍ଷ ଧରି ରାଜ୍ୟସଭାର ସଦସ୍ୟ ରହିଥିଲେ। ଗତବର୍ଷ ଏପ୍ରିଲରେ ରାଜ୍ୟସଭା ସାଂସଦ ଭାବରେ ଅବସର ନେଇଥିଲେ ମନମୋହନ ସିଂହ। ତାଙ୍କୁ ୧୯୮୭ରେ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା।

# ଇଡି ଜାଲରେ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ସହଯୋଗୀ

**ନୂଆଦିଲ୍ଲୀ, ୨୭।୧୨:** ଲୋକ ଜନଶକ୍ତି ପାର୍ଟି (ରାମ ବିଲାଶ) ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ସହଯୋଗୀ ହୁଲାସ ପାଣ୍ଡେଙ୍କ ବିଭିନ୍ନ ଠିକଣାରେ ଆଜି ଚଢ଼ାଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ପାଟନା, ବେଙ୍ଗାଲୁରୁ ଓ ଦିଲ୍ଲୀରେ ଏହି ଚଢ଼ାଉ କରାଯାଇଛି। କିଛି ଆର୍ଥିକ ଅନିୟମିତତାରେ ଲୋକ ଜନଶକ୍ତି ପାର୍ଟି (ରାମ ବିଲାଶ)ର ଅନ୍ୟତମ ପ୍ରମୁଖ ନେତା ହୁଲାସ ପାଣ୍ଡେ ଫସିଥିବା ଜଣାପଡ଼ିଛି। ତେବେ ପ୍ରକୃତ ଘଟଣାଟି ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ରେଡ୍ ଜାରି ରହିଥିବା ବେଳେ ଇଡି ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ।



ଆଜି ସକାଳୁ ଏହି ଚଢ଼ାଉ କରାଯାଇଛି। ଖବର ଲେଖାଯିବା ବେଳକୁ ରେଡ୍ ଜାରି ରହିଥିଲା। ପାଟନା, ବେଙ୍ଗାଲୁରୁ ଓ ଦିଲ୍ଲୀରେ ଥିବା ତାଙ୍କ ସଂପତ୍ତିଗୁଡ଼ିକୁ ଭଲ ଭାବେ ଯାଞ୍ଚ କରାଯାଉଛି। ଏଥିରେ ସେମାନଙ୍କୁ ସ୍ଥାନୀୟ ପୁଲିସ ସହଯୋଗ କରୁଛି। କୁହାଯାଏ, ପାଣ୍ଡେ ହେଉଛନ୍ତି ଚିରାଗ ପାଶ୍ୱାନଙ୍କ ଜଣେ ଘନିଷ୍ଠ ସହଯୋଗୀ। ୨୦୧୨ରେ ଘଟିଥିବା ଏକ ହତ୍ୟାକାଣ୍ଡରେ ସିବିଆଇ ତାଙ୍କୁ ମାଷ୍ଟରମାଇଣ୍ଡ ଦର୍ଶାଇ ଚାର୍ଜଶିଟ୍ ଦାଖଲ କରିବା ପରେ ୨୦୨୩ ଡିସେମ୍ବର ମାସରେ ଲୋକ ଜନଶକ୍ତି ପାର୍ଟି (ରାମ ବିଲାଶ)ର ସଂସଦୀୟ ବୋର୍ଡର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ ହୁଲାସ ପାଣ୍ଡେ।

୨୦୧୨ ମସିହା ଜୁନ୍ ୧ ତାରିଖରେ ବିହାରର ଭୋଜପୁର ଜିଲ୍ଲାରେ କିଛି ଅଜଣା ଆତତାୟୀ ରଣବୀର ସେନାର ପ୍ରତିଷ୍ଠାତା ଓ ମୁଖ୍ୟ ବ୍ରହ୍ମେଶ୍ୱର ସିଂହ ମୁଖିଆଙ୍କୁ ଗୁଳି କରି ହତ୍ୟା କରିଥିଲେ। ସିବିଆଇ ତା' ଚାର୍ଜଶିଟରେ ଅଭିଯୋଗ କରିଥିଲା ଯେ ମୁଖିଆଙ୍କୁ ହତ୍ୟା କରିବା ପଛରେ ରହିଛି ହୁଲାସ ପାଣ୍ଡେଙ୍କ ଷଡ଼ଯନ୍ତ୍ର। ବିହାରର କିଛି ଜିଲ୍ଲାର ଉଚ୍ଚ ଜାତିର ଚାଷୀଙ୍କ ଉପରେ ତାଙ୍କର ରହିଥିବା ରାଜନୀତିକ ପ୍ରଭାବ କ୍ଷୁଣ୍ଣ ହେବା ଭୟରେ ଶ୍ରୀ ପାଣ୍ଡେ ଏମିତି ଏକ ଷଡ଼ଯନ୍ତ କରିଥିଲେ ବୋଲି ସିବିଆଇ କହିଥିଲା।

ଅନ୍ୟପକ୍ଷରେ ହୁଲାସ ପାଣ୍ଡେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ। ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିବା ସେ କହିଥିଲେ। ଗତ ଏପ୍ରିଲ ମାସରେ ଏକ ସ୍ପେଶାଲ କୋର୍ଟ ସିବିଆଇର ଚାର୍ଜଶିଟକୁ ରଦ୍ଦ କରି ଦେଇଥିଲା। ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ରେ ଯୋଗ ଦେବା ପୂର୍ବରୁ ନୀତୀଶ କୁମାରଙ୍କ ଜନତା ଦଳରେ ଥିଲେ ହୁଲାସ ପାଣ୍ଡେ।

## ଟ୍ରେନ୍ ତଳେ ଲୁଚି ୨୫୦ କିମି ଅତିକ୍ରମ କଲେ ଯୁବକ

**ଲକ୍ଷ୍ନୌ, ୨୭।୧୨:** ଟ୍ରେନ୍ ଟିକେଟ କାଟିବାକୁ ପାଖରେ ଟଙ୍କା ନ ଥିଲା। ମାତ୍ର ଯାହା ବି ହେଲେ ରାସ୍ତା ଅତିକ୍ରମ କରିବାର ଥିଲା। ତେଣୁ ଯୁବକ ରଚିଲେ ଭୟଙ୍କର ଉପାୟ। ଟ୍ରେନ୍ ବଗି ତଳେ ଓ ଚକା ମଝିରେ ରହି ସେ ଅତିକ୍ରମ କଲେ ୨୫୦ କିମି ବାଟ। ଟ୍ରେନ୍‌ର ପ୍ରଖର ଶବ୍ଦରେ ବି ସେ ବିଚଳିତ ନ ହୋଇ ଅତି ସତର୍କତାର ସହ ଅତିକ୍ରମ କରିଛନ୍ତି ଏହି ବାଟ। ଟିକେ ହଲଚଲ ହେଲେ ଜୀବନ ଯିବାର ଭୟ ଥିଲା। ମାତ୍ର ପାଖରେ ଅର୍ଥର ଅଭାବ ଯୁବକଙ୍କୁ ନିର୍ଭୟ କରି ଦେଇଥିଲା। ମଧ୍ୟପ୍ରଦେଶର ଇଟାରସିରୁ ଜବଲପୁର ପର୍ଯ୍ୟନ୍ତ ଦୂରତାକୁ ଯୁବକଜଣକ ଏପରି ଭାବେ ଅତିକ୍ରମ କରିଛନ୍ତି। ଟ୍ରେନ୍‌ଟି ଜବଲପୁର ଷ୍ଟେଶନ ନିକଟରେ ପହଞ୍ଚିବା ପରେ ଏହି ଘଟଣାର ଖୁଲାସା ହୋଇଥିଲା। ଟ୍ରେନ୍‌ଟି ଜବଲପୁର ଷ୍ଟେଶନ ନିକଟରେ ପହଞ୍ଚିବା ପରେ ରେଳ କର୍ମଚାରୀ ତାହାର ଯାଞ୍ଚ କରୁଥିଲେ। ଉକ୍ତ ସମୟରେ ସେ ବଗି ତଳେ ଜଣେ ଯୁବକ ଥିବା ଦେଖିବାକୁ ପାଇଥିଲେ।

## ସମୁଦ୍ରରେ ୨୨ ଟନ୍ ସୁନାରୁପା ଭଣ୍ଡାର

**ନୂଆଦିଲ୍ଲୀ ୨୭।୧୨:** ପର୍ତ୍ତୁଗାଲ ପ୍ରତ୍ନତତ୍ତ୍ୱବିତ୍ ଆଲେକ୍‌ଜାଣ୍ଡର ମଣ୍ଟିରୋ ଦାବି କରିଛନ୍ତି, ପର୍ତ୍ତୁଗାଲର ଆଖପାଖ ସମୁଦ୍ରରେ ୨୫୦ ଜାହାଜ ବୁଡ଼ି ରହିଛି। ଏଥିରେ ପ୍ରଚୁର ପରିମାଣର ସୁନା-ରୁପା ଭଣ୍ଡାର ରହିଛି। ଗୋଟିଏ ଜାହାଜରେ ଅତିକମ୍‌ରେ ୨୨ ଟନ୍ ସୁନା ଓ ରୁପା ଥିବା। ଏହି ଭଣ୍ଡାର ଯାହାକୁ ମିଳିବ, ସେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହୋଇଯିବ। ସେ କହିଛନ୍ତି, ୧୫୮୯ ମସିହାରେ ଲିସ୍‌ବନର ଦକ୍ଷିଣରେ ସ୍ପାନିଶ୍ ଗାଲିଓନ ଜାହାଜ ଟ୍ରୋଜନ୍ ଉପଦ୍ୱୀପ ନିକଟରେ ବୁଡ଼ିଥିଲା, ଖାସ୍‌କରି ନୋସା ସେନହୋରା ଡୋ ରୋଜାରିୟା ସାମୁଦ୍ରିକ ଅଞ୍ଚଳରେ। ଏଥିରେ ୨୨ ଟନ୍ ସୁନା ଓ ରୁପା ଥିବା ଆଶା କରାଯାଉଛି।

## ୨୬/୧୧ ଆକ୍ରମଣର ଅଭିଯୁକ୍ତ ଆତଙ୍କବାଦୀ ଅବଦୁଲ ରହମାନ ମକ୍କି ମୃତ

**ନୂଆଦିଲ୍ଲୀ,୨୭।୧୨:** ୨୬/୧୧ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ତଥା ଲଶ୍କର-ଏ-ତୋଇବା ଆତଙ୍କବାଦୀ ସଂଗଠନର ଡେପୁଟି ଚିଫ ଅବଦୁଲ ରେହମାନ ମକ୍କିଙ୍କର ହୃଦଘାତ ଯୋଗୁଁ ମୃତ୍ୟୁ ଘଟିଛି। ମକ୍କି ହାଫିଜ ସଇଦଙ୍କ ସମ୍ପର୍କୀୟ ତଥା ସଂଗଠନର ଆତଙ୍କବାଦୀ ପାଣ୍ଠିର ମୁଖ୍ୟ ଥିଲେ। ଆମେରିକା ଏବଂ ମିଳିତ ଜାତିସଂଘ ଦ୍ୱାରା ତାଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷିତ କରାଯାଇଥିଲା। ମକ୍କି ବିଶ୍ୱ ଆତଙ୍କବାଦୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ। ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ୧୨୬୭ ଆଇଏସଆଇଏଲ ଏବଂ ଅଲ-କାଏଦା କଟକଣା କମିଟି ଅଧୀନରେ ମକ୍କି ତାଲିକାଭୁକ୍ତ କରିଥିଲା। ଏହି କାରଣରୁ, ତାଙ୍କର ସମ୍ପତ୍ତି ଫ୍ରିଜ ହେବା ସହିତ ଯାତ୍ରା ନିଷେଧ ଏବଂ ଅସ୍ତ୍ରଶସ୍ତ୍ର ଉପରେ ନିଷେଧାଦେଶ ଜାରି କରାଯାଇଥିଲା। ଅବଦୁଲ ରେହମାନ ମକ୍କି ଲଶ୍କର-ଏ-ତୋଇବାର ରାଜନୈତିକ ୱିଙ୍ଗର ନେତୃତ୍ୱ ନେଇଥିଲେ। ଏହା ବ୍ୟତୀତ ସେ ଜମାତ-ଉଦ-ଦାୱାର ମୁଖ୍ୟ ମଧ୍ୟ ଥିଲେ। ସେ ଲଶ୍କର ବୈଦେଶିକ ସମ୍ପର୍କ ବିଭାଗର ମୁଖ୍ୟ ମଧ୍ୟ ଥିଲେ। ଭାରତରେ ପ୍ରମୁଖ ଆତଙ୍କବାଦୀ ଆକ୍ରମଣରେ ଅବଦୁଲ ରେହମାନ ମକ୍କିଙ୍କର ପ୍ରତ୍ୟକ୍ଷ ଭୂମିକା ଥିବା ବିବେଚନା କରାଯାଉଥିଲା।

## ଛୋଟ ଛୁଆ ଉପରେ ଚଢ଼ିଗଲା କ୍ୟାବ୍

**ମୁମ୍ବାଇ, ୨୭।୧୨:** ରାସ୍ତାରେ ଖେଳୁଥିଲା ଛୋଟ ଛୁଆ। ଏହି ସମୟରେ ଘଟିଲା ଅଘଟଣ। ଦ୍ରୁତ ଗତିରେ ଆସୁଥିବା ଏକ କ୍ୟାବ୍ ପିଲାଟି ଉପରେ ଚଢ଼ିଗଲା। ଏପରି ଏକ ଦୁର୍ଘଟଣା ମୁମ୍ବାଇ ନିକଟ ବସଇ ଅଞ୍ଚଳରେ ଘଟିଥିବା ବେଳେ ଏହା ଭିଡିଓ ସିସିଟିଭିରେ କଏଦ ହୋଇଛି। ୫ ବର୍ଷର ପିଲାଟି ଘରୁ ଆସି ଏକୁଟିଆ ରାସ୍ତା ଉପରେ ଖେଳିବାରେ ମାତିଥିଲା। ଏହି ସମୟରେ ଏକ କ୍ୟାବ୍ ଡ୍ରାଇଭର ଗାଡ଼ିକୁ ଷ୍ଟାର୍ଟ କରିଥିଲା ଓ ପିଲାଟିକୁ ନ ଦେଖି ତାହା ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କ୍ୟାବ୍‌ଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଡ୍ରାଇଭର ଗାଡ଼ି ଧରି ଛୁ ମାରିଥିଲା।

## ନିର୍ମାଣାଧୀନ କଲଭର୍ଟ ଫସିଲା ସ୍କୁଲ ବସ୍, ଶିକ୍ଷକ ମୃତ

**ଜୟପୁର, ୨୭।୧୨:** ରାଜସ୍ଥାନର ଜୟପୁରରେ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାର ଶିକାର ହୋଇଛି। ଜୟପୁରର ଚୋମୁରେ ଏହି ବସ୍ ଏଠାରେ ଏକ ନିର୍ମାଣାଧୀନ କଲଭର୍ଟ ମଧ୍ୟରେ ପଶିଯାଇଛି। ଦୁର୍ଘଟଣାରେ ୧୫ରୁ ଅଧିକ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ବସରେ ଥିବା ଜଣେ ଶିକ୍ଷକଙ୍କର ମୃତ୍ୟୁ ଘଟିଛି। ଚୋମୁ ନଗର ପରିଷଦ ନିକଟରେ ବସଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ୫୨ ନମ୍ବର ଜାତୀୟ ରାଜପଥର ଭୋଜଲାୱା କଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ବସଟି ଏହି ରାସ୍ତା ଦେଇ ଯାଉଥିବା ବେଳେ ହଠାତ୍ ଏହାର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଏହା ଏକ ନିର୍ମାଣାଧୀନ କଲଭର୍ଟ ମଧ୍ୟରେ ପଶିଯାଇଥିଲା। ବସରେ ପାଖାପାଖି ୩୦ରୁ ୩୫ ପିଲା ଥିଲେ।

# ମହାରାଷ୍ଟ୍ରରେ ଭୋଟର ତାଲିକାରେ ଗଡ଼ବଡ଼ ହୋଇଛି

**ବେଲଗାମି, ୨୭।୧୨:** ମହାରାଷ୍ଟ୍ରରେ ଭୋଟର ତାଲିକାରେ ଗଡ଼ବଡ଼ ହୋଇଛି ଏବଂ ବିଜେପି ଏଥିଲାଗି ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛଇ ବୋଲି ଅଭିଯୋଗ କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଯୋଗ ଦେବା ଅବସରରେ ରାହୁଲ କହିଛନ୍ତି ଯେ, ଲୋକସଭା ନିର୍ବାଚନ ପରେ ମହାରାଷ୍ଟ୍ରର ୧୧୮ ବିଧାନସଭା ନିର୍ବାଚନମଣ୍ଡଳୀରେ ୭୨ ଲକ୍ଷ ନୂଆ ଭୋଟର ସାମିଲ ହୋଇଛନ୍ତି। ମାତ୍ର ୫ ମାସରେ ଏତେ ସଂଖ୍ୟକ ନୂଆ ଭୋଟର ତାଲିକାରେ ସାମିଲ ହେବା ଏକ ଅସ୍ୱାଭାବିକ ଘଟଣା। ଏହି ୧୧୮ଟି ଆସନ ମଧ୍ୟରୁ ବିଜେପି ୧୦୨ଟି ଆସନରେ ଜିତିଛି। ଏଥିରୁ ଭୋଟର ତାଲିକାରେ ଗଡ଼ବଡ଼ କରାଯାଇଥିବା ସନ୍ଦେହ ସୃଷ୍ଟି ହେଉଛି। ଏଥିଲାଗି ସେ ନିର୍ବାଚନ କମିଶନଙ୍କ ବିଶ୍ୱସନୀୟତା ନେଇ ପ୍ରଶ୍ନ କରିଛନ୍ତି। ନିର୍ବାଚନ କମିଶନ ଏକ ସ୍ୱୟଂ ଶାସିତ ଏବଂ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା। ଏହା ଶାସକ ଦଳକୁ ସୁହାଇବା ଭଳି ପଦକ୍ଷେପ ନେବା ଅନୁଚିତ। ତେବେ ନିର୍ବାଚନ କମିଶନ ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଭୋଟର ତାଲିକାରେ ମତଦାତାଙ୍କ ସଂଖ୍ୟା ୩ରୁ ୪ ପ୍ରତିଶତ ବୃଦ୍ଧି ପାଇବା ଏକ ସ୍ୱାଭାବିକ ପ୍ରକ୍ରିୟା। ୧୮/୧୯ ବର୍ଷ ବୟସ୍କ ଯୁବ ଏବଂ ନୂତନ ଭୋଟରମାନେ ଅଧିକ ସଂଖ୍ୟାରେ ତାଲିକାରେ ସାମିଲ ହୋଇଛନ୍ତି। ଏଥିରେ ଗଡ଼ବଡ଼ କରାଯାଇଥିବା ସନ୍ଦେହ ସମ୍ପୂର୍ଣ୍ଣ ଅମୂଳକ ବୋଲି କମିଶନ କହିଛନ୍ତି।



**ସଂସଦ ଭବନ ଆଗରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ**

# ୪୮ ଘଣ୍ଟା ପରେ ଆଖି ବୁଜିଲେ

**ନୂଆଦିଲ୍ଲୀ,୨୭।୧୨:** ନୂଆ ସଂସଦ ଭବନ ନିକଟରେ ଯୁବକଙ୍କ ଆତ୍ମାହୁତି ଘଟଣା। ୪୮ ଘଣ୍ଟା ପରେ ଜୀବନ ସହ ସଂଘର୍ଷ କରି ଆଜି (ଶୁକ୍ରବାର) ଯୁବକ ଜଣଙ୍କ ଆଖି ବୁଜିଛନ୍ତି। ନୂଆ ସଂସଦ ଭବନ ନିକଟ ରେଳ ଭବନ ଆଗରେ ଗତ ବୁଧବାର ନିଜକୁ ନିଆଁ ଲଗାଇ ଦେଇଥିବା ଜିତେନ୍ଦ୍ର ନାମକ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ଜିତେନ୍ଦ୍ରଙ୍କୁ ପାଖାପାଖି ୩୫ ବୟସ ହେବ। ସେ ଉତ୍ତରପ୍ରଦେଶର ବାଘପତ୍ ନିବାସୀ। ଗତ ବୁଧବାର ଅପରାହ୍ନ ୩ଟା ୩୦ରେ ଜିତେନ୍ଦ୍ର ନୂଆ ସଂସଦ ଭବନ ନିକଟ ରେଳ ଭବନ ନିକଟରେ ନିଜକୁ ନିଆଁ ଲଗାଇ ଦେଇଥିଲେ। ସଂସଦ ଭବନ ଆଡକୁ ଦୌଡି ଆସିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ତୁରନ୍ତ ସେଠାରେ ପହଞ୍ଚି ଥିଲା। ନିଆଁକୁ ଆୟତ କରିବା ସହ ଯୁବକଙ୍କୁ ରାମ ମନୋହର ଲୋହିଆ (ଆରଏମଏଲ) ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି (ଶୁକ୍ରବାର) ଆଖି ବୁଜିଛନ୍ତି ଜିତେନ୍ଦ୍ର। ଦିଲ୍ଲୀ ଡିଏସପି ଦେଭେସ ମହଲାଙ୍କ ସୂଚନା ଅନୁସାରେ, ଜିତେନ୍ଦ୍ର ପାର୍ଲାମେଣ୍ଟ ନିକଟ ଏକ ପାର୍କରେ ପେଟ୍ରୋଲ ଢାଳି ନିଜକୁ ଆତ୍ମହୁତି ଉଦ୍ୟମ କରିଥିଲେ। ଏହା ପରେ ମୁଖ୍ୟ ଫାଟକ ନିକଟକୁ ଆସିଥିଲେ। ଜିତେନ୍ଦ୍ରଙ୍କ ଶରୀର ୯୦ ଭାଗ ପୋଡି ଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିଲା। ୨୦୨୧ ମସିହାରେ ଯୁବକଙ୍କ ବିରୋଧରେ ଏକ ମାମଲା ହୋଇଥିଲା। ଏ ନେଇ ସେ ସମସ୍ୟାରେ ଥିବାରୁ ଏପରି ଘଟଣା ଘଟାଇଥିବା ଜଣାପଡିଛି। ଘଟଣାସ୍ଥଳରୁ ପୋଲିସ ପେଟ୍ରୋଲ, ଜଳାଯାଇଥିବା ବ୍ୟାଗ ଓ ଜୋତା ଜବତ କରିଥିଲା। କୌଣସି ସୁଇସାଇଟ ନୋଟ ମିଳିନାହିଁ। ଘଟଣାସ୍ଥଳକୁ ପୋଲିସ ବ୍ୟାରିକେଟ୍ କରିଥିଲା। ବାପାମାଆଙ୍କୁ ମିଛ କହି ସୁପ୍ରିମକୋର୍ଟ ଯାଉଥିବା କହି ଦିଲ୍ଲୀ ଆସିଥିଲେ ଜିତେନ୍ଦ୍ର।

# ବିମାନବନ୍ଦରରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍‌ରୁ ବର୍ତ୍ତିଲେ 'ହୁ' ମୁଖ୍ୟ

**ତେଲ ଆଭିଭ, ୨୭।୧୨:** ଅଳ୍ପକେ ଆତ୍ମଘାତୀ ଆକ୍ରମଣରୁ ବର୍ତ୍ତିଲେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ଚିଫ୍ ଟେଡ୍ରୋସ୍ ଏଡନାମ୍ । ୟମନ ଇଣ୍ଟର ନ୍ୟାସନାଲ ଏୟାରପୋର୍ଟରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍‌ରୁ ଅଳ୍ପକେ ବର୍ତ୍ତିଛନ୍ତି ଏଡନାମ୍ । ଏହି ଆକ୍ରମଣରେ ଉକ୍ତ ବିମାନବନ୍ଦରରେ ଉପସ୍ଥିତ ଥିବା ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଟେଡ୍ରୋସ୍ ନିଜ ସହଯୋଗୀଙ୍କ ସହ ଏକ ଫ୍ଲାଇଟ୍‌ରେ ଉଡ଼ାଣ ଆରମ୍ଭ କରିବା ପୂର୍ବରୁ ଏହି ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ଫ୍ଲାଇଟ୍‌ର କ୍ରୁ ମେମ୍ବର୍ସ ଚାଳକଙ୍କ ଜଣେ ସଦସ୍ୟ ଆହତ ହୋଇଛନ୍ତି। 'ହୁ' ଜେନେରାଲ ଡାଇରେକ୍ଟର ଟେଡ୍ରୋସ୍ ଏଡନାମ୍ ନିଜ ସୋଶାଲ ମିଡିଆ ପୋଷ୍ଟରେ କହିଛନ୍ତି , କଏଦୀଙ୍କୁ ମୁକ୍ତ କରିବା ସହ ୟମନରେ ସ୍ୱାସ୍ଥ୍ୟ ସେବା ଓ ମାନବୀୟ ସ୍ଥିତିର ଆକଳନ କରିବାକୁ ଆରମ୍ଭ ହୋଇଥିବା ଆମ ମିଶନ ସଫଳ ହୋଇଛି। ଏହାପରେ ଯେବେ ଆମେ ସନାରୁ ଫ୍ଲାଇଟ୍‌ରେ ବସିବାର ଥିଲା, ସେତେବେଳେ ଅତର୍କିତ ଭାବେ ବିମାନବନ୍ଦର ଉପରେ ବୋମା ମାଡ଼ ହୋଇଥିଲା। ଏହି ଆକ୍ରମଣରେ ବିମାନବନ୍ଦରରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଜଣେ ଗୁରୁତର ହୋଇଛନ୍ତି। ମୁଁ ଓ ମୋ' ସହ ଥିବା ୟୁଏନ୍ ଓ ହୁ କର୍ମଚାରୀ ସୁରକ୍ଷିତ ଅଛନ୍ତି। ସଂଯୁକ୍ତ ରାଷ୍ଟ୍ର ମହାସଚିବ ଏଣ୍ଟୋନିୟୋ ଗୁଟେରେସ୍ ଏହି ଘଟଣାକୁ ନିନ୍ଦା କରିବା ସହ ଅନ୍ତରାଷ୍ଟ୍ରୀୟ ନିୟମର ସମ୍ମାନ କରିବାକୁ ଆହ୍ୱାନ କରିଛନ୍ତି । ଏଥିସହ ସାଧାରଣ ନାଗରିକ ଓ ସାମାଜିକ କର୍ମୀଙ୍କୁ କେବେ ବି ଟାର୍ଗେଟ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି ।



# ଡିଏମ୍‌କେ ଶାସନକୁ ବିରୋଧ କରି ନିଜକୁ କୋରଡ଼ା ମାରିଲେ ଆନ୍ନାମଲାଇ

**ଚେନ୍ନାଇ, ୨୭।୧୨:** ତାମିଲନାଡୁରେ ଡିଏମ୍‌କେ ଶାସନକୁ ବିରୋଧ କରି ନିଆରା ପ୍ରତିବାଦ କରିଛନ୍ତି ରାଜ୍ୟ ବିଜେପି ସଭାପତି କେ. ଆନ୍ନାମଲାଇ। ଆଜି(ଡିସେମ୍ବର ୨୭) ଗଣମାଧ୍ୟମ ସାମ୍ନାରେ ସେ ନିଜକୁ ୬ ଥର କୋରଡ଼ା ମାଡ଼ କରିଛନ୍ତି। ଦ୍ରାବିଡ଼ ମୁନ୍ନେତ୍ରା କାଜାଗାମ(ଡିଏମକେ) ରାଜ୍ୟରେ ଶାସନ କରୁଥିବାରୁ ଏହା ତାଙ୍କର ପ୍ରଥମ ପ୍ରାୟଶ୍ଚିତ ବୋଲି ସେ କହିଛନ୍ତି। ଗତକାଲି ସେ ଏପରି ପ୍ରାୟଶ୍ଚିତ କରିବେ ବୋଲି ସାମ୍ବାଦିକ ସମ୍ମିଳନିରେ ଘୋଷଣା କରିଥିଲେ। ଆଜି ସତକୁ ସତ ନିଜକୁ କୋରଡ଼ା ମାଡ଼ କରିଛନ୍ତି ଏହି ବିଜେପି ନେତା।

ଆନ୍ନାମଲାଇ ଆଜି ଗଣମାଧ୍ୟମ ସାମ୍ନାରେ ଏଭଳି ପ୍ରତିବାଦ ଜଣାଇଥିଲେ। ଏକ ସବୁଜ ମୁଣ୍ଡୁ ପିନ୍ଧି ଖାଲି ଦେହରେ ଥିବା ନିଜକୁ ୬ଥର କୋରଡ଼ା ମାରିଥିଲେ। ଏହାପରେ ତାଙ୍କ କର୍ମୀମାନେ ଆସି ତାଙ୍କୁ ଧରି ପକାଇଥିଲେ। ତାଙ୍କୁ ସମର୍ଥନ କରିବା ପାଇଁ ଅନ୍ୟ ବିଜେପି କର୍ମକର୍ତ୍ତାମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ନିଜକୁ କୋରଡ଼ା ମାରିବା, ନିଜକୁ କଷ୍ଟ ଦେବା, ନିଜକୁ କଷ୍ଟକର ଧାର୍ମିକ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା ଆମ ସଂସ୍କୃତିରେ ରହିଛି। ଏହା କାହା ବିପକ୍ଷରେ କିମ୍ବା କାହା ପାଇଁ ବିରୋଧ ପ୍ରଦର୍ଶନ ନୁହେଁ। ଏହା ରାଜ୍ୟରେ ଘଟୁଥିବା ଅନ୍ୟାୟ ବିରୁଦ୍ଧରେ ମୋର ଏକ ପ୍ରୟାସ। ଏଭଳି ଅନେକ ଘଟଣା ଘଟୁଛି। ଆନ୍ନା ବିଶ୍ୱବିଦ୍ୟାଳୟରେ ଯାହା ଘଟିଛି ତାହା ସେଥିମଧ୍ୟରୁ ଗୋଟିଏ ବୋଲି ଆନ୍ନାମଲାଇ କହିଛନ୍ତି।



ଚେନ୍ନାଇର ଆନ୍ନା ବିଶ୍ୱବିଦ୍ୟାଳୟର ଇଂଜିନିୟରିଂ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ସହ ହୋଇଥିବା ଦୁଷ୍କର୍ମ ଘଟଣାକୁ ନେଇ ବର୍ତ୍ତମାନ ତାମିଲନାଡୁରେ ରାଜନୈତିକ ଉତ୍ତେଜନା ଲାଗି ରହିଛି। ଖବର ମୁତାବକ ଛାତ୍ରୀ ଜଣଙ୍କ ନିଜ ସିନିୟର ତୃତୀୟ ବର୍ଷର ପୁରୁଷ ବନ୍ଧୁଙ୍କ ସହ ବସିଥିଲେ। ଏହି ସମୟରେ ଆପରାଧିକ ପୃଷ୍ଠଭୂମି ଥିବା ଜ୍ଞାନଶେଖରନ ସେଠାରେ ପହଞ୍ଚି ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ରେକର୍ଡ କରିଥିବା କହି ଧମକାଇଥିଲା। ଏହାପରେ ଛାତ୍ରୀଙ୍କ ପୁରଷ ବନ୍ଧୁ ସେଠାରୁ ଚାଲିଯିବାରୁ ଜ୍ଞାନଶେଖରନ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।

ଏହାକୁ ବିରୋଧ କରି ବିଜେପି ଡିଏମ୍‌କେ ଶାସିତ ସରକାରଙ୍କୁ କଡ଼ା ସମାଲୋଚନା କରୁଛି। ତାମିଲନାଡୁର ଉଭୟ ଶାସକ ବିରୋଧି ଦଳ ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ଏହି ପରିପ୍ରେକ୍ଷିରେ ଗୁରୁବାର ଆନ୍ନାମଲାଇ ଏକ ସାମ୍ବାଦିକ ସମ୍ମିଳନି ଡାକି ସେଥିରେ ଡିଏମକେର ଶାସନ ବିରୁଦ୍ଧରେ ନିଜେ ନିଜକୁ କୋରଡ଼ା ମାଡ କରିବେ ବୋଲି ଘୋଷଣା କରିଥିଲେ। ଏହା ସହ ଡିଏମକେର ଶାସନ ରାଜ୍ୟରୁ ନହଟିବାଯାଏ ସେ ସ୍ଲିପର ଚପଲ ବ୍ୟବହାର କରିବେ ବୋଲି ଘୋଷଣା କରିଛନ୍ତି।

## କେନାଲକୁ ବସ୍ ଖସି ୮ ମୃତ

**ଚଣ୍ଡିଗଡ଼, ୨୭।୧୨:** ପଞ୍ଜାବର ବଠିଣ୍ଡାରେ ଶୁକ୍ରବାର ଏକ ଭୀଷଣ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଘରୋଇ ବସ୍ ଭାରସାମ୍ୟ ହରାଇ କେନାଲକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ପାଖ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରୁଛି। ପୋଲିସ ମୃତଦେହଗୁଡ଼ିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ମୁତାବକ, ବଠିଣ୍ଡାର କୋଟଶମିର୍ ରାସ୍ତାରେ ଏକ ବସ୍ ବ୍ରିଜ୍ ଉପର ଦେଇ ଯାଉଥିବା ବେଳେ ହଠାତ୍ ଅନିୟନ୍ତ୍ରିତ ହୋଇ କେନାଲକୁ ଖସିପଡ଼ିଥିଲା। ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି। ଉଦ୍ଧାର ପାଇଁ ଘଟଣାସ୍ଥଳରେ ଏନଡିଆରଏଫ୍ ଟିମ୍ ପହଞ୍ଚିଛି। ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାରକାରୀ ଟିମ୍ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ତେବେ ପୋଲିସ ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି।

# ପୁରୁଷଙ୍କଠାରୁ ଅଧିକ ମାତ୍ରାରେ ମତଦାନ କରୁଛନ୍ତି ମହିଳା

**ନୂଆଦିଲ୍ଲୀ,୨୭।୧୨:** ଦେଶରେ ଛଅ ମାସ ପୂର୍ବରୁ ଅନୁଷ୍ଠିତ ଲୋକସଭା ନିର୍ବାଚନ ଏବଂ ଚାରିଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ସମ୍ପର୍କରେ ନିର୍ବାଚନ ଆୟୋଗ ତଥ୍ୟ ପ୍ରକାଶ କରିଛନ୍ତି। ନିର୍ବାଚନ ଆୟୋଗର ଏହି ଡାଟାସେଟରେ ଲୋକସଭା ତଥା ବିଧାନସଭାର କ୍ଷେତ୍ରୱାରୀ ଜ୍ଞାନୀ ଭୋଟର, ମତଦାନ କେନ୍ଦ୍ର ସଂଖ୍ୟା, ପାର୍ଟି ଅନୁଯାୟୀ ଭୋଟ୍ ଅଂଶ, ପୁରୁଷ ଏବଂ ମହିଳାଙ୍କ ଭୋଟ୍ ଢ଼ାଞ୍ଚା ଏବଂ ମହିଳାଙ୍କ ଅଂଶଗ୍ରହଣ ପରି ଆକଳନ ଦିଆଯାଇଛି। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ମହିଳାମାନେ ବର୍ତ୍ତମାନ କେବଳ ପୁରୁଷଙ୍କ ସହ ତାଳ ଦେଇ ଯାଉନାହାନ୍ତି ବରଂ ଭୋଟ୍ ଦେବାରେ ମଧ୍ୟ ଆଗରେ ଅଛନ୍ତି। ମହିଳାମାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଇଛି।

୨୦୨୪ ଲୋକସଭା ନିର୍ବାଚନରେ ମୋଟ ପଞ୍ଜୀକୃତ ଭୋଟରଙ୍କ ସଂଖ୍ୟା ୯୭.୯୭ କୋଟି ଥିଲା, ସେଥିମଧ୍ୟରୁ ୪୭.୬୩ କୋଟି ମହିଳା ଭୋଟର ହୋଇଥିବାବେଳେ ୨୦୧୯ ରେ ଏହି ସଂଖ୍ୟା ୪୩.୮୫ କୋଟି ଥିଲା। ନିର୍ବାଚନ ଆୟୋଗଙ୍କ ଦୃଷ୍ଟିକୋଣରୁ, ୨୦୨୪ ଲୋକସଭା ନିର୍ବାଚନରେ ପୁଡୁଚେରୀରେ ସର୍ବାଧିକ ମହିଳା ଭୋଟର ୫୩.୦୩ ପ୍ରତିଶତ ରହିଥିଲେ। ୫୧.୫୬ ପ୍ରତିଶତ ସହ କେରଳ ଦ୍ୱିତୀୟ ସ୍ଥାନରେ ରହିଛି। ଦେଶରେ ହଜାରେ ପୁରୁଷ ପ୍ରତି ମହିଳା ଭୋଟରଙ୍କ ଅନୁପାତ ୯୪୬ ହୋଇଗଲା, ଯାହା ୨୦୧୯ ରେ ୯୨୬ ଥିଲା। ଏହା ଏକ ନୂଆ ରେକର୍ଡ। ମହିଳା ଭୋଟରଙ୍କ ସଂଖ୍ୟାରେ ଏକ ଭଲ ବୃଦ୍ଧି ଦେଖିବାକୁ ମିଳିଥିଲା। ପୁଡୁଚେରୀ ଏବଂ କେରଳରେ ମହିଳାମାନଙ୍କର ଅଂଶଗ୍ରହଣ ସର୍ବାଧିକ ଥିଲା, ଯାହା ଦର୍ଶାଏ ଯେ ଏହି ରାଜ୍ୟଗୁଡିକରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରାଯାଇଛି। ନିର୍ବାଚନ



ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଡାଟାସେଟରୁ ଏହା ସ୍ପଷ୍ଟ ହୋଇଛି ଯେ କେବଳ ମହିଳା ଭୋଟରଙ୍କ ସଂଖ୍ୟା ବଢ଼ିନାହିଁ ବରଂ ଭୋଟ୍ ଢ଼ାଞ୍ଚାରେ ଏକ ବଡ଼ ପରିବର୍ତ୍ତନ ହୋଇଛି ଏବଂ ବର୍ତ୍ତମାନ ମହିଳାମାନଙ୍କ ହାତରେ କ୍ଷମତା ଭାଙ୍ଗିବାର କିମ୍ବା କ୍ଷମତା ପରିବର୍ତ୍ତନ କରିବାର ଦକ୍ଷତା ରହିଛି। ଗତ ଦୁଇଟି ଲୋକସଭା ନିର୍ବାଚନ ପରଠାରୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ଭୋଟ୍ ପ୍ରତିଶତ ବୃଦ୍ଧି ପାଇଛି। ଏହାକୁ ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶୁଭ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ନିର୍ବାଚନ ଆୟୋଗ ଡାଟାସେଟ ଅନୁଯାୟୀ, ମୋଟ ଭୋଟରଙ୍କ ମଧ୍ୟରେ ମହିଳାଙ୍କ ପ୍ରତିଶତ ୨୦୧୯ ରେ ୪୮.୦୯ ପ୍ରତିଶତରୁ ୨୦୨୪ ରେ ୪୮.୬୨ ପ୍ରତିଶତକୁ ବୃଦ୍ଧି ପାଇଛି। ଯଦି ଆମେ ୨୦୧୯ ନିର୍ବାଚନରେ ଭୋଟ୍ ପଦ୍ଧତିକୁ ଦେଖିବା, ୬୭.୧୮ପ୍ରତିଶତ ମହିଳା ଭୋଟ୍ ଦେଇଥିବାବେଳେ ପୁରୁଷମାନେ ୬୭.୧ ପ୍ରତିଶତ ଭୋଟ୍ ଦେଇଛନ୍ତି।

ଯଦି ଆମେ ଲୋକସଭା ନିର୍ବାଚନରେ ମହିଳା ପ୍ରାର୍ଥୀଙ୍କ ସଂଖ୍ୟାକୁ ଦେଖିବା, ତେବେ ୧୯୫୭ ର ସାଧାରଣ ନିର୍ବାଚନ ଠାରୁ ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ, ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ଏକ ହଜାର ଅତିକ୍ରମ କରି ନାହିଁ। ୨୦୨୪ ଲୋକସଭା ନିର୍ବାଚନରେ ମୋଟ ୮,୩୬୦ ପ୍ରାର୍ଥୀ ମୈଦାନରେ ଥିଲେ, ଯେଉଁଥିରୁ ୮୦୦ ମହିଳା ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। ୨୦୧୯ ଲୋକସଭା ନିର୍ବାଚନରେ ୭୨୬ ମହିଳା ପ୍ରାର୍ଥୀ ଥିଲେ। ମହାରାଷ୍ଟ୍ରରେ ସର୍ବାଧିକ ୧୧୧ ମହିଳା ପ୍ରାର୍ଥୀ ଥିଲେ। ଏହା ପରେ ଉତ୍ତରପ୍ରଦେଶରେ ୮୦ ଏବଂ ତାମିଲନାଡୁରେ ୭୭ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ୧୫୨ ଟି ଆସନରେ ଜଣେ ବି ମହିଳା ପ୍ରାର୍ଥୀ ନଥିଲେ।

୮୦୦ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ୨୦୨୪ ଲୋକସଭା ନିର୍ବାଚନରେ ୭୫ ମହିଳା ସାଂସଦ ନିର୍ବାଚିତ ହୋଇଛନ୍ତି। ୨୦୧୯ ଲୋକସଭା ନିର୍ବାଚନରେ କେବଳ ୭୮ ମହିଳା ଜିତିବା ପରେ ସଂସଦରେ ପହଞ୍ଚିଥିଲେ। ୨୦୧୪ ରେ, ୬୪୦ ମହିଳା ପ୍ରାର୍ଥୀ ଥିଲେ ଏବଂ ସେଥିମଧ୍ୟରୁ ୬୨ ଜଣ ମହିଳା ସାଂସଦ ହୋଇଥିଲେ। ସେହିଭଳି, ୨୦୦୯ ନିର୍ବାଚନରେ ୫୫୬ ମହିଳା ପ୍ରାର୍ଥୀ ବିବାଦରେ ଥିଲେ, ସେଥିମଧ୍ୟରୁ ୫୮ ଜଣ ମହିଳା ସାଂସଦ ଲୋକସଭାରେ ପହଞ୍ଚିଥିଲେ। ଏହିପରି, ପ୍ରତ୍ୟେକ ଲୋକସଭା ନିର୍ବାଚନ ସହିତ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ନିଶ୍ଚିତ ଭାବରେ ବୃଦ୍ଧି ପାଇଛି, କିନ୍ତୁ ଖୁବ୍ କମ୍ ମହିଳା ସେମାନଙ୍କ ମଧ୍ୟରୁ ନିର୍ବାଚିତ ହୋଇ ସଂସଦରେ ପହଞ୍ଚିବାରେ ସକ୍ଷମ ଅଟନ୍ତି। ରାଜନୈତିକ ଦଳ କେବଳ ସେହି ମହିଳାମାନଙ୍କୁ ଟିକେଟ୍ ଦେବାରେ ପ୍ରାଧାନ୍ୟ ଦିଅନ୍ତି, ଯେଉଁମାନେ ଶକ୍ତିଶାଳୀ ରାଜନୈତିକ ପରିବାରରୁ ଆସିଛନ୍ତି, ଯାହାଦ୍ୱାରା ସେମାନଙ୍କର ଜିତିବାର ଅଧିକ ସମ୍ଭାବନା ରହିଥାଏ। ଭାରତୀୟ ରାଜନୀତି ପ୍ରସଙ୍ଗରେ, ଏହା ଏକ ବଡ଼ ସତ୍ୟ ଯେ ସାଧାରଣ ପୃଷ୍ଠଭୂମିରୁ ଆସୁଥିବା ଲୋକମାନଙ୍କ ପାଇଁ, ସେମାନେ ମହିଳା ହୁଅନ୍ତୁ କିମ୍ବା ଅନ୍ୟ କୌଣସି ପରିଚୟ ଥିବା ବ୍ୟକ୍ତି, ଟିକେଟ୍ ପାଇବା କଷ୍ଟସାଧ୍ୟ।

SANCHAR ସଂଚାର

## ସ୍ମିଥ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆର ବିଶାଳ ସ୍କୋର୍

# ରୋହିତ ପୁଣି ବିଫଳ, ୧୬୪/୫







**ନୂଆଦିଲ୍ଲୀ,୨୭।୧୨:** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ସିରିଜର ଚତୁର୍ଥ ଟେଷ୍ଟ ମେଲବର୍ଣ୍ଣରେ ଖେଳାଯାଉଛି। ପ୍ରଥମ ଇନିଂସରେ ଘରୋଇ ଅଷ୍ଟ୍ରେଲିଆ ରନର ପାହାଡ ଛିଡା କରିଛି। ୪୭୪ରନ କରି ଅଲଆଉଟ ହୋଇଛି ଦଳ। ଷ୍ଟିଭ ସ୍ମିଥ ଦମଦାର ଶତକ ହାସଲ କରିଛନ୍ତି। ୧୯୭ ବଲରେ ୧୪୦ ରନ କରିଛନ୍ତି। ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୪ ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏଁ ୱିକେଟ ହାସଲ କରିଛନ୍ତି।

ଦ୍ୱିତୀୟ ଦିନ ଖେଳ ଆରମ୍ଭ ହୋଇଥିଲା। ଅପରାଜିତ ଥିବା ଷ୍ଟିଭ ଓ ସ୍ମିଥ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ଦମଦାର ଶତକ ହାସଲ କରିଛନ୍ତି ଷ୍ଟିଭ ସ୍ମିଥ୍। ୧୯୭ ବଲରେ ୧୪୦ ରନ କରିଛନ୍ତି। ଲଗାତାର ଦ୍ୱିତୀୟ ମ୍ୟାଚ ସହ ଭାରତ ବିପକ୍ଷରେ ଏହା ତାଙ୍କର ୧୧ତମ ଶତକ। ଟେଷ୍ଟ କ୍ୟାରିୟରରେ ଏହା ୩୪ତମ ଶତକ। ୧୦୪ତମ ଓଭରରେ ପାଟ୍ କମିନ୍ସ ୪୯ ରନ କରି ଜାଡେଜାଙ୍କ ବଲରେ ପାଭିଲିୟନ ଫେରିଥିଲେ। ଏହାପରେ ମିଚେଲ ଷ୍ଟାର୍କ ୧୫ ରନ କରି ଜାଡେଜାଙ୍କ ବଲରେ ଆଉଟ ହୋଇଥିଲେ। ଏହା ପରେ ଆକାଶ ଦୀପଙ୍କ ବଲରେ ସ୍ମିଥ ୧୪୦ ରନ କରି ଆଉଟ ହୋଇଥିଲେ। ନାଥନ ଲାୟନ ୧୩ ରନ କରି ବୁମରାଙ୍କ ବଲରେ ଆଉଟ ହୋଇଥିଲେ। ୪୭୪ ରନ କରି ଅଲଆଉଟ ହୋଇଥିଲା ଅଷ୍ଟ୍ରେଲିଆ।

ମେଲବର୍ଣ୍ଣ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ଘରୋଇ ଦଳ ପ୍ରାରମ୍ଭରୁ ସଂଘର୍ଷ କରିଥିଲା। ପଦାର୍ପଣ କରିଥିବା କନଷ୍ଟାସ କ୍ରିଜରେ ଫିଟ୍ ହେବା ପରେ ଭାରତୀୟ ବୋଲରଙ୍କ ଲୟ ବିଗାଡି ଦେଇଥିଲେ। ପଦାର୍ପଣ ମ୍ୟାଚ ଖେଳୁଥିବା କନଷ୍ଟାସ ୬୫ ବଲ ଖେଳି ୬୦ରନ କରିଥିଲେ। ଖ୍ୱାଜା ଓ କନଷ୍ଟାସ ଯୋଡି ପ୍ରଥମ ୱିକେଟରେ ଦଳ ୮୯ରନ କରିଥିଲା। ୨୦ତମ ଓଭରରେ ଏହି ଯୋଡିକୁ ଭାଙ୍ଗିଥିଲେ ରବୀନ୍ଦ୍ର ଜାଡେଜା। କନଷ୍ଟାସ ୬୦ରନ କରି ଆଉଟ ହୋଇଥିଲା। ଉସମାନ ଖ୍ୱାଜା ୫୭ରନ କରି ବୁମରାଙ୍କ ଶିକାର ହୋଇଥିଲେ। ଲାବୁସାନା ୭୨ ରନ କରି ୱାଶିଂଟନ ସୁନ୍ଦରଙ୍କ ବଲରେ ଆଉଟ ହୋଇଥିଲେ। ମାର୍ଶ ୪ରନ କରି ବୁମରାଙ୍କ ବଲରେ ଆଉଟ ହୋଇଥିବା ବେଳେ କ୍ୟାରୀ (୩୧) ଆକାଶ ଦୀପଙ୍କ ଶିକାର ହୋଇଥିଲେ। ପ୍ରଥମ ଇନିଂସର ପ୍ରଥମ ଦିନରେ ଅଷ୍ଟ୍ରେଲିଆ ୬ ୱିକେଟ ହରାଇ ୩୧୧ ରନ କରିଥିଲା। ବୁମରା ୩ ୱିକେଟ ହାସଲ କରିଥିଲେ।

ଦ୍ୱିତୀୟ ଦିନ ବ୍ୟାଟିଂ ଆରମ୍ଭ କରିଥିଲା ଭାରତ। ଅଧିନାୟକ ରୋହିତ ଶର୍ମା ଓ ଯଶ୍ୱସୀ ଜୈସ୍ୱାଲ ଓପନିଂ କରିଥିଲେ। ସଅଳ ପାଭିଲିୟନ ପେରିଥିଲେ ରୋହିତ। ମାତ୍ର ୩ରନ କରି ପାଟ୍ କମିନ୍ସଙ୍କ ବଲରେ ଆଉଟ ହୋଇଥିଲେ। ପରେ ପରେ ଏକ ରାହୁଲ ୨୪ ରନ କରି କମିନ୍ସଙ୍କ ଶିକାର ହୋଇଥିଲେ। ଟି ବ୍ରେକ ସୁଦ୍ଧା ଭାରତ ୫୧ରନରେ ଦୁଇଟି ୱିକେଟ ହରାଇଥିଲା। ସ୍ଥିତି ସମ୍ଭାଳି ଖେଳିଥିଲେ ଯଶ୍ୱସୀ ଓ କୋହିଲି। ଅର୍ଦ୍ଧଶତକ ହାସଲ କରିଥିଲେ ଜୈସ୍ୱାଲ। ଏହା ତାଙ୍କର ୯ମ ଟେଷ୍ଟ ଅର୍ଦ୍ଧଶତକ। ୪୦ତମ ଓଭରରେ ୮୨ ରନ କରି ରନ ଆଉଟ ହୋଇଥିଲେ ଯଶ୍ୱସୀ। ପରେ ପରେ କୋହଲି ୩୬ ରନ କରି ସ୍କଟ ବୋଲାଣ୍ଡଙ୍କ ବଲରେ ଆଉଟ ହୋଇଥିଲେ। ଏହାପରେ ଆକାଶ ଦୀପ ବୋଲାଣ୍ଡଙ୍କ ବଲରେ ଖାତା ଖୋଲି ନ ପାରି ପାଭିଲିୟନ ଫେରିଥିଲେ। ଦ୍ୱିତୀୟ ଦିନ ଷ୍ଟମ୍ପ ଘୋଷଣା ସୁଦ୍ଧା ଭାରତ ୫ ୱିକେଟ ହରାଇ ୧୬୪ ରନ କରିଛି। କମିନ୍ସ ଓ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ନେଇଛନ୍ତି।




# ରୋହିତ ଶର୍ମା ପ୍ଲିଜ ଅବସର ନିଅ

## ୧୪ଟି ଇନିଂସରେ ମାତ୍ର ୧୫୫ରନ୍

ନୂଆଦିଲ୍ଲୀ,୨୭।୧୨: ରୋହିତ ଶର୍ମା ପ୍ଲିଜ ଅବସର ନିଅ । ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ନେଇ କିଛି ଏମିତି କହିଛନ୍ତି କ୍ରିକେଟ ଫ୍ୟାନ୍ସ । ବର୍ଡର-ଗଭାସ୍କର ଟ୍ରଫି ଟେଷ୍ଟ ସିରିଜରେ ଲଗାତାର ଭାବେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି ରୋହିତ ଶର୍ମା । ହିଟମ୍ୟାନ ବୋଲାଉଥିବା ରୋହିତ ଶର୍ମାଙ୍କର ଟେଷ୍ଟ ମ୍ୟାଚରେ ଫ୍ଲପ୍ ଶୋ ଦେଖିବାକୁ ମିଳିଛି । ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଚାଲୁନି ହିଟମ୍ୟାନଙ୍କ ବ୍ୟାଟ । ଆଉଟ ଅଫ୍ ଫର୍ମରେ ରହିଛନ୍ତି ରୋହିତ । ଗତ ୧୪ଟି ଇନିଂସରେ ସେ ମାତ୍ର ୧୫୫ରନ କରିଛନ୍ତି । ସେଥିରେ ଗୋଟିଏ ଅର୍ଦ୍ଧଶତକ ଓ ଗୋଟିଏ ଶତକ ରହିଛି । ଆସନ୍ତୁ ଜାଣିବା ୧୪ଟି ଇନିଂସରେ ରୋହିତଙ୍କ ରନ୍ ।

ବର୍ଡର-ଗାଭାସ୍କର ଚତୁର୍ଥ ଟେଷ୍ଟ ମେଲବର୍ଣ୍ଣରେ ଖେଳାଯାଉଛି । ପ୍ରଥମ ଇନିଂସର ଦ୍ୱିତୀୟ ଦିନ ବ୍ୟାଟିଂ କରିଥିଲା ଭାରତ । ଅଧିନାୟକ ରୋହିତ ଶର୍ମା ମାତ୍ର ୩ରନ କରି ପାଟ୍ କମିନ୍ସଙ୍କ ବଲରେ ଆଉଟ ହୋଇଥିଲେ । ଏହା ପରେ ତାଙ୍କ ଫ୍ୟାନ୍ସଙ୍କ ମଧ୍ୟରେ ନିରାଶ ଦେଖିବାକୁ ମିଳିଥିଲା । ରୋହିତ ଆଉଟ ହେବା ପରେ ପ୍ଲିଜ ଅବସର ନିଅ ବୋଲି ଚିତ୍କାର କରିଥିଲେ କ୍ରିକେଟ ଫ୍ୟାନ୍ସ । ଟେଷ୍ଟ ମ୍ୟାଚରେ ଚାଲୁନି ରୋହିତଙ୍କ ବ୍ୟାଟ ଲାଗୁଛି ଯେମିତି ତାଙ୍କ ବ୍ୟାଟରେ କଳଙ୍କି ଲାଗିଯାଇଛି । ଲଗାତାର ବିଫଳ ହୋଇଛନ୍ତି ରୋହିତ । ଗତ ୧୪ଟି ଇନିଂସରେ ସେ ମାତ୍ର ୧୫୫ରନ କରିଛନ୍ତି । ସେଥିରେ ଗୋଟିଏ ଶତକ ଓ ଅର୍ଦ୍ଧଶତକ ରହିଛି । ୧୧.୦୭ ଆଭରେଜ ସହ ୧୪ଟି ପାଳିରେ ମାତ୍ର ୧୫୫ରନ କରିଛନ୍ତି ରୋହିତ । ବର୍ଡର-ଗାଭାସ୍କର ୪ଟି ଟେଷ୍ଟରେ ରୋହିତ ମୋଟ ୨୨ ରନ କରିଛନ୍ତି । ରୋହିତ ଓ କମିନ୍ସଙ୍କ ମଧ୍ୟରେ ୧୩ ଥର ମୁହାଁମୁହିଁ ହୋଇଛନ୍ତି । ରୋହିତ ମୋଟ ୧୯୯ଟି ବଲ ଖେଳିଛନ୍ତି । ମାତ୍ର ୧୨୭ରନ କରିଛନ୍ତି । ୭ ଥର କମିନ୍ସଙ୍କ ବଲରେ ଆଉଟ ହୋଇଛନ୍ତି । ୨୦୨୪ ମାର୍ଚ୍ଚରେ ରୋହିତ ତାଙ୍କର ଶେଷ ଟେଷ୍ଟ ଶତକ ହାସଲ କରିଥିଲେ । ୧୦୩ ରନ କରିଥିଲେ । ଏହା ପରେ ୧୪ଟି ଟେଷ୍ଟ ଖେଳି ସେ ୧୫୫ରନ କରିଛନ୍ତି । ଅଧିନାୟକ ରୋହିତଙ୍କ ଏପରି ପ୍ରଦର୍ଶନ ଚିନ୍ତାଜନକ ହୋଇଛି ।

## ମେଲବୋର୍ଣ୍ଣରେ ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି, ହାତରେ କଳାପଟି ବାନ୍ଧି ଖେଳିଲେ ଭାରତୀୟ ଟିମ୍

**ନୂଆଦିଲ୍ଲୀ,୨୭।୧୨:** ସଂସ୍କାର ସୁତ୍ରଧର ଦେଶର ଆର୍ଥିକ ସୁଧାରର ଜନନାୟକ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପରଲୋକ ହୋଇଛି। ୯୨ ବର୍ଷ ବୟସରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଛି। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବର୍ଡର-ଗାଭାସ୍କର ଟ୍ରଫି ସିରିଜରେ ମେଲବର୍ଣ୍ଣ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତୀୟ କ୍ରିକେଟ ଦଳ କଳାପଟି ପିନ୍ଧି ମଇଦାନକୁ ଓହ୍ଲାଇଛି। ଗୁରୁବାର ବିଳମ୍ବିତ ରାତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପରଲୋକରେ ହୋଇଛି। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଭାରତୀୟ ରାଜନୀତିରେ ବଡ କ୍ଷତି ହୋଇଛି। ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା ହୋଇଛି। ମନମୋହନ ସିଂହଙ୍କ ବିୟୋଗରେ ତାଙ୍କୁ ମେଲବୋର୍ଣ୍ଣରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଭାରତୀୟ କ୍ରିକେଟ ଦଳ। ମନମୋହନଙ୍କୁ ସମ୍ମାନ ଜଣାଇ ଏମସିଜି ଟେଷ୍ଟରେ ହାତରେ କଳାପଟି ପିନ୍ଧି ମଇଦାନକୁ ଓହ୍ଲାଇଛନ୍ତି ଭାରତୀୟ ଖେଳାଳି। ବର୍ଡର-ଗାଭାସ୍କର ଟେଷ୍ଟ ସିରିଜରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜାରି ରହିଛି। ଚତୁର୍ଥ ଟେଷ୍ଟ ମେଲବର୍ଣ୍ଣରେ ଖେଳାଯାଉଛି। ଆଜି (ଶୁକ୍ରବାର) ଦ୍ୱିତୀୟ ଦିନରେ ଭାରତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନଙ୍କ ସିଂହଙ୍କ ବିୟୋଗରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କଳାପଟି ବାନ୍ଧି ମ୍ୟାଚ ଖେଳିଥିବା ଦେଖିବାକୁ ମିଳିଛି। ସମସ୍ତେ ପ୍ଲେୟାର ହାତରେ କଳାପଟି ପିନ୍ଧି ଖେଳୁଥିବା ନଜର ଆସିଛି।




## ଆଜି ହକି ଇଣ୍ଡିଆ ଲିଗ୍




**ରାଉରକେଲା, ୨୭।୧୨:** ଆଉ ମାତ୍ର ୨୪ ଘଣ୍ଟାପରେ ଆରମ୍ଭ ହୋଇଯିବ ହକି ଇଣ୍ଡିଆ ଲିଗ୍। ବିଶ୍ୱର ସର୍ବବୃହତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ୨୮ ତାରିଖରେ ପ୍ରଥମ ମ୍ୟାଚ୍ ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ମଧ୍ୟରେ ଖେଳାଯିବ। ପ୍ରତିଯୋଗିତା ପାଇଁ ମୋଟ୍ ୭ଟି ଦଳ, ଯଥା- ସୂର୍ମା ହକି କ୍ଲବ, ୟୁପି ରୁଦ୍ରସ୍, ହାଇଦ୍ରାବାଦ ତୁଫାନ୍ସ, ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ୍, ଟିମ୍ ଗୋନାସିକା, ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ୍ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ରାଉରକେଲାରେ ପହଞ୍ଚିସାରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଅନ୍ତିମ ଦଳଭାବେ ତାମିଲନାଡୁ ଡ୍ରାଗନ୍ସ ରାଉରକେଲାରେ ପହଞ୍ଚିବ। ତାମିଲନାଡୁ ଦଳରେ ଓଡ଼ିଆ ତାରକା ତଥା ଦୁଇଦୁଇଥର ଅଲିମ୍ପିକ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିବା ଅମିତ ରୋହିଦାସ ଅଛନ୍ତି।

ଗୁରୁବାର ଅପରାହ୍ନରେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଟିମ୍ ଗୋନାସିକା ଓ ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ୍ ମଧ୍ୟରେ ଏକ ପ୍ରାକ୍ଟିସ୍ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଅଭ୍ୟାସ ମ୍ୟାଚ୍ ହୋଇଥିଲେ ସୁଦ୍ଧା ଏହା ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ତେବେ ଏହି ମ୍ୟାଚ୍‌କୁ ଟିମ୍ ଗୋନାସିକା ୩-୦ ଗୋଲ୍‌ରେ ଜିତିନେଇଥିଲା।

ହକି ଇଣ୍ଡିଆ ଲିଗ୍ ଅବ୍ୟବହତି ପୂର୍ବରୁ ଶୁକ୍ରବାର ପୂର୍ବାହ୍ନରେ ୬ଟି ଦଳର ଅଧିନାୟକ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ୬ ଅଧିନାୟକଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ। ଅପରପକ୍ଷରେ ପୂର୍ବରୁ ପହଞ୍ଚିସାରିଥିବା ବିଭିନ୍ନ ଦଳ କ୍ରୀଡ଼ାଭ୍ୟାସ ଆରମ୍ଭ କରିଦେଇଛନ୍ତି। ପରସ୍ପର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳୁଥିବା ଦେଖିବାକୁ ମିଳୁଛି। ଗୁରୁବାର ଅପରାହ୍ନରେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଟିମ୍ ଗୋନାସିକା ଓ ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ୍ ମଧ୍ୟରେ ଏକ ପ୍ରାକ୍ଟିସ୍ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଅଭ୍ୟାସ ମ୍ୟାଚ୍ ହୋଇଥିଲେ ସୁଦ୍ଧା ଏହା ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ତେବେ ଏହି ମ୍ୟାଚ୍‌କୁ ଟିମ୍ ଗୋନାସିକା ୩-୦ ଗୋଲ୍‌ରେ ଜିତିନେଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟଙ୍କା ଦେଇ...

ପ୍ରଚାର ହେଉଥିଲା। ଅନ୍ୟମାନଙ୍କ ଫଟୋ କାଁ ଭାଁ ଦେଖିବାକୁ ମିଳୁଥିଲା। କେଉଁଦିନ ପୂରା ତିନି ପୃଷ୍ଠା ତ ଆଉ କେଉଁଦିନ ଚାରିପୃଷ୍ଠାର ବିଜ୍ଞାପନ ଦିଆଯାଉଥିଲା । ନିର୍ବାଚନ ଯେତିକି ପାଖେଇ ଆସୁଥିଲା ରଙ୍ଗ ବେରଙ୍ଗର ବିଜ୍ଞାପନରେ ଖବରକାଗଜ ଭରି ଯାଉଥିଲା । ଖବର ଅପେକ୍ଷା ବିଜ୍ଞାପନ ପରିମାଣ ଅଧିକ ହୋଇଯାଉଥିଲେ ବି ରାଜ୍ୟର ଗଣମାଧ୍ୟମଗୁଡିକ କିନ୍ତୁ ଅର୍ଥ ଲୋଭରେ ପଡି ପାଠକଙ୍କ ମତକୁ ଖାତିର ନ କରି ପୃଷ୍ଠା ପୃଷ୍ଠା ବିଜ୍ଞାପନ ଛାପି ଚାଲିଥିଲେ । ଏହା ଭୋଟରଙ୍କୁ ଆକୃଷ୍ଟ କରିବା ପରିବର୍ତ୍ତେ ବିଜେଡି ବିରୋଧରେ ଅସନ୍ତୋଷକୁ ତେଜିଥିଲା । ହେଲେ ଦଳର ମାମଲତକାରମାନେ କମିଶନ ଲୋଭରେ ପଡି ଏଥିପ୍ରତି ଭ୍ରୁକ୍ଷେପ କରିନଥିଲେ ।

ତେବେ ଗୋଟିଏ ଆର୍ନ୍ତଜାତିକ ଚ୍ୟାନେଲ ଆସି ରାଜ୍ୟରୁ କୋଟି କୋଟି ଟଙ୍କା ହାତେଇନେବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ରାଜ୍ୟରେ ଅନେକ ପ୍ରତିଷ୍ଠିତ ଡକ୍ୟୁମେଣ୍ଟ ପ୍ରସ୍ତୁତିକାରୀ ସଂସ୍ଥା ଥିବାବେଳେ ଉକ୍ତ ସଂସ୍ଥାକୁ କିଏ କାହିଁକି କେଉଁ ପରିସ୍ଥିତିରେ ଆଣି ଗରିବ ଓଡ଼ିଆଙ୍କ ଝାଳବୁହା ଧନକୁ ଟେକିଦେଲା ତାହାର ଗୁମର ଖୋଲିବା ପାଇଁ ବି ଦାବି ଉଠିଲାଣି। ଏଥିରୁ କିଏ କେତେ କମିଶନ ନେଇଛନ୍ତି ତାହା ମଧ୍ୟ ଓଡ଼ିଶା ଲୋକେ ଜାଣିବା ଆବଶ୍ୟକ ବୋଲି କୁହାଗଲାଣି ।

ନିଜ ଇମେଜ ବୁଷ୍ଟିଂ ପାଇଁ କୋଟି କୋଟି ଟଙ୍କା ଉଡାଯାଇଥିବାବେଳେ ଏବେ ବିଜେପି ସୋସିଆଲ ମିଡିଆକୁ ମୁକାବିଲା କରି ନପାରି ହାରିଥିବା ଖୋଦ ନବୀନ ପଟ୍ଟନାୟକ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ପାଲଟିବା ସହିତ ବିଜେଡିର ମାମଲତକାର ଓ ମାର୍ଗଦର୍ଶକମାନଙ୍କୁ କାଠଗଡାରେ ଛିଡା କରିଛି । ସେମାନେ ଏବେ ରାଜକୋଷରୁ ପାଣିଭଳି ହୋଇଥିବା ଅର୍ଥ ବ୍ୟୟ ଓ ଏଥିରୁ ମିଳିଥିବା ସୁଫଳର ହିସାବ ରାଜ୍ୟବାସୀଙ୍କ ଆଗରେ ରଖିବା ପାଇଁ ମତପ୍ରକାଶ ପାଉଛି।

### ରାଜ୍ୟରେ ...

ପର୍ଯ୍ୟନ୍ତ ଦୌଡି ଦୌଡି ସେ ନିରାଶ ହେଲେଣି। ଆଉ ଜଣେ ଖାଉଟି ହେଉଛନ୍ତି ନାରାୟଣପାଟଣା ବ୍ଲକ ବିକ୍ରମପୁର ଗାଁର ଜଗବନ୍ଧୁ। ଚାରି ବର୍ଷ ଧରି ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ମିଳିପାରୁନି। ସମାନ ଚିତ୍ର ଆସିଛି ଉପକୂଳ ଓଡ଼ିଶାରୁ। ଭଦ୍ରକ ବାସୁଦେବପୁର ନଟିଆପାଳ ଗାଁର ମାନସୀ ଜେନାଙ୍କ ସ୍ୱାମୀ ଦିନ ମଜୁରିଆ ହୋଇଥିବା ବେଳେ ପଲିଥିନ୍ ପାଲ ତଳେ ଜୀବନ ବିତାଉଛନ୍ତି। କାର୍ଡ ଖଣ୍ଡେ ପାଇଁ ୧୦ ବର୍ଷ ହେଲା ଦୌଡିଛନ୍ତି ପଞ୍ଚାୟତରୁ ବ୍ଲକ୍ ଅଫିସକୁ। ଗାଁର ବଡବଡିଆ ଓ ଚାକିରିଆ କାର୍ଡ ପାଇଥିବା ବେଳେ ମାତ୍ର ତାଙ୍କ କଥା କେହି ଶୁଣୁନାହାଁନ୍ତି।

### ମେଘନାଦ...

ଖଜାଘର ଯୋଗୁ ସଂରକ୍ଷଣ କାମ ତ୍ୱରାନ୍ୱିତ ହୋଇପାରୁନି। ଶ୍ରୀମନ୍ଦିରରେ ନୂଆ ସିସିଟିଭି ଲଗାଯିବା ପରେ ପୁରୁଣା ସିସିଟିଭି ହଟିନି । ବିଭିନ୍ନ ସ୍ଥାନରେ ଜିଆଇ ବାକ୍ସ, କେବୁଲ, ହ୍ୟାଙ୍ଗିଙ୍ଗ୍ କ୍ୟାମେରା, କଳଙ୍କି ଲଗା ଜିଆଇ ପାଇପ୍, କ୍ଲାମ୍ପ ଆଦି ଝୁଲି ରହି ସୌନ୍ଦର୍ଯ୍ୟ ନଷ୍ଟ କରୁଛି। ଏସବୁ ହଟିଲେ ଏଏସ୍‌ଆଇ ପକ୍ଷରୁ ମରାମତି ଓ ୱାଟର ପ୍ରୁଫ ଟ୍ରିଟମେଣ୍ଟ କରାଯିବ।

ବାଇଶି ପାହାଚ, ଉତ୍ତର ଦ୍ୱାର ଭିତର ପାହାଚ ଓ ଗୁମୁଟ ଚଟାଣରେ ଅନବରତ ପାଣି ସିଞ୍ଚନ ଯୋଗୁ ପଥର ସଂଯୋଗସ୍ଥଳ ମେଲା ହୋଇ ନଷ୍ଟ ହେଉଛି। ମେଟାଲ୍ ଗନ ନୋଜଲ ଦ୍ୱାରା ଜୋରରେ ପାଣି ମାରିବା ବଦଳରେ ବିକଳ୍ପ ପନ୍ଥା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛି ଏଏସ୍‌ଆଇ।

### ଭିଜିଲାନ୍ସରେ...

ଅଙ୍କର କମିଶନ ଆଦାୟ କରୁଛନ୍ତି। ସେ କୋରାପୁଟ ଡିଭିଜନରେ ଥିଲାବେଳେ ତାଙ୍କ ବିରୁଦ୍ଧରେ କୋଟି କୋଟି ଟଙ୍କାର ହେରଫେର ଅଭିଯୋଗ ହୋଇଥିଲା। ଯାହା ପରବର୍ତ୍ତୀ ସମୟରେ ଅଡିଟ୍ ରିପୋଟ୍‌ରେ ଆସିଥିଲା। ପୋଲିସ ହାଉସିଂର ଷ୍ଟିଲ ଏବଂ ସିମେଣ୍ଟ ହେରଫେରରେ ହୋଇଥିବା ଭିଜିଲାନ୍ସ କେସରେ ତାଙ୍କ ବିରୋଧରେ ଅଭିଯୋଗ ଥିଲା। ଅସସର ପରେ ବି ସେ 'ଓଡ଼ିଶା ପୁଲିସ ହାଉସିଂ ରିଟାୟାର୍ଡ ଏମ୍ପ୍ଲଇଜ ଆସୋସିଏସୋନ' ନାମରେ ଏକ ନକଲି ସଂସ୍ଥା ଖୋଲି ନିଜେ ଏହାର ସାଧାରଣ ସମ୍ପାଦକ ହୋଇଛନ୍ତି। ଉକ୍ତ ସଂସ୍ଥାର ଠିକଣା ତାଙ୍କ ପଟିଆ ଘର। ଏହି ସଂସ୍ଥା ମାଧ୍ୟମରେ ସେ ଅନ୍ୟ ଦୁର୍ନୀତିଗ୍ରସ୍ତ ପୂର୍ବତନ ଏବଂ ବର୍ତ୍ତମାନର କର୍ମଚାରୀଙ୍କଠାରୁ ପ୍ରତିମାସରେ ବଟି ଆଦାୟ କରୁଥିବା ଅଭିଯୋଗ ହୋଇଛି। ଯିଏ ନ ଦେଉଛନ୍ତି ତାଙ୍କୁ ଭିଜିଲାନ୍ସରେ ଫସାଇବାର ଧମକ ଦେଉଛନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି।

ଏସବୁର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତାଙ୍କ ବିରୋଧରେ ଦୃଢ କାର୍ଯାନୁଷ୍ଠାନ ଗ୍ରହର କରିବାକୁ ଦାବି ହୋଇଛି। ଆହୁରି ଅନେକ ପୂର୍ବତନ ଏବଂ ବର୍ତ୍ତମାନର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ମଧ୍ୟ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### କମେଡ଼ି...

ଦେଇଥିଲେ । ଏପରି ବିଭିନ୍ନ ଘଟଣାବଳୀକୁ ଶ୍ରୀ ମିଶ୍ର ନିଜ ପୁସ୍ତକରେ ବେଶ୍ ବ୍ୟଙ୍ଗାତ୍ମକ ଢଙ୍ଗରେ ଉପସ୍ଥାପନ କରିଥିବା ଜଣାପଡ଼ିଛି । ବିଭିନ୍ନ ପୁଲିସ ଅଫିସରମାନଙ୍କ ସହ କାର୍ଯ୍ୟ କରିବାର ଅନୁଭୂତିକୁ ମଧ୍ୟ ସେ ମଜାଦାର ଢଙ୍ଗରେ ନିଜ ପୁସ୍ତକରେ ସ୍ଥାନିତ କରିଥିବା ସୂଚନା ମିଳିଛି ।

ପୁସ୍ତକ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ, ପୁସ୍ତକଟି ଦିଲ୍ଲୀରେ ଉନ୍ମୋଚିତ ହେବ । ତା'ପୂର୍ବରୁ ଭୁବନେଶ୍ୱରରେ ମଧ୍ୟ ପୁସ୍ତକକୁ ସେ ଉନ୍ମୋଚନ କରାଇବେ । ଏହା ତାଙ୍କର ପୁଲିସ୍ ବିଭାଗରେ କାର୍ଯ୍ୟ କରିବାବେଳେ ଅନୁଭୂତି ଓ ଘଟଣାବଳୀକୁ ସେ ବ୍ୟଙ୍ଗାତ୍ମକ ଶୈଳୀରେ ପୁସ୍ତକରେ ସାମିଲ୍ କରିଥିବା କହିଛନ୍ତି। ତେବେ ପୁସ୍ତକରେ କେଉଁସବୁ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସ୍ଥାନ ପାଇଛି ସେ ସମ୍ପର୍କରେ ଆଗୁଆ କିଛି ସୂଚନା ଦେବାକୁ ଶ୍ରୀ ମିଶ୍ର ମନା କରିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀ ମିଶ୍ରଙ୍କ ଏହି ପୁସ୍ତକ ନୂଆଦିଲ୍ଲୀର ପୁଲିସ ମୁଖ୍ୟାଳୟରେ ଆସନ୍ତା ଜାନୁୟାରୀ ୧୧ତାରିଖ ଅପରାହ୍ନ ସାଢ଼େ ୩ଟାରେ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି । ଉନ୍ମୋଚନ ଉତ୍ସବରେ ଉତ୍ତର ପ୍ରଦେଶର ପୂର୍ବତନ ପୁଲିସ ଡିଜି ପ୍ରକାଶ ସିଂଙ୍କ ସମେତ ଅବସରପ୍ରାପ୍ତ ଆଇପିଏସ୍ ବିକ୍ରମ ସିଂ, ଲେଫ୍ଟନାଂଟ ଜେନେରାଲ(ରିଟାର୍ଡ) ସିପି ମହାନ୍ତି ଓ ରିଟାର୍ଡ ଆଇପିଏସ୍ ସଞ୍ଜୟ ଅରୋରା ଯୋଗ ଦେବେ। ଏହାପୂର୍ବରୁ ଉକ୍ତ ପୁସ୍ତକକୁ ଶ୍ରୀ ମିଶ୍ର ଭୁବନେଶ୍ୱରରେ ଜାନୁୟାରୀ ୭ କିମ୍ବା ୯ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଉନ୍ମୋଚନ କରାଇ ପାରନ୍ତି ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ସାମ୍ବାଦିକ ରୁବେନ୍ ବାନାର୍ଜୀଙ୍କ ପୁସ୍ତକକୁ ନେଇ ଏବେ ରାଜନୀତିକ ଉଷ୍ମତା ଲାଗି ରହିଥିବାବେଳେ ବିଜେଡି ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଶ୍ରୀ ମିଶ୍ର ଯଦି ନବୀନ ଓ ପାଣ୍ଡିଆନଙ୍କ ସହ ତାଙ୍କର ତିକ୍ତମଧୁର ଅନୁଭୂତିକୁ ତାଙ୍କ ପୁସ୍ତକରେ ସାମିଲ କରିଥିବେ ତାହା ମଧ୍ୟ ପୁଣିଥରେ ନବୀନ ଓ ପାଣ୍ଡିଆନଙ୍କ ଅସଲ ଚେହେରା ପଦାରେ ପକାଇବ ବୋଲି ଚର୍ଚ୍ଚା ହେଉଛି।

### ବିଜେଡିକୁ...

କଂଗ୍ରେସକୁ ମଧ୍ୟ ଚଳିତ ବର୍ଷ ମିଳିଛି ୨୮୯ କୋଟି। ଆଉ କେ ଚନ୍ଦ୍ରଶେଖରଙ୍କ ପାର୍ଟି ବିଆର୍‌ଏସ୍‌କୁ ମିଳିଛି ୪୯୫ କୋଟି ଟଙ୍କାର ରାଜନୈତିକ ଚାନ୍ଦା ।ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶାରେ ବିଜେପି ସରକାର ଆସିବା ପୂର୍ବରୁ, ଲଗାତାର ୨୪ ବର୍ଷ ହେଲା ଶାସନରେ ରହିଥିଲା ବିଜୁ ଜନତା ଦଳ । ଆଉ ଗତ ବର୍ଷ ଆସିଥିବା ଏଡିଆର ରିପୋର୍ଟରେ ବିଜେଡି ଦେଶର ଦ୍ୱିତୀୟ ଧନୀ ଆଞ୍ଚଳିକ ଦଳ ହେବାର ଗୌରବ ମଧ୍ୟ ଅର୍ଜନ କରିଥିଲା । ହେଲେ ଚଳିତ ବର୍ଷ କିନ୍ତୁ ବିଜେଡିକୁ ୨୦ ହଜାର ଟଙ୍କା କିମ୍ବା ତା ଠାରୁ ଅଧିକ ଦାନ ବାବଦରେ ଟଙ୍କାଟିଏ ବି ମିଳିନି। ଗତବର୍ଷ ଆସିଥିବା ରିପୋର୍ଟ ମୁତାବକ, ସେତେବେଳେ ବିଜେଡି ପାଖରେ ପାଖାପାଖି ୩୦୦ ଶହ କୋଟିରୁ ଅଧିକ ଟଙ୍କା ଥିଲେ ବି, ଏଥର କିନ୍ତୁ ରାଜନୈତିକ ଚାନ୍ଦା ବାବଦରେ ଟଙ୍କାଟିଏ ବି ମିଳିନି। ଯାହାକି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଅନ୍ୟ ଆଞ୍ଚଳିକ ଦଳ ମାନଙ୍କ ଭିତରେ ଆପକୁ ଚଳିତ ବର୍ଷ ୧୧ କୋଟି ଟଙ୍କା ଚାନ୍ଦା ମିଳିଥିବାବେଳେ, ଟିଡିପିକୁ ଶହେ କୋଟିରୁ ଅଧିକ ଟଙ୍କା ଆଉ ସମାଜବାଦୀ ପାର୍ଟିକୁ ମିଳିଛି ୩୩ କୋଟିରୁ ଅଧିକ ଟଙ୍କା ।

## ଶୁଖିଗଲା ତେଲିଙ୍ଗିରି



**କୋରାପୁଟ, ୨୭।୧୨ (ସଂଚାର ବ୍ୟୁରୋ):** କୋରାପୁଟ ସଦରମହକୁମାରୁ ୧୮କିଲୋମିଟର ଦୂରରେ ତେଲିଙ୍ଗିରି ନଦୀ ଓ ପାହାଡ଼ର ନାଳପାଣିକୁ ଅଟକାଇ ତେଲିଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ କରାଯାଇଛି। ନିର୍ମାଣ ସମୟରେ ସ୍ଲୁଇସ୍ ଗେଟକୁ ବନ୍ଦ କରାଯାଇ ନଥିଲା। ଏହାର ପରିମାଣ ଚାଷୀ ଓ ସରକାରଙ୍କୁ ଭୋଗିବାକୁ ପଡ଼ିଛି। ଏବେ ଜଳଭଣ୍ଡାର ଶୁଖିଗଲାଣି। ଜାନୁଆରି ପ୍ରଥମ ସପ୍ତାହରୁ ଏହାର ମରାମତି କାମ ଆରମ୍ଭ କରାଯିବ ବୋଲି କହିଛନ୍ତି କହିଛନ୍ତି ଉପରକୋଲାବ ଜଳସେଚନ ଓ ତେଲିଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଇଂ.ସନ୍ତୋଷ କୁମାର ମହାପାତ୍ର। ରାଜ୍ୟସରକାରଙ୍କ ଜଳସେଚନ ବିଭାଗକୁ ଏ ନେଇ ଅବଗତ କରାଯାଇଛି। ଏଥରକ ରବିରେ ଆଉ ପାଣି ଦିଆ ନ ଯାଇ ମରାମତି କରାଯିବ ବୋଲି କହିଛନ୍ତି ମୁଖ୍ୟଯନ୍ତ୍ରୀ।

## ବାଛୁରୀକୁ ଖାଇଗଲା ବାଘ



**ଭଞ୍ଜନଗର, ୨୭।୧୨ (ବାବୁଲା ପ୍ରଧାନ):** ଗଞ୍ଜାମ ଜିଲା ଭଞ୍ଜନଗର ସହରତଳି ଛେଦାଭୂମିରେ ଏକ ହେଟାବାଘ ବାଛୁରୀକୁ ମାରି ଖାଇ ଦେଇଥିବା ଅଭିଯୋଗ ହେଶଇଛି। ବାଛୁରୀ ମାଲିକ ବଳରାମ ଗୌଡ ଶୁକ୍ରବାର ଏନେଇ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ବଳରାମ ତାଙ୍କ ଗାଈ, ବାଛୁରୀଙ୍କୁ ଶ୍ରୀଅରବିନ୍ଦ ଶକ୍ତିପୀଠ ଆଶ୍ରମ ପଛପଟେ ବାନ୍ଧି ଘରକୁ ଆସି ଥିଲେ। ଶୁକ୍ରବାର ଭୋରରେ ସେ ଯାଇ ଦେଖିବା ବେଳକୁ ବାଛୁରୀ ନ ଥିଲା। ବାଛୁରୀଙ୍କୁ ଘେରାଉ କରି ରଖାଯାଇଥିବା ବାଉଁଶ ବାଡ଼ ଭାଙ୍ଗି ଥିବା ଦେଖିଥିଲେ। ଏନେଇ ବଳରାମ ବାଛୁରୀକୁ ଖୋଜାଖୋଜି କରିଥିଲେ। ଖୋଜାଖୋଜି ପରେ କିଛି ଦୂରରେ ଏକ ବୁଦା ମଧ୍ୟରେ ବାଛୁରୀ ଗୋଡ ଓ ଚମଡ଼ା ପଡ଼ିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଏ ନେଇ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ହେଟାବାଘ ସମେତ ଆଉ କିଛି ବନ୍ୟପ୍ରାଣୀଙ୍କ ଆକ୍ରମଣରେ ବାଛୁରୀ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୮ ମାସ ତଳେ ଏକ ବନ୍ୟଜନ୍ତୁ ଏକ ବାଛୁରୀକୁ ଖାଇ ଦେଇଥିଲା। ହେଲେ କୌଣସି ପ୍ରମାଣ ନ ଥିବା କହି ବନ କର୍ମଚାରୀ ସେତିକିବେଳେ ଘଟଣାକୁ ଚାପି ଦେଇଥିଲେ। ଅନ୍ୟପଟେ କିଛି ଦିନ ହେବ ତାରସିଂ, ଜଗନ୍ନାଥପ୍ରସାଦ ସମେତ ଅନ୍ୟ ରେଞ୍ଜରେ ବନ୍ୟପ୍ରାଣୀ ଶିକାର ବଢୁଥିବା ଲକ୍ଷ୍ୟ କରାଯାଉଛି । ଆଗକୁ ନୂଆବର୍ଷ। ତେଣୁ ଜଙ୍ଗଲି ମାଂସ ଲୋଭରେ ଶିକାର ବଢିବା ସମ୍ଭାବନା ରହିଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଶୌଚାଳୟ କି ସ୍ଥାୟୀ ବସଷ୍ଟାଣ୍ଡ ନାହିଁ; ଯାତ୍ରୀ ହନ୍ତସନ୍ତ

**ବୋରିଗୁମ୍ମା, ୨୭।୧୨ (ସଂଚାର ବ୍ୟୁରୋ):** ଯାତ୍ରୀଙ୍କ ସୁବିଧା ପାଇଁ ବସଷ୍ଟାଣ୍ଡ ଏବଂ ଶୌଚାଳୟଟିଏ ନିହାତି ଗୁରୁତ୍ୱପୂର୍ଣ୍ଣ ହେଉଥିଲା ସମୟରେ ବୋରିଗୁମ୍ମାରେ ସ୍ଥାୟୀ ବସଷ୍ଟାଣ୍ଡ କିମ୍ବା ଶୌଚାଳୟଟିଏ ନାହିଁ। ଯାତ୍ରୀ ଏଠାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୋରାପୁଟ ଜିଲ୍ଲା ବୋରିଗୁମ୍ମା ଓଡ଼ିଶାର ସର୍ବବୃହତ ବ୍ଲକ ଭାବେ ପରିଚିତ। ବୋରିଗୁମ୍ମାକୁ ଦୁଇଟି ଜାତୀୟ ରାଜପଥ, ଗୋଟିଏ ରାଜ୍ୟ ରାଜପଥ ଏବଂ ଗୋଟିଏ ପିଡବ୍ଲ୍ୟୁଡି ରୋଡ୍ ସଂଯୋଗ କରୁଛି। ପ୍ରତ୍ୟେକ ଦିନ ଶହ ଶହ ଗାଡ଼ିମୋଟର ଚଳାଚଳ କରୁଛି। ବୋରିଗୁମ୍ମା ଦେଇ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ହାଇଦ୍ରାବାଦ, ଭୁବନେଶ୍ୱର ଭଳି ଦୂରଦୁରାନ୍ତକୁ ପ୍ରତ୍ୟେକ ଦିନ ବସ ଯିବାଆସିବା କରେ। ବୋରିଗୁମ୍ମା ମୁଖ୍ୟଛକରେ ଶହ ଶହ ଯାତ୍ରୀ ବସକୁ ଅପେକ୍ଷା କରନ୍ତି। ମୁଖ୍ୟତଃ ପାହାନ୍ତିଆରେ ଭୁବନେଶ୍ୱର ହାଇଦ୍ରାବାଦ ବିଶାଖାପାଟଣା ବସ ଆସି ବୋରିଗୁମ୍ମାରେ ପହଞ୍ଚେ। ସେହି ସମୟରେ ଯାତ୍ରୀ ଶୌଚ ପାଇଁ ଏଣେତେଣେ ସ୍ଥାନ ଖୋଜି ବୁଲନ୍ତି।



ବୋରିଗୁମ୍ମାରେ ଆଜି ପର୍ଯ୍ୟନ୍ତ ଯାତ୍ରୀଙ୍କ ସୁବିଧା ପାଇଁ ଶୌଚାଳୟଟିଏ ହୋଇପାରିଲା ନାହିଁ । ପୁରୁଷ ଲୋକ ଏଣେତେଣେ ଶୌଚ କରନ୍ତି । ଏମିତିରେ ମହିଳାଙ୍କ ଦୁର୍ଦ୍ଦଶା ନ କହିବା ଭଲ। ବେଳେ ବେଳେ ମହିଳା ଯାତ୍ରୀମାନେ ଥାନା ଅଧିକାରୀଙ୍କୁ ନିବେଦନ କରି ଥାନା ପରିସର ଶୌଚାଳୟକୁ ବ୍ୟବହାର କରିବା ପାଇଁ ବାଧ୍ୟ ହୁଅନ୍ତି। ବୋରିଗୁମ୍ମା ଏନଏଚ ପାର୍ଶ୍ୱରେ ଅନେକ ସାହି ଗୋଳି ରାସ୍ତା ରହିଛି। ଏମିତିକି ମହିଳା ଯାତ୍ରୀ ସେଇଠି ମଧ୍ୟ ଖୋଲାରେ ପରିସ୍ରା କରିବାକୁ ବାଧ୍ୟ ହେଉଛନ୍ତି।

ଏହାକୁ ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଳା ଘାସି ହୃଦୟଙ୍ଗମ କରି ବୋରିଗୁମ୍ମା ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଶୌଚାଳୟଟିଏ ନିହାତି ଜରୁରୀ, ଏବଂ ଶୌଚାଳୟଟିଏ ନିର୍ମାଣ କରିବା ପାଇଁ ଜିଲ୍ଲା ପରିଷଦ ସଭ୍ୟାଙ୍କ ସମେତ ଯାତ୍ରୀମାନେ ପ୍ରଶାସନିକ ନିକଟରେ ଅନୁରୋଧ କରିଛନ୍ତି। ଅପରପକ୍ଷରେ ବୋରିଗୁମ୍ମା ସହରରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବସଷ୍ଟାଣ୍ଡଟିଏ ହୋଇପାରିଲା ନାହିଁ। ଜାତୀୟ ରାଜପଥ ହିଁ ପାଲଟିଛି ବସଷ୍ଟାଣ୍ଡ।

ବୋରିଗୁମ୍ମା ଚାରିଛକ ଜାତୀୟ ରାଜପଥକୁ ଅବରୋଧ କରି ରାସ୍ତା ଉପରେ ବସ ରୁହେ। ଫଳରେ ଅନେକ ସମୟରେ ଟ୍ରାଫିକ ଜାମ ହେଉଛି। ସନ୍ଧ୍ୟା ସମୟରେ ନାଇଟଏକ୍ସପ୍ରେସ ବସ ଥାନା ସମ୍ମୁଖରେ ରୁହେ। ସେହି ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଖରା ବର୍ଷା ଶୀତରେ ଯାତ୍ରୀ ଗଛ ମୂଳେ କିମ୍ବା ଆଖପାଖରେ ଥିବାଦୋକାନ ପାଖରେ ଆଶ୍ରୟନେଇ ବସକୁ ଅପେକ୍ଷା କରନ୍ତି। ବିଶେଷ କରି ଗ୍ରୀଷ୍ମଋତୁରେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ସ୍ଥାୟୀ ବସଷ୍ଟାଣ୍ଡଟିଏ ନିର୍ମାଣ ହୋଇଥିଲେ ଯାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ବୋରିଗୁମ୍ମା ସହରରେ କେବେ ବସଷ୍ଟାଣ୍ଡ ଏବଂ ଶୌଚାଳୟ ନିର୍ମାଣ ହେବ ତାକୁ ଦେଖିବାକୁ ବାକି ରହିଛି।

## ଟଙ୍କା ନେଣଦେଣକୁ ନେଇ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**କାକଟପୁର/ଅସ୍ତରଙ୍ଗ, ୨୭।୧୨ (ସଂଚାର ବ୍ୟୁରୋ):** ଟଙ୍କା ନେଣ ଦେଣକୁ ନେଇ ଯୁବକଙ୍କୁ ମୁଖ୍ୟ ରାସ୍ତା ଉପରେ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ଯୁବକଙ୍କର ମୁହଁ ଫାଟିଯାଇଥିବା ବେଳେ ଛାତିରେ ଗଭୀର ଆଘାତ ଲାଗିଛି।



ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁସୁମ୍ବର ଗ୍ରାମର ଦୁଷ୍ମନ୍ତ ଦାସ ଗୁରୁବାର ଅପରାହ୍ନ ୪ଘଟିକା ସମୟରେ ଅସ୍ତରଙ୍ଗକୁ ଆସିବା ପାଇଁ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଆସୁଥିବା ବେଳେ ଟଙ୍କା ଦେଣ ନେଣକୁ ନେଇ ବାନାମ୍ବର ଦାସ ଓ ଦୁଷ୍ମନ୍ତ ଦାସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବଚସା ତୀବ୍ର ହେବାରୁ ବାନାମ୍ବର ଦାସ ଫାର୍ଶାରେ ଦୁଷ୍ମନ୍ତଙ୍କ ମୁହଁକୁ ୩ରୁ ୪ଟି ଚୋଟ ଓ ଛାତିକୁ ମଧ୍ୟ ଆକ୍ରମଣ କରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଚିତ୍କାର କରୁଥିବା ବେଳେ ଦୁଷ୍ମନ୍ତଙ୍କୁ ସୁବ୍ରତ ଦାସ ଓ ଯୋଗିଆ ଦାସ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚିବା ସହ ଚିକିତ୍ସା ପରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୋଗକୁ ଭିତ୍ତି କରି ଥାନାରେ ୨୬୩/୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଶୁକ୍ରବାର ଅପରାହ୍ନରେ ଆକ୍ରମଣକାରୀ ବାନାମ୍ବର ଦାସଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ପଟେ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ କରିଛି ଅସ୍ତରଙ୍ଗ ପୁଲିସ।



## ଭିନ୍ନକ୍ଷମଙ୍କୁ ତିନିଚକିଆ ସ୍କୁଟି ପ୍ରଦାନ କଲେ ସାଂସଦ

**କଣାସ, ୨୭।୧୨ (ସଂଚାର ବ୍ୟୁରୋ):** କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଆଜି ପୁରୀ ସାଂସଦ ଡଃ ସମ୍ବିତ୍ ପାତ୍ର ୩ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ତିନିଚକିଆ ସ୍କୁଟ୍ ପ୍ରଦାନ କରିଥିଲେ। ପୋତାଘର, ସହନା ଏବଂ ଘରଛିଆ ଗ୍ରାମର ୩ଜଣ ବ୍ୟକ୍ତି ଏହି ସ୍କୁଟିକୁ ସାଂସଦଙ୍କ ନିକଟରୁ ଗ୍ରହଣ କରିଥିଲେ। ସ୍କୁଟ୍ ପ୍ରଦାନ ସମୟରେ ସ୍ଥନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁଶେଖର ଗିରି, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଓ ଲୋକପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

## ପାଚେରି କାର୍ଯ୍ୟ ନିମ୍ନମାନର ଅଭିଯୋଗ

**କୁଜଙ୍ଗ, ୨୭।୧୨ (ସଂଚାର ବ୍ୟୁରୋ):** ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ମାତ୍ର ଏହି ଟଙ୍କା ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ଲଗାଯିବ ପରିବର୍ତ୍ତେ ଏହି ଟଙ୍କାକୁ ହରିଲୁଟ କରାଯାଉଛି। ଏହି ହରିଲୁଟ ରେ ପୁରୁଧା ସାଜିଛନ୍ତି ଅସାଧୁ ଯନ୍ତ୍ରୀ ଓ ଲାଭଖୋର ମନବୃତ୍ତି ରଖିଥିବା ଠିକାଦାର। ଏଭଳି



କିଛି ଦୃଶ୍ୟ ଏବେ ଦେଖିବାକୁ ମିଳିଛି କୁଜଙ୍ଗ ବ୍ଲକ ଫତେପୁର ଟେରାକୋଟା ଠାରେ ନିର୍ମାଣାଧୀନ ପାଚେରୀ କାର୍ଯ୍ୟରେ। ଏହି କାର୍ଯ୍ୟ ନିର୍ମାଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ମଞ୍ଜୁର କରିଛନ୍ତି। ହେଲେ ଏଠାରେ ଠିକାଦାର ନିଜ ମନମୁଖୀ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଅଞ୍ଚଳର ସମାଜସେବୀ ପତିତପାବନ ବରାଳ ।

ସମାଜସେବୀ ଶ୍ରୀ ବରାଳଙ୍କ ଅଭିଯୋଗ ଅନୁଯାୟୀ, ଟେରାକୋଟାଠାରେ ଏକ ପାଚେରୀ କାର୍ଯ୍ୟ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ସରକାରଙ୍କ ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ଜାରି ରହିଛି। ଏହି ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟ ୧ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟାଦେଶ ଜିଲ୍ଲା ବାହାର ଅଞ୍ଚଳର ଜଣେ ଠିକାଦାର ପାଇଥିଲେ। ହେଲେ ଠିକାଦାର ଲାଭଖୋର ମନବୃତ୍ତି ରଖି ନିଜ ମନମୁଖୀ କାର୍ଯ୍ୟ କରୁଥିବା ବେଳେ ନିର୍ମାଣ କାର୍ଯ୍ୟ

### ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ

ଅତ୍ୟନ୍ତ ନିମ୍ନମାନର କରାଯାଉଛି। କାର୍ଯ୍ୟସ୍ଥଳକୁ କୌଣସି ସରକାରୀ ଅଧିକାରୀ କିମ୍ବା ଯନ୍ତ୍ରୀ ଆସୁନାହାନ୍ତି। ସେହିପରି ଜନସାଧାରଣ ଜାଣିବା ପାଇଁ କାର୍ଯ୍ୟାଦେଶ ପାଇବା ପରେ କିମ୍ବା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନିର୍ମାଣ ସ୍ଥଳରେ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ ତଥା ସୂଚନା ଫଳକ ଲଗାଇବା ସରକାରଙ୍କ ପକ୍ଷରୁ ବାଧ୍ୟତାମୂଳକ ଅଟେ। ମାତ୍ର ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଅର୍ଥାତ୍ କାର୍ଯ୍ୟ ସରିବାକୁ ବସିଲାଣି କିନ୍ତୁ ସୂଚନା ଫଳକ ଲଗାଯାଇ ନାହିଁ।ତେବେ ଏହା ବିଭାଗର ଅପାରଗତା କି ଅବହେଳା ତାହା ଏବେ ସନ୍ଦେହ ସୃଷ୍ଟି କରିଛି।

### ନୟାଗଡ଼ ଜିଲ୍ଲା ମହୋତ୍ସବ ତୃତୀୟ ସନ୍ଧ୍ୟା

## ବିକଶିତ ଜିଲ୍ଲା ଗଠନର ପ୍ରତୀକ ନୟାଗଡ଼ ମହୋତ୍ସବ

**ନୟାଗଡ଼, ୨୭।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ, କୃଷି ଓ ପୁସ୍ତକ ମେଳା ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସୁବାସ ଚନ୍ଦ୍ର କହଁର, ସତ୍ୟଭାମା ନାୟକ, ହରିଶ୍ଚନ୍ଦ୍ର ଜାନୀ, ବସନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ସ୍ୱାଗତ ଅଭିଭାଷଣ ରଖିବା ସହ ମହୋତ୍ସବରେ ରହିଥିବା ବିଭିନ୍ନ ବିଭାଗ ଷ୍ଟଲ୍ ଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ବିକଶିତ ଜିଲ୍ଲା ଗଠନ ପ୍ରତୀକ ହେଉଛି ନୟାଗଡ଼ ମହୋତ୍ସବ ବୋଲି ଦଶପଲ୍ଲା ଏନଏସି ଅଧ୍ୟକ୍ଷା କହିଥିଲେ। ଭାଇଚାରା ପାଇଁ ମହୋତ୍ସବ ସମ୍ଭବ ହୋଇପାରୁଥିବା ଖଣ୍ଡପଡ଼ା ଅଧ୍ୟକ୍ଷା କହିଛନ୍ତି। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ମହୋତ୍ସବ ଓ ଜିଲ୍ଲା ବିଷୟରେ କମ୍ ମୁଖ୍ୟମନ୍ତ୍ରୀଙ୍କ ଗୁଣଗାନ ଅଧିକ କରିଥିଲେ।

ଆଜିର କାର୍ଯ୍ୟକ୍ରମକୁ କବି ଗୋପୀନାଥ ସେଠୀ, ଅଧ୍ୟାପିକା ସ୍ମିତା ସ୍ୱାଇଁ ସଂଯୋଜନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରୋଜୀନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ବେଶ ଉପଭୋଗ କରିଥିଲେ। ପାଇକ ନୃତ୍ୟ ଶିହରଣ ସୃଷ୍ଟି କରିଥିଲା। ଅଭିନେତା ବାବୁଶାନ୍ ମହାନ୍ତି ଶୀତୁଆ ସନ୍ଧ୍ୟାକୁ ରୋମାଞ୍ଚିତ କରିଥିଲେ। ଏହା ସହିତ ସ୍ଥାନୀୟ କଳାକାର, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା।

## ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି

**ନାଉଗାଁ, ୨୭।୧୨ (ସଂଚାର ବ୍ୟୁରୋ):** ପୂର୍ବତନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ପ୍ରବୀଣ ରାଜନୀତି ତଥା ଭାରତୀୟ ଅର୍ଥନୀତିର ମହାନାୟକ ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଡ଼ଃ. ମନମୋହନ ସିଂହଙ୍କ ଦୁଃଖଦପୂର୍ଣ୍ଣ ପରଲୋକ ହୋଇଯାଇଛି । ଶ୍ରୀ ସିଂଙ୍କ ପରଲୋକରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି । ଶ୍ରୀ ସିଂଙ୍କ ଅମରଆତ୍ମାର ସଦଗତି କାମନା କରି ନାଉଗାଁ ହାଟଠାରେ ନାଉଗାଁ ସାଂସ୍କୃତିକ ପରିଷଦ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଶ୍ରୀ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା



ସହିତ ଦୁଇ ମିନିଟ୍ ନୀରବ ପାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଛି। ଦେଶ ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ହରାଇଲା ଏବଂ ଦେଶ ପାଇଁ ତାଙ୍କ ଅବଦାନ ଚିରଦିନ ସ୍ମରଣୀୟ ହୋଇ ରହିବ ବୋଲି ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ନାଉଗାଁ ସାଂସ୍କୃତିକ ପରିଷଦର ସଂପାଦକ ସରୋଜ କୁମାର ନାୟକ, ନିରଞ୍ଜନ ମହାନ୍ତି, ପୂର୍ବତନ ନାଉଗାଁ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ, ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପରିଡ଼ା, ଓଷ୍ଟା ନାଉଗାଁ ସଭାପତି ସୁକାନ୍ତ ଲେଙ୍କା, ନାଉଗାଁ ସମ୍ବାଦ ସାହିତ୍ୟଘର ସମ୍ପାଦକ ତ୍ରିଲୋଚନ ପାଢ଼ୀ, ବରିଷ୍ଠ ନାଗରିକ ଭାଗ୍ୟଧର ବେହେରା, ଶିକ୍ଷକ ଅକ୍ଷୟ କୁମାର ରାଉତ ଆଦି ଯୋଗଦାନ କରିଥିଲେ ।

## ଆଇଆଇଟି ସମାବର୍ତ୍ତନ ଉତ୍ସବରେ ଯୋଗଦେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

**ଖୋର୍ଦ୍ଧା, ୨୭।୧୨ (ସଂଚାର ବ୍ୟୁରୋ):** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଦ୍ୱାଦଶ ଓ ତ୍ରୟୋଦଶ ସମାବର୍ତ୍ତନ ଉତ୍ସବ ୨୦୨୪ ଡିସେମ୍ବର ୨୮ ତାରିଖରେ ପାଳିତ ହେବାକୁ ଯାଉଛି। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ଏକ ପ୍ରାକ୍ କାର୍ଯ୍ୟକ୍ରମ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ମାନନୀୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାବର୍ତନ ଉତ୍ସବରେ ଅଭିଭାଷଣ ଦେବେ। ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କୁମାର ସୁଦ ,ଆଣବିକ ଶକ୍ତି ଆୟୋଗର ଅଧ୍ୟକ୍ଷ ତଥା ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗର ସଚିବ ଡ. ଅଜିତ କୁମାର ମହାନ୍ତି ଏବଂ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ସଚିବ ପ୍ରଫେସର ଅଭୟ କରନ୍ଦିକର ସମ୍ମାନିତ ଅତିଥି ଭାବେ ଯୋଗଦେବେ।

ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ (ବିଓଜି)ର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ସିଂହ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିବେ।




ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ସମାବର୍ତ୍ତନ ରିପୋର୍ଟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏହି ସମାବର୍ତନ ସମାରୋହରେ ଅନୁଷ୍ଠାନ ପକ୍ଷରୁ ୨୦୨୨-୨୩ ଓ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ୧୩୮୮ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮% ପିଏଚଡି, ୧୯% ଏମ ଟେକ୍, ୧୪% ଏମ୍ ଏସସି, ୧୪% ଡୁଆଲ ଡିଗ୍ରୀ (ବିଟେକ୍ ଓ ଏମ୍.ଟେକ୍) ଏବଂ ୪୫% ହେଉଛନ୍ତି ବିଟେକ୍ ଛାତ୍ରଛାତ୍ରୀ। ସମାବର୍ତନ ଉତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ସାମ୍ବାଦିକ ସ୍ୱାଦିକ ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି। ଏହା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ, ଅଧ୍ୟାପକ ଓ କର୍ମଚାରୀ ଏବଂ ଅନୁଷ୍ଠାନ ଅନୁଷ୍ଠାନର ପ୍ରଶାସନ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ସେ କହିଛନ୍ତି। ଶିକ୍ଷାନୁଷ୍ଠାନ, ଗବେଷଣା ଓ ଉଦ୍ୟୋଗରେ ଶ୍ରେଷ୍ଠତା ହାସଲ କରିବା ପାଇଁ ଏହି ଏ ଅନୁଷ୍ଠାନ ପ୍ରୟାସ କରୁଛି । ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ଆମ ଦେଶର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପାଇଁ ତିନିଜଣ ଶୀର୍ଷ ନୀତି ନିର୍ମାତା ଏହି ଅବସରରେ ଯୋଗ ଦେଇ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାକୁ ଆସୁଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ -ଅଣ୍ଡର ଗ୍ରାଜୁଏଟ୍ ପ୍ରୋଗ୍ରାମ୍ ପ୍ରଫେସର ଶାନ୍ତନୁ ପାଲ ; ପିଜି ଓ ରିସର୍ଚ୍ଚ ପ୍ରୋଗ୍ରାମର ଡିନ ଡିନ୍ ପ୍ରଫେସର ଚନ୍ଦ୍ରଶେଖର ଏନ୍ ଭେଣ୍ଟେ, ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ।

## ବିଶ୍ୱାଳିରେ ଶିରିଡ଼ି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା

**କୁଜଙ୍ଗ, ୨୭।୧୨ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବିଶ୍ୱାଳି ପଞ୍ଚାୟତ ଠାରେ ୧୧ତମ ଶିରିଡି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ବାବାଙ୍କ ପାଲିଙ୍କି ଯାତ୍ରା ବେଶ୍ ଧୁମ୍ ଧୁମ୍ଧାମରେ ଅନୁଷ୍ଠିତ ହୋଇଯାଇଛି। କୋଲଡ଼ିଆ ଗ୍ରାମ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ପାଲିଙ୍କି ଶୋଭାଯାତ୍ରା ବିଶ୍ୱାଳି ଓ କୋଲଡ଼ିଆ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ସାଇ ବାବାଙ୍କ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟା ଟିମ୍ ବାବାଙ୍କ ଗୀତ ପରିବେଷଣ କରିଥିଲେ। ପ୍ରତିବର୍ଷ ଭଳି ଏଥର ମଧ୍ୟ ବିଶ୍ୱାଳି ପଞ୍ଚାୟତର ମେଧାବୀ ଛାତ୍ରଛାତ୍ରୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୈଳବାଳା ବେହେରା, ଶୁଭଦ୍ରା ସାମଲ, ବନ୍ଦନା ପରିଡ଼ା , ଭାସ୍କର ପରିଡ଼ା, ଶିଶିର ବେହେରା, ସଂଗ୍ରାମ ଚୌଧୁରୀ, ରାଜେଶ ବେହେରା, ଚନ୍ଦନ ସାମଲ, ସାମଲ, ତାପସ ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

## ତାରିଣୀ ଶିକ୍ଷାନୁଷ୍ଠାନସମୂହର ବାର୍ଷିକ ଉତ୍ସବ

**ମାର୍ଶାଘାଇ, ୨୭।୧୨ (ସଂଚାର ବ୍ୟୁରୋ) :** ମାର୍ଶାଘାଇ ବ୍ଲକ ହଳଦିଆଗଡ଼ା ନିକଟରେ ଥିବା ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ତାରିଣୀ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ନବୀନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପାରାଦ୍ୱୀପ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା କମିଟି ଚେୟାରମ୍ୟାନ ଶ୍ରୀବତ୍ସ ପଣ୍ଡା, ଠାକୁର ନିଗମାନନ୍ଦ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅମରେନ୍ଦ୍ର ପତି, ଅନ୍ତେଇ ବିଜୁ ପଟ୍ଟନାୟକ କଲେଜର ଅଧ୍ୟକ୍ଷ ବିଶ୍ୱଜିତ ତ୍ରିପାଠୀ ଯୋଗଦେଇଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅଧ୍ୟାପକ ଉମାକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ଉମାକାନ୍ତ ମହାନ୍ତି, ଶ୍ୟାମସୁନ୍ଦର ଦଳାଇ, ସୁଧାକର ପରିଡା, ପ୍ରଦୀପ ସାମନ୍ତରାୟ, ପାବନୀ କୁମାର ରାଉତ, ଦିଲ୍ଲୀପ କୁମାର ମଲ୍ଲ, ଅଶୋକ ମାଝୀଙ୍କ ସମେତ ୭ଜଣ ଶିକ୍ଷାବିତ ଏବଂ ମାଟ୍ରିକ ଟପ୍ପର ଛାତ୍ରୀ ଅଙ୍କିତା ମହାପାତ୍ର, ଯୁକ୍ତ ଦୁଇ ଟପ୍ପର ଆଦର୍ଶ କୁମାର ସ୍ୱାଇଁ, ଛାତ୍ର ଉଦୟପ୍ରସାଦ ସ୍ୱାଇଁଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ପତ୍ରିକା 'ଅରୁଣିମା' ଉନ୍ମୋଚିତ ହୋଇଥିବା ବେଳେ ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଚଉଷଠୀ ଯୋଗିନୀ ମହୋତ୍ସବର ଦ୍ୱିତୀୟ ସଂଧ୍ୟା

## ମନମୋହିଲା ଗୋଟିପୁଅ ନୃତ୍ୟ



**ବାଲିଅନ୍ତା, ୨୭।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ହୀରାପୁର ଗ୍ରାମ୍ୟ କମିଟି ଏବଂ ଟ୍ରଷ୍ଟବୋର୍ଡ଼ ମିଳିତ ସହଯୋଗରେ ଚାଲିଥିବା ଅଷ୍ଟାଦଶ ଚଉଷଠୀ ଯୋଗିନୀ ମହୋତ୍ସବର ଆଜି ଥିଲା ଦ୍ୱିତୀୟ ସଂଧ୍ୟା । କଳାହାଣ୍ଡିର ଘୁମୁରା ଲୋକନୃତ୍ୟ, ପରେ ପୁରୀ ନାଚଘର ଅନୁଷ୍ଠାନର କଳାକାରମାନେ ଦଳଗତ ଦେବଦାଶୀ ପରିବେଷଣ କରିଥିଲେ। ତୃତୀୟ ପ୍ରସ୍ତୁତିରେ ଭୁବନେଶ୍ୱର ଆରାଧନା ନୃତ୍ୟ ଅନୁଷ୍ଠାନର ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା ପଞ୍ଚଦେବସ୍ତୁତି, ଦେଖଗୋ ରାଧାମାଧବ ଚାଲି ଏବଂ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ସାହୁ, ବିଜେଡ଼ି ସଭାପତି ପ୍ରଦୀପ୍ତ ଜେନାମଣି, ବାଲିପାଟଣା ସଭାପତି କିଶୋର ଜେନା, ବିଜୟ କୁମାର ମୁଦୁଲି, ଜିଲ୍ଲାପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ମାନସ କୁମାର ନାୟକ, ସମାଜସେବୀ ଦିଲ୍ଲୀପ କୁମାର ମାର୍ଥା, ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ କମିଟି ରବିନ୍ଦ୍ର କୁମାର ନାୟକ ଏବଂ ସଂପାଦକ କାଳୁଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉନ୍ନୀତକୁ ଅପେକ୍ଷା କରିଛି ଭୂତପଦା-ଅପସର ପ୍ରାଥମିକ ବିଦ୍ୟାଳୟ

**ହାଟଡିହୀ, ୨୭।୧୨ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଇଞ୍ଚୋଳ ପଞ୍ଚାୟତର ଭୂତପଦା-ଅପସରର କେନ୍ଦ୍ର ସ୍ଥଳରେ ଥିବା ପ୍ରାଥମିକ ବିଦ୍ୟାଳୟଟିକୁ ଉନ୍ନୀତ କରିବା ନିମନ୍ତେ ବିଭିନ୍ନ ମହଲରେ ସ୍ୱର ଉତ୍ତୋଳନ ହେଲାଣି । ସୂଚନାଯୋଗ୍ୟ ୧୯୯୦ ଦଶକରେ ଉଚ୍ଚ ପ୍ରାଥମିକ ଶିକ୍ଷାକୁ ଅପହଞ୍ଚ ଇଲାକାରେ ପହଞ୍ଚାଇବା ନିମନ୍ତେ ଇଞ୍ଚୋଳର




ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ନୃସିଂହ ଚରଣ ପଣ୍ଡା ପ୍ରତ୍ୟେକ୍ଷ ପରିଚାଳନା ଓ ଗ୍ରାମବାସୀଙ୍କ ସହଯୋଗରେ ସେତେବେଳେ ଶଶି ହେମ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ବିଦ୍ୟାଳୟଟି ପର୍ଯ୍ୟାୟକ୍ରମେ ସରକାରୀ ଅନୁଦାନ ଲାଭ କରି ୨୦୨୩ ମସିହା ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ସହ ଗୋଟିଏ ପରିସର ମଧ୍ୟରେ ଚାଲିଆସିଥିଲା। ୨୦୨୩ ଜୁନ୍ ୩୦ରେ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା ଅବସର ଗ୍ରହଣ କରିବା ପରେ ବିଦ୍ୟାଳୟଟି ବନ୍ଦ ହୋଇଯାଇଥିଲା।

ତତ୍କାଳୀନ ପରିଚାଳନା ସମିତି, ଗ୍ରାମବାସୀମାନଙ୍କ ମିଳିତ ସହାୟତାରେ ବିଦ୍ୟାଳୟଟିକୁ ମିଶ୍ରଣ କରି ଉନ୍ନୀତ କରିବା ପାଇଁ ଶିକ୍ଷା ବିଭାଗର ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ପ୍ରାକ୍ତନ ସରକାର ବିଦ୍ୟାଳୟଟିକୁ ବନ୍ଦ କରିଦେଇଥିଲେ । ଯାହା ଫଳରେ କୋମଳମତି ଶିଶୁମାନେ ୩ କିମି ଦୂର ଅତିକ୍ରମ କରି ଅନ୍ୟ ଗାଁରେ ଥିବା ବିଦ୍ୟାଳୟକୁ ଯାଇପାରୁନାହାଁନ୍ତି। ଏଭଳି ସମସ୍ୟା ସକାଶେ ଅନେକ ପିଲାମାନଙ୍କର ପାଠ ପଢ଼ାରେ ଡୋରି ବନ୍ଧା ହୋଇଯିବାର ଦେଖାଗଲାଣି । ନିକଟରେ ସରକାର ନୂଆରମ୍ଭାସ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରିଥିବା ବେଳେ ଭୂତପଦା-ଅପସର ପ୍ରାଥମିକ ବିଦ୍ୟାଳୟକୁ ସମାନ ଢଙ୍ଗରେ ପ୍ରାଥମିକରୁ ଉଚ୍ଚ ପ୍ରାଥମିକକୁ ଉନ୍ନୀତ କରିବା ପାଇଁ ଭୂତପଦା-ଅପସର ଓ ପରମାନନ୍ଦପୁର ଗ୍ରାମର ଗ୍ରାମବାସୀ, ବୁଦ୍ଧିଜୀବୀ ଓ ଅଭିଭାବକମାନେ ଅନୁରୋଧ କରିବା ସହ ଏ ସଂକ୍ରାନ୍ତରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ମନ୍ତ୍ରୀ, ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବାକୁ ସର୍ବସାଧାରଣରେ ଦାବି କରିଛନ୍ତି ।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୨୫ ପାଇଁ ପ୍ରସ୍ତୁତି ବୈଠକ

**ଜଗତସିଂହପୁର/ପାରାଦ୍ୱୀପ, ୨୭।୧୨ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ସର୍କିଟ ହାଉସ ସଭାଗୃହରେ ଜଗତସିଂହପୁର ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ପାରାଦୀପ ସର୍କିଟ ହାଉସ ଠାରେ ରୋଡ଼ସେଫଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଂଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଜାତୀୟ ରୋଡ଼ ସେଫଟି ସପ୍ତାହ ବିଷୟରେ ଜିଲା ସ୍ତରୀୟ କାର୍ଯ୍ୟକ୍ରମକୁ ଏନଫୋର୍ସମେଣ୍ଟ ଇଞ୍ଜିନିୟରିଂ, ଜରୁରୀ ଚିକିତ୍ସା ଏବଂ ଦୁର୍ଘଟଣା ବିଲୁପ୍ତ ଶିକ୍ଷା ବିଷୟରେ ବିସ୍ତୃତ ଭାବରେ ଉତଥାପନ କରିଥିଲେ।



ଅତିରିକ୍ତ ଜିଲାପାଳ ଶ୍ରୀ ବେହେରା ଦୁର୍ଘଟଣା ସମୟରେ ତୁରନ୍ତ ପ୍ରତିକାର ସହ ସମସ୍ତ ଆମ୍ବୁଲାନ୍ସ କିପରି ସଠିକ୍ ସମୟରେ ସହଯୋଗ କରିପାରିବେ, ସେଥିପ୍ରତି ଅତିରିକ୍ତ ଅଧ୍ୟକ୍ଷ ପୋଲିସ କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହିବେ, ସଂପ୍ରତି ଉକ୍ତ କାର୍ଯ୍ୟକୁ କିପରି ରୂପାୟନ ହୋଇପାରିବ ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଆଲୋଚନା ସହ ଦୁର୍ଘଟଣାର କାରଣ ଏବଂ ତାର ପ୍ରତିକାର ବିଷୟରେ ଆଲୋକପାତ କରିଥିଲେ। ତତ୍‌ସହିତ ଆସନ୍ତା ୨୦୨୫ ବର୍ଷ ଜାନୁଆରୀ ୧ ତାରିଖରୁ ସାତ ତାରିଖ ପର୍ଯ୍ୟନ୍ତ ଜିଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ପିକନିକ୍ ସ୍ଥାନରେ ଏବଂ ଧର୍ମ ପିଠରେ ଦୁର୍ଘଟଣା ସଚେତନତା ବ୍ୟାନର ଲାଗିବା, ସଚେତନତା ରଥ ବୁଲିବା, ସ୍କୁଲ ଏବଂ କଲେଜ ପିଲାଙ୍କୁ ସଚେତନ କରିବା ସହ ସେମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା, କୁଇଜ୍, ସ୍ଲୋଗାନ ଏବଂ ରୋଡ଼ ସେଫ୍ଟି ସଂକ୍ରାନ୍ତିୟ ପେଣ୍ଟିଂ ସହ ଉକ୍ତ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

ଏଥିରେ ଅତିରିକ୍ତ ପୋଲିସ ଅଧିକ୍ଷକ ସ୍ମୃତି ରଞ୍ଜନ କର ଜାତୀୟ ରୋଡ଼ ସେଫଟି ସପ୍ତାହରେ ସମସ୍ତଙ୍କ ସହଯୋଗରେ କିପରି ଦୁର୍ଘଟଣା ଶୂନ୍ୟ ଜିଲ୍ଲା ଭାବରେ ଜିଲ୍ଲାକୁ ପରିଗଣିତ କରିହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ପାରାଦୀପ ମୁନିସପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଉପସ୍ଥିତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ପାରାଦ୍ୱୀପ ମେଡିକାଲ ଅଧିକାରୀ ଡଃ ବସନ୍ତ କୁମାର ରାଉତ , ଅଏଲ ରିଫାଇନ ଅଧିକାରୀ , ଓ୍ୱିଫିକୋ ଅଧିକାରୀ, ସମସ୍ତ ମୋଟର ଯାନ ଆସୋସିଏସନ କର୍ମକର୍ତ୍ତା, ଜେ .ଏସ. ଡବ୍ଲୁ ଅଧିକାରୀ, ବିପିସିଏଲ ଅଧିକାରୀ,ଏଚପିସିଏଲ ଅଧିକାରୀ, ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ମଦର ଟେରେସା ଫାଉଣ୍ଡେସନର ରାଜ୍ୟ ଅଧ୍ୟକ୍ଷ ତଥା ସମାଜସେବୀ ଡଃ ସୁନାକର ବେହେରା ଓ ଆହ୍ୱାନ ଫାଉଣ୍ଡେସନର କର୍ମକର୍ତ୍ତା, ମାନବ ଅଧିକାର କର୍ମକର୍ତ୍ତା ଏବଂ ସାମ୍ବାଦିକ ମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ସହ କିପରି ସଡକ ସୁରକ୍ଷା ସପ୍ତାହ ସୂଚାରୁ ରୂପେ ପାଳନ ହେବ ସେଥିପାଇଁ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

# ୩ ବର୍ଷରେ ଲୋକେ ଅନ୍ୟ ଦଳଙ୍କୁ ଭୁଲିଯିବେ



ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ): ପ୍ରଶାସନକୁ ଅଧିକ କ୍ରିୟାଶୀଳ କରି ବିକାଶ କାର୍ଯ୍ୟକୁ ଆଗେଇ ନେବା ଏବଂ ଲୋକଙ୍କ ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ମନ୍ତ୍ରୀମାନଙ୍କୁ ୩୦ ଜିଲାର ଦାୟିତ୍ୱ ବଣ୍ଟନ କରାଯାଇଛି। ମନ୍ତ୍ରୀଙ୍କୁ ଜିଲା ଦାୟିତ୍ୱ ମିଳିବା ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ବିରୋଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀଙ୍କୁ ଜିଲା ଦାୟିତ୍ୱ ମିଳିବା ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଏବଂ କ୍ରିୟାନ୍ୱୟନ ହେବ। ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରାଯିବ। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯିବ। ଫଳରେ ଉତ୍ତମ ଶାସନ ବ୍ୟବସ୍ଥା ପ୍ରଚଳନ ହେବ। ସରକାରଙ୍କ ଦିଶା କ'ଣ, ଉଦ୍ଦେଶ୍ୟ କ'ଣ ବିରୋଧୀ ଦେଖିବାକୁ ପାଇବେ। ୫ ବର୍ଷ ନୁହେଁ, ୩ ବର୍ଷରେ ଲୋକେ ଅନ୍ୟ ରାଜନୈତିକ ଦଳକୁ ଭୁଲିଯିବେ ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

### ଦକ୍ଷତା ଓ ସହାୟକ ଅଭିବୃଦ୍ଧି କାର୍ଯ୍ୟକ୍ରମର ସମୀକ୍ଷା

# ଆସିବ ଷ୍ଟେଟ୍ ଡାଟା ପଲିସି

ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଦକ୍ଷତା ଓ ସହାୟକ ଅଭିବୃଦ୍ଧି ନୀତି (ଓଏସ୍‌ସିଆର୍‌ଜିପି) କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଉଚ୍ଚସ୍ତରୀୟ ପରିଚାଳନା କମିଟିର ଦ୍ୱିତୀୟ ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ଏହି ପ୍ରକଳ୍ପ ଅଧୀନରେ କରାଯାଉଥିବା କାର୍ଯ୍ୟ ସଂପର୍କରେ ବୈଠକରେ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା। ଏହା ଅଧୀନରେ ରାଜ୍ୟରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ତଥ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅଧିନସ୍ଥ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର ଦ୍ୱାରା ଅଦ୍ୟତନ କରାଯାଉଛି। ଫଳରେ ରାଜ୍ୟରେ ଏ କ୍ଷେତ୍ରରେ ସୁଦୃଢ଼ ଗ୍ରହଣୀୟ ବ୍ୟବସ୍ଥା ପୂର୍ବକ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସେବା ପ୍ରଦାନକୁ ନିଶ୍ଚିତ କରିବ। ସେହିପରି ଏହି ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟ ପାଇଁ ଉନ୍ନତ ଯୋଜନା ଏବଂ ନିରନ୍ତର ବିକାଶ ନିମନ୍ତେ ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ନିମନ୍ତେ କାର୍ଯ୍ୟ ଜାରି ରହିଛି। ଆହୁରି ମଧ୍ୟ ଏହି ପ୍ରକଳ୍ପ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରି କ୍ଷୟକ୍ଷତି ହ୍ରାସ କରିବା ପାଇଁ ଆଗୁଆ ସତର୍କ ସୂଚନା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

ବିଶ୍ୱ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ନୋଡାଲ ବିଭାଗ ରହିଛନ୍ତି । ଜୁଲାଇ ୨୦୨୩ ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ସମୟସୀମା ୨୦୨୮ ଏପ୍ରିଲ ପର୍ଯ୍ୟନ୍ତ ରହିଛି। ୧୧୮୩ କୋଟି ଟଙ୍କା ଅଟକଳରେ ଏହି ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ପାଣ୍ଠି ୩୮୭ କୋଟି ଟଙ୍କା ରହିଛି ।

କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗର୍ଗ କହିଥିଲେ, ଜନସାଧାରଣଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ଏବଂ ତାହାକୁ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ସଠିକ୍ ତଥ୍ୟ(ଡାଟା)ର ନିତାନ୍ତ ଆବଶ୍ୟକତା ରହିଥାଏ । ବିଭିନ୍ନ ବିଭାଗମାନଙ୍କ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ଭିନ୍ନ ଭିନ୍ନ ଉପାୟରେ ତଥ୍ୟ ସଂଗ୍ରହ କରାଯାଉଥିବା ବେଳେ ସମସ୍ତ ତଥ୍ୟକୁ ସମନ୍ୱିତ କରାଯିବାର ଆବଶ୍ୟକତା ରହିଛି। ଯାହାକି ଏହି ପ୍ରକଳ୍ପ ଜରିଆରେ ହୋଇପାରିବ। ରାଜ୍ୟ ସରକାର ଆଗାମୀ ଦିନରେ ରାଜ୍ୟ ତଥ୍ୟ ନୀତି ( ଷ୍ଟେଟ୍ ଡାଟା ପଲିସି) ଆଣିବାକୁ ଯାଉଛନ୍ତି । ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ କେଉଁ କ୍ଷେତ୍ରରେ କେତେ କାର୍ଯ୍ୟ ଅଗ୍ରଗତି ହେବା କଥା, କେତେ କାମ ହୋଇଛି ଓ କାମର ମାନ ଦଣ୍ଡ କିପରି ହେବା କଥା ସେ ସଂପର୍କରେ ଉନ୍ନୟନ କମିଶନର ସମୀକ୍ଷା କରିଛନ୍ତି।

ବୈଠକରେ ପରିଚାଳନା କମିଟିର ସଦସ୍ୟ ଥିବା ଅର୍ଥ ବିଭାଗ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଯୋଜନା ଓ ସଂଯୋଜନ ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓସଡମା ଏବଂ ସଂପୃକ୍ତ ଅନ୍ୟ ବିଭାଗର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ନିକଟରେ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ଓଡ଼ିଆ ଝିଅ କୁମାରୀ ପ୍ରୀତିସ୍ମିତା ଭୋଇ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ତାଙ୍କ ମେଡାଲ ଓ ମାନପତ୍ର ଦେଖାଉଛନ୍ତି ।

# ବଢ଼ିଲା ମୁଖ୍ୟ ସଚିବଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ବଢ଼ାଇଛନ୍ତି। ତାଙ୍କ କାର୍ଯ୍ୟକାଳକୁ ଆଉ ବର୍ଷେ ବଢ଼ାଇ ଦେଇଛନ୍ତି। ଫଳରେ ୨୦୨୬ ଜାନୁଆରୀ ୧ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ। ଆସନ୍ତା ୩୧ ତାରିଖରେ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ସରୁଥିଲା। ବିଜେପି ସରକାର ଗଠନ ପରେ ଜୁନ ୩୦ରେ ସରିଥିଲା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ। ସେତେବେଳେ ଡେପୁଟେସନରୁ ଆସି ମୁଖ୍ୟ ସଚିବ ପଦରେ ବସିଥିଲେ ୧୯୯୦ ବ୍ୟାଚର ଆଇଏଏସ୍ ଅଫିସର ମନୋଜ ଆହୁଜା। ମାତ୍ର ୬ ମାସ ଭିତରେ ନୂଆ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ସେ ସଫଳ ହୋଇଛନ୍ତି। ବିଶେଷକରି ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ବଡ଼ ଭୂମିକା ନିଭାଇଛନ୍ତି।

## ଜେଲଗଲେ ଏଆର୍‌ଆଇ



ବୋରିଗୁମ୍ମା, ୨୭।୧୨ (ସଂଚାର ବ୍ୟୁରୋ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ କୁମୁଲି ସର୍କଲ ଏଆର୍‌ଆଇ ସୁରେନ୍ଦ୍ର କୁମାର ତନ୍ତିଙ୍କୁ ଗିରଫ କରିଛି ଭିଜିଲାନ୍ସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁରେନ୍ଦ୍ର କୁମାରଙ୍କ ଘର ସମେତ ୮ଟି ସ୍ଥାନରେ ଗୁରୁବାର ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କର ୧୭ ପ୍ଲଟ୍ ସହ ଗୋଟିଏ ୩ ତାଲା କୋଠା, ୮୪ ଲକ୍ଷ ଡିପୋଜିଟ୍ ଓ ୧୫୦ ଗ୍ରାମ ସୁନା ଭିଜିଲାନ୍ସ ଜବତ କରିଥିଲା। ଏଥିସହ ଏଆର୍‌ଆଇଙ୍କ ଘରୁ ୧ ଲକ୍ଷ ୫୫ ହଜାର ଟଙ୍କା ଓ ୩ଟି ୪ ଚକିଆ ଯାନ ଭିଜିଲାନ୍ସ ଜବତ କରିଥିଲା। ସେ ଠୁଳ କରିଥିବା ସମ୍ପତ୍ତି ବାବଦରେ ଭିଜିଲାନ୍ସ ତାଙ୍କୁ ପଚରାଉଚରା କରିଥିଲେ। ହେଲେ ସେ ସମସ୍ତ ସମ୍ପତ୍ତି ବିଷୟରେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଆଜି ତାଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ୧୧କେଭି ଲାଗି ବିଲରେ ଜଳିଗଲେ ଚାଷୀ

ଭଦ୍ରକ,୨୭।୧୨(ସଂଚାର ବ୍ୟୁରୋ): ଅଦିନିଆ ବର୍ଷାରେ ଧାନ ପାଣିରେ ଭାସୁଥିବା ବେଳେ ଭଦ୍ରକ ଜିଲ୍ଲାରୁ ଏ ଦୁଃଖଦ ଖବର ଆସିଛି। ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବିଲ ମଝିରେ ଜଳିଯାଇଛନ୍ତି ଜଣେ ଚାଷୀ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନଏସି ବାଲିଗାଁ ନରସିଂହପୁର ଗାଁ ୧୨ ନମ୍ବର ୱାର୍ଡରେ ପ୍ରମୋଦ ଦାସ ବିଲରେ ଜଳି ଯାଇଛନ୍ତି। ପ୍ରମୋଦଙ୍କ ବିଲ ଦେଇ ୧୧ କେଭି ତାର ଯାଇଥିଲା। ଆଜି ସକାଳେ ପ୍ରମୋଦ ବିଲକୁ ଯାଇଥିବା ବେଳେ ସେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଳିଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରମୋଦଙ୍କ ମୃତ୍ୟୁ ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ବିଦ୍ୟୁତ୍ ବିଭାଗର ଖାମ ଖିଆଲି ନୀତି ପାଇଁ ପ୍ରମୋଦଙ୍କ ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ ଚାଷୀଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବାକୁ ଦାବି କରି ଇଲେକ୍ଟ୍ରି ଅଫିସ ସମ୍ମୁଖ ଗ୍ରାମବାସୀ ପ୍ରତିବାଦ କରିଛନ୍ତି।

● ଅଦିନିଆ ବର୍ଷା ଯୋଗୁଁ ଫସଲହାନି

## ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ଚାଷୀନେତା



କେନ୍ଦ୍ରାପଡ଼ା,୨୭।୧୨(ସଂଚାର ବ୍ୟୁରୋ): ଲଘୁଚାପଜନିତ ଅଦିନିଆ ବର୍ଷାଯୋଗୁଁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ୟାପକ ଫସଲହାନି କ୍ଷତି ଘଟିଛି। ଡେରାବିଶ ବ୍ଲକରେ ଧାନଫସଲ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ତରବରରେ କିଛି କାଟି ନେଇଥିବା ବେଳେ ବହୁ ଧାନ କଚଡ଼ା ପାଣିରେ ବୁଡ଼ି ସେଥିରୁ ଗଜା ବାହାରିଲାଣି। ଡେରାବିଶ ବ୍ଲକର ସନ୍ଧପୁରାର ଭାବଗ୍ରାହୀ ମଲିକ ନିଜର ଏକ ଏକର ସହିତ ୬ ଏକର ଜମି ଭାଗକୁ ଆଣି ଧାନ ଚାଷ କରିଥିଲେ। ଏଥିପାଇଁ ସେ ବହୁ ଟଙ୍କା ଧାର କରଜ କରିଥିଲେ। ଚଳିତବର୍ଷ ମଧ୍ୟ ଭଲ ଧାନ ହୋଇଥିଲା। କିନ୍ତୁ ଅଦିନିଆ ବର୍ଷା ଯୋଗୁ ତାଙ୍କ ୭ ଏକର ଜମିର ସୁନା ଫସଲ ଉଜୁଡି ଗଲା। ଫଳରେ ଧାର କରଜ କିପରି ଶୁଝିବେ ଓ ପରିବାର ବର୍ଷସାରା କିଭଳି ଚଳିବେ ଏହି ଚିନ୍ତାରେ ହୃଦ୍‌ଘାତର ଶିକାର ହୋଇ ପ୍ରାଣ ହରାଇଲେ। ମୃତ୍ୟୁ ଖବର ପାଇ ଶୁକ୍ରବାର ସକାଳେ କୃଷକ ବିକାଶ ସମବାୟ ସମିତି ସଭାପତି ପ୍ରମୋଦ ସାହୁ, ନିର୍ଦ୍ଦେଶକ ମହେଶ୍ୱର ଜେନା, ଜଣାଶୁଣା ଚାଷୀ ବସନ୍ତ ଦାସ ପ୍ରମୁଖ ତାଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସଙ୍ଗେ ସଂଗେ କୃଷି ଓ ରାଜସ୍ୱ ବିଭାଗର ନିଷ୍କ୍ରୀୟତାକୁ ତୀବ୍ର ସମାଲୋଚନା କରିଛନ୍ତି। ତୁରନ୍ତ ମୃତ ଭାବଗ୍ରାହୀଙ୍କ ପରିବାରକୁ ଫସଲହାନିର କ୍ଷତିପୂରଣ ସହ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବା ପାଇଁ ଶ୍ରୀ ସାହୁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ଚଳନ୍ତା ଟ୍ରେନରୁ ଖସି ପଡ଼ିଲେ ମାଆ ପୁଅ

ଢେଙ୍କାନାଳ, ୨୭।୧୨ (ସଂଚାର ବ୍ୟୁରୋ): ଚଳନ୍ତା ଟ୍ରେନରୁ ଖସି ପଡ଼ିଲେ ମାଆ ଓ ୧୨ ବର୍ଷର ପୁଅ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଢେଙ୍କାନାଳ ନିକଟସ୍ଥ ଦାଣ୍ଡିମାଳ ଷ୍ଟେସନରେ ଏହି ଅଘଟଣ ଘଟିଛି। ଆହତ ମା' ପୁଅ ହେଲେ ଭଗବତୀ ଦେହୁରୀ ଓ ରୁଦ୍ର ନାରାୟଣ ଦେହୁରୀ। ଶୁକ୍ରବାର ସକାଳେ ମା'ପୁଅ ପାସେଞ୍ଜର ଟ୍ରେନ ବଦଳରେ ଭୁଲରେ ପୁରୀ ଦୁର୍ଗ ଏକ୍ସପ୍ରେସରେ ଚଢ଼ି ଯାଇଥିଲେ। ଢେଙ୍କାନାଳ ନିକଟସ୍ଥ ଦାଣ୍ଡିମାଳ ଷ୍ଟେସନରେ ସେମାନଙ୍କର ଓହ୍ଲାଇବାର ଥିଲା। କିନ୍ତୁ ଏକ୍ସପ୍ରେସ ଟ୍ରେନ ହୋଇଥିବାରୁ ସେଠାରେ ଅଟକି ନ ଥିଲା। ଟ୍ରେନ ନ ଅଟକିବାରୁ ମା'ପୁଅ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। ପୁଅର ଗୋଡ ବଗିର ଡୋର ନିକଟରେ ଖସି ଯାଇଥିଲା। ପୁଅକୁ ଧରିବାକୁ ଯାଇ ମାଆ ମଧ୍ୟ ଖସି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମା'ପୁଅଙ୍କ ଅବସ୍ଥା ଗୁରୁତର ରହିଛି।

## ତାଳି ପକାଇ ସମାଧାନ ହେଲା ବିଜେଡି କଳି



ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ): କାଲି ଶଙ୍ଖ କଳି ପରେ ଆଜି କୋଳାକୋଳି ହୋଇଛନ୍ତି ବିଜେଡି ନେତ୍ରୀ ଇପ୍ସିତା ସାହୁ ଓ ପୁଷ୍ପାଞ୍ଜଳୀ ରଣା। ଶଙ୍ଖ ଭବନରେ ଦୁଇ ବିଜେଡି ନେତ୍ରୀଙ୍କ ମଧ୍ୟରେ ମାରପିଟ ଘଟଣାରେ ବଡ ନେତାମାନେ ପକାଇଛନ୍ତି ପୂର୍ଣ୍ଣଚ୍ଛେଦ। ଉଭୟ ନେତ୍ରୀଙ୍କୁ ବୁଝାସୁଝା କରିବା ସହ ମନୋମାଳିନ୍ୟ ଦୂର କରିବାକୁ ଚେଷ୍ଟା କରାଯାଇଛି। ଫଳରେ ଆଜି ସନ୍ଧ୍ୟାରେ ଇପ୍ସିତା ଓ ପୁଷ୍ପାଞ୍ଜଳୀଙ୍କ ସହ ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ ଏବଂ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଘର କଳି ଘରେ ସମାଧାନ ହୋଇଥିବା କହିଛନ୍ତି। ଶଙ୍ଖଭବନରେ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବାରୁ କ୍ଷମା ମାଗିଛନ୍ତି ଇପସିତା। ଉଭୟ ପୁଷ୍ପାଞ୍ଜଳି ଓ ଇପସିତା ଗଣମାଧ୍ୟମ ସାମ୍ନାକୁ ଆସି ଶଙ୍ଖଭବନରେ ହୋଇଥିବା ଘଟଣା ବାବଦରେ ମୁହଁ ଖୋଲିଛନ୍ତି। ପୁଷ୍ପାଞ୍ଜଳି କହିଛନ୍ତି, ଆମ ଭିତରେ କିଛି ମନାନ୍ତର ନାହିଁ। ମୁଁ ଇପସିତାକୁ ସ୍ନେହ ଦେବି, ସେ ମଧ୍ୟ ମୋତେ ବଡଭଉଣୀ ଭାବେ ସମ୍ମାନ ଦେବେ। ଅନ୍ୟପଟେ ଇପସିତା କହିଛନ୍ତି, ପୁଷ୍ପା ଅପା ମୋ ବଡ ଭଉଣୀ । ଗତ କାଲି ଗୋଟାଏ କ୍ଲିପ୍ ଭାଇରାଲ୍ ହେଲା। ୯ ସେକେଣ୍ଡର ଭିଡିଓକୁ ବଡ କରାଗଲା। ଗଣମାଧ୍ୟମ ଯେଉଁଟା ସତ୍ୟ ତାହା ଦେଖାନ୍ତୁ। ସେହିଭଳି ଦଳର ବରିଷ୍ଠ ମହିଳା ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଛୋଟ ଘଟଣାକୁ ବଡ କରି ଦେଖାଯାଇଛି। ମନାନ୍ତର-ମତାନ୍ତର ଥିଲା, କୌଣସି ବିବାଦ ନାହିଁ ବୋଲି ଉଭୟ କହିଛନ୍ତି। ଏଥିସହିତ ପ୍ରମିଳା ମଲ୍ଲିକ ଓ ସ୍ନେହାଙ୍ଗିନୀ କହିଛନ୍ତି ଯେ, ଦୁଇ ନେତ୍ରୀଙ୍କ ମଧ୍ୟରେ ସାମାନ୍ୟ ମତାନ୍ତର ହୋଇଥିଲା। ସବୁ ପରିବାରରେ ମତାନ୍ତର ମନାନ୍ତର ଭଳି ବିଜେଡିରେ ମଧ୍ୟ ସେହିଭଳି ସ୍ଥିତି ହୋଇଥିଲା। ପରିବାର ଭିତରେ ତାର ସମାଧାନ ହୋଇଯାଇଛି।

## 'ଏମାନଙ୍କଠୁ ଭଲ ସାଇବର ଠକ'



ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ): ଫିଜିକାଲ କ୍ରାଇମ ଠାରୁ ଅଧିକ ଏବେ ସାଇବର କ୍ରାଇମ ଘଟୁଛି। ବନ୍ଧୁକ, ଖଣ୍ଡା ବଦଳରେ ଗୋଟିଏ କ୍ଲିକରେ ସର୍ବସାନ୍ତ ହୋଇଯାଉଛନ୍ତି ଲୋକେ। ଲୋକେ ସଚେତନ ହେଉଛନ୍ତି ସତ କିନ୍ତୁ ପୋଲିସର୍ ତଦନ୍ତ ପ୍ରକ୍ରିୟା, ଏତଲାକାରୀଙ୍କୁ ଉତ୍ତମ ବ୍ୟବହାର ଓ ସାଇବର ପୋଲିସିଂ ନୀତି ନେଇ ଆସିଛି ଅନେକ ଅଭିଯୋଗ । ୨୦୨୪ ଶେଷ ହେବାକୁ ଯାଉଥିବା ବେଳେ ନୂଆବର୍ଷ ଆସିବାକୁ ଯାଉଛି । କିନ୍ତୁ ଏବେ ସବୁଠୁ ବଡ଼ ଅସୁବିଧା ହୋଇ ଉଭା ହୋଇଛି ସାଇବର କ୍ରାଇମ। ବିଧାନସଭାରୁ ମିଳିଥିବା ତଥ୍ୟ ମୁତାବକ ୩ ବର୍ଷରେ ୧୨୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଲୁଟି ନେଲେଣି ଲୁଟେରା । ସମୁଦାୟ ୬ ହଜାର ୩୬୮ ଟି ମାମଲା ରୁଜୁ ହୋଇଛି। ୧୩୮ ଜଣଙ୍କୁ ଗିରଫ କରାଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଫେରସ୍ତ ହୋଇଛି ମାତ୍ର ୨ କୋଟି ୫୨ ଲକ୍ଷ ଟଙ୍କା। ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନରେ ଗୃହରେ ଏହି ଉତ୍ତର ରଖିଛନ୍ତି ନିଜେ ମୁଖ୍ୟମନ୍ତ୍ରୀ । ଅନ୍ୟପଟେ ସର୍ବାଧିକ ଘଟଣା ଭୁବନେଶ୍ୱର ସାଇବର ଥାନାରେ ବର୍ତ୍ତମାନ ସାମ୍ନାକୁ ଆସିଛି । ଫରେନମନି ଏକ୍ସଚେଞ୍ଜ, ଓଟିପି, ଷ୍ଟକ ଟ୍ରେଡିଂ, ଡିଜିଟାଲ ୱାଲେଟ, ନ୍ୟୁଡ୍ କଲ ଦ୍ୱାରା କୋଟି କୋଟି ଟଙ୍କା ହରାଉଛନ୍ତି ଲୋକେ। କିନ୍ତୁ ଅଭିଯୋଗ ମୁତାବକ ମାତ୍ର ୫ ରୁ ୧୦ ପ୍ରତିଶତ କେସ ରୁଜୁ କରାଯାଉଥିବା ବେଳେ ଅନ୍ୟ କେସଗୁଡ଼ିକରେ ଏତଲାକାରୀଙ୍କୁ ବୁଝାଇ ସୁଝାଇ ଛାଡିଦିଆଯାଉଛି। ଏପରିକି ଲୋକ ଲଜ୍ଜା କଥା ଭୂଚେଇ କିଛି ଘଟଣାକ୍ରମରେ ଏତଲା ରଖାଯାଉ ନଥିବା ଅଭିଯୋଗ ସାମ୍ନାକୁ ଆସିଛି । କିଛି ଅଫିସର ନିଜକୁ ଟେକ୍ନିକାଲ ସାଉଣ୍ଡ ଦର୍ଶାଇ ଗାଦି ମାଡି ବସିଥିବା ବେଳେ ଭୁବନେଶ୍ୱର ସାଇବର ଥାନାର ଏଭଳି ପରିସ୍ଥିତି ଅନେକଙ୍କୁ ବିସ୍ମିତ କରିଛି । ଏପରିକି କିଛି ଲୋକ ଭୁବନେଶ୍ୱର ସାଇବର ଥାନା ଷ୍ଟାଫ ଓ ଅଫିସରଙ୍କ ବ୍ୟବହାରରେ ଅତିଷ୍ଠ ହୋଇ କହିବା ଆରମ୍ଭ କଲେଣି, ଏମାନଙ୍କ ଠୁ ଭଲ ସାଇବର ଠକ। ଟଙ୍କା ଲୁଟୁଛନ୍ତି ହେଲେ ଅଭଦ୍ର ବ୍ୟବହାର କରୁନାହାନ୍ତି। ସେପଟେ ଇଜି ମନି ପାଇବା ଆଶାରେ ଲୋକେ ବିଭିନ୍ନ ସ୍ଥାନରେ ବିନିଯୋଗ କରୁଥିବା ବେଳେ ଏସବୁରୁ ଦୂରେଇ ରହିବାକୁ ନିବେଦନ କରିଛନ୍ତି ପୋଲିସ କମିଶନର।

## ଯାଞ୍ଚ ରିପୋର୍ଟ ପରେ ମିଳିବ ବୀମା



ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ): ଚାଷୀଙ୍କୁ କ୍ଷତିପୂରଣ ନେଇ ପ୍ରତିକ୍ରିୟା ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ମନ୍ତ୍ରୀ କହିଛନ୍ତି, ଅଦିନିଆ ବର୍ଷାରେ ଯେଉଁ ଚାଷୀଙ୍କର ବିପୁଳ କ୍ଷତି ହୋଇଛି ସେଥିପାଇଁ ସେମାନଙ୍କୁ ଭୀମାଭୁକ୍ତ କରାଯାଇଥିଲା । ଆଜି ମଧ୍ୟ ଚାରୋଟି ଇନସ୍ୟୁରାନ୍ସ କମ୍ପାନୀ ଏବଂ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତି ଥିଲେ । ଆଗାମୀ ୧୦ ଦିନ ଭିତରେ ପ୍ରତ୍ୟେକ ଚାଷୀଙ୍କ ବିଲକୁ ଯାଇ ତଦନ୍ତ କରିବେ । ସବୁ ଜିଲ୍ଲାପାଳଙ୍କୁ ଜଣାଯାଇଛି ସେମାନେ ତର୍ଜମା କରିବେ କୌଣସି ଚାଷୀ ଯେପରି ବଞ୍ଚିତ ନ ହେବେ ସେଥିପାଇଁ ତାଗିଦ୍ କରାଯାଇଛି । ୭୭ ହଜାର ଚାଷୀ ଗୁରୁବାର ଭିତରେ ପଞ୍ଜୀକରଣ କରିଛନ୍ତି। ଆଗାମୀ ୩ ଦିନ ମଧ୍ୟରେ ସରିଯିବ। ୧୦ ଦିନ ଭିତରେ ରେପୋର୍ଟ ଦେଲେ ଚାଷୀ କ୍ଷତିପୂରଣ ପାଇବେ । ମିଡିଲ୍ ମ୍ୟାନମାନେ ଚାଷୀଙ୍କୁ କାହିଁକି ଭୁଲ ବାଟରେ ପରିଚାଳିତ କରୁଛନ୍ତି। ଯେଉଁମାନେ ଆସାଧୁ ବ୍ୟବସାୟ କରୁଥାନ୍ତି ଆମ ନଜରକୁ ଆସିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ବନ୍ଧୁ ସାଜିଲା ହତ୍ୟାକାରୀ: ଅପହରଣ ନାଟକର କୁପରିଣାମ



ବାରିପଦା,୨୭।୧୨ (ସଂଚାର ବ୍ୟୁରୋ): ବନ୍ଧୁ ହେବାର ଛଳନା କଲେ, ଆଉ ଟଙ୍କା ପାଇଁ ହତ୍ୟା କଲେ। ବାରିପଦାରେ ବୁଢ଼ାବଳଙ୍ଗ ନଦୀପଠାରୁ ଗଳିତ ମୃତଦେହ ଉଦ୍ଧାର ଘଟଣାରେ, ଯେଉଁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି, ତାହା ଚାଞ୍ଚଲ୍ୟ ଖେଳାଇ ଦେଇଛି। ପ୍ରଥମେ ଅପହରଣ, ପରେ ୫୦ ଲକ୍ଷ ଟଙ୍କା ଦେବାକୁ ଦାବି କରି ପରିବାର ଲୋକଙ୍କୁ ଧମକ। ଆଉ ତାପରେ ହତ୍ୟା। ତିନି ଅଭିଯୁକ୍ତ ଧରାପଡ଼ିବା ପରେ ଜଘନ୍ୟକାଣ୍ଡ ଉପରୁ ପରଦା ହଟିଛି।

ବାରିପଦା ସଦର ଥାନା ଗୁମୁଡ଼ିହି ବୁଢ଼ାବଳଙ୍ଗ ନଦୀ ପଠାରୁ ଅଚିହ୍ନା ଗଳିତ ମୃତଦେହ ଉଦ୍ଧାର ଘଟଣାରେ ସାମ୍ନାକୁ ଆସିଛି ଚାଞ୍ଚଲ୍ୟକର ତଥ୍ୟ। ଟଙ୍କା ପାଇଁ ହିଁ ବନ୍ଧୁତ୍ୱକୁ ବଳି ଦେଇ ୩ ସାଙ୍ଗ ସାଜିଲେ ହତ୍ୟାକାରୀ। ମୃତକ କେନ୍ଦ୍ରାପଡା ମାର୍ଶାଘାଇ ଥାନା ହିନ୍ଦୁଳିଆ ଗାଁର ଚନ୍ଦନ ସ୍ୱାଇଁ। ୩ ସାଙ୍ଗ ମିଶି ଚନ୍ଦନଙ୍କୁ ହତ୍ୟା କରିବା ପରେ ନଦୀ ପଠାରେ ଲୁଣ ଦେଇ ମୃତଦେହକୁ ପୋତି ଦେଇଥିଲେ। ୩ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରି ପଚରାଉଚରା କରିବା ପରେ ଜଘନ୍ୟକାଣ୍ଡର ପର୍ଦ୍ଦାଫାସ ହୋଇଛି। ତିନି ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ କରାଇଛି ପୋଲିସ୍। ଚନ୍ଦନ ସ୍ୱାଇଁ ତିନି ବର୍ଷ ହେଲା ବାଙ୍ଗାଲୋରରେ ରହି ଦାଦାଙ୍କ ପାଖରେ ଠିକାଦାର ଭାବରେ କାମ କରୁଥିଲା। ୩ ଅଭିଯୁକ୍ତ ମଧ୍ୟ ଚନ୍ଦନ ସହିତ କାମ କରୁଥିଲେ। ଚନ୍ଦନ ବାଙ୍ଗାଲୋରରୁ ଘରକୁ ଆସିଥିବା ବେଳେ ତାଙ୍କୁ ଅପହରଣ କରିନେଇଥିଲେ ଏହି ତିନି ଜଣ । କୌଶଳକ୍ରମେ ତାଙ୍କୁ ବାରିପଦା ନେଇଯାଇଥିଲେ। ପରେ ଭୁବନେଶ୍ୱରରେ ରହୁଥିବା ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କା ଦେବାକୁ ଦାବି କରଥିଲେ । ଏହେଉଛି ସେହି ହ୍ୱାଟସ୍ ଅପ୍ ଚାଟ୍। ଯେଉଁଥିରେ ଚନ୍ଦନଙ୍କ ଘର ଲୋକଙ୍କୁ ହତ୍ୟାକାରୀମାନେ ଟଙ୍କା ମାଗିଥିଲେ। ଚନ୍ଦନଙ୍କ ଘର ଲୋକ ଏନେଇ ଖାରବେଳ ନଗର ଥାନାରେ ଏତଲା ଦେଇଥିଲେ। ଗୁରବାର ଚନ୍ଦନଙ୍କ ଦାଦା ବଂଶୀଧର ଅଭିଯୁକ୍ତମାନଙ୍କୁ ଟଙ୍କା ନେବା ପାଇଁ ଭୁବନେଶ୍ୱର ରେଳଟେସନକୁ ଡାକି ଥିଲେ। ଆଉ ଟଙ୍କା ନେବା ପାଇଁ ପହଞ୍ଚିବା ପରେ ସେମାନଙ୍କୁ ପୋଲିସ ମାଡ଼ିବସିଥିଲା। ଚନ୍ଦନଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ତିନି ଅଭିଯୁକ୍ତ। ସେପଟେ ଚନ୍ଦନଙ୍କ ଘରେ ଏବେ କାନ୍ଦବୋବାଳି ପଡ଼ିଛି। ପୁଅ ଯେ ଆଉ ଫେରିବନି, ପରିବାର ଲୋକଙ୍କର ବିଶ୍ୱାସ ହେଉନି। ବିଶ୍ୱାସରେ ବିଷ ଦେଇ ସାଙ୍ଗ ହିଁ ସାଙ୍ଗକୁ ହତ୍ୟା କରିବାର ଏହି ଖବର ଏବେ ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ମୃତ ଚାଷୀଙ୍କ ପରିବାରକୁ ସହାୟତା ଦେଲେ ରାଣୀ ପଣ୍ଡା

ଭୁବନେଶ୍ୱର, ୨୭।୧୨ (ସଂଚାର ବ୍ୟୁରୋ): ଅଦିନିଆ ବର୍ଷାରେ ଫସଲ ନଷ୍ଟ ହେବା କାରଣରୁ ୪ଦିନ ତଳେ ପ୍ରାଣ ହରାଇଥିବା ସାକ୍ଷୀଗୋପାଳ ଅନ୍ତର୍ଗତ ଡୁଙ୍ଗର ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ପରିବାର ଲୋକଙ୍କୁ ଅଭିନେତ୍ରୀ ରାଣୀ ପଣ୍ଡା ଶୁକ୍ରବାର ଆର୍ଥିକ ସହାୟତାର ଯୋଗାଇ ଦେଇଛନ୍ତି। ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ୧ ଲକ୍ଷ ଟଙ୍କାର ଚେକ୍ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ପାର୍ବତୀ ଦଳାଇଙ୍କୁ ପ୍ରଦାନ କରିଥିଲେ। ଏହାସହିତ ଏକାଦଶାହ ଉପଲକ୍ଷେ ୮ଶହ ଲୋକଙ୍କ ପାଇଁ ମହାପ୍ରସାଦ ସେବନ କରାଇବାର ସମ୍ପୂର୍ଣ୍ଣ ବ୍ୟୟ ଓ ସମସ୍ତ ବ୍ୟବସ୍ଥା କରିବେ ବୋଲି ରାଣୀ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଋଣବୋଝ ସାଙ୍ଗକୁ ଫସଲହାନୀ ଓ ମୁଖିଆଙ୍କୁ ହରାଇ ଭାଙ୍ଗିପଡ଼ିଥିବା ପରିବାର ପାଇଁ ରାଣୀ ପଣ୍ଡା ଜନ୍ମିତ ଝିଅଠାରୁ ଅଧିକ କର୍ତ୍ତବ୍ୟ କରିଥିବାରୁ ସେମାନେ ରାଣୀଙ୍କୁ ଆର୍ଶିବାଦ କରିଛନ୍ତି। ଗ୍ରାମବାସୀ ମଧ୍ୟ ସହାୟତା ପାଇଁ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ବଦଳିଲେ ରାଜ୍ୟପାଳ: ଆଗତ ହେବ ବିଶ୍ୱବିଦ୍ୟାଳୟ ଆଇନ୍

ଭୁବନେଶ୍ୱର, ୨୭।୧୨: ଓଡ଼ିଶାର ରାଜ୍ୟପାଳ ବଦଳିବାପରେ ବିଧାନସଭାର ଆଗାମୀ ବଜେଟ୍ ଅଧିବେଶନ କାଳରେ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍ ଆଗତ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଏଠାରେ ଉଲ୍ଲେଖନୀୟ ଯେ ଉଚ୍ଚଶିକ୍ଷା ବିଭାଗର ୧୭ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଏବେ ଅନ୍ୟୁନ ୧୦ଟି ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। କେଉଁଠି ଗୋଟିଏ ବିଶ୍ୱବିଦ୍ୟାଳୟର ଅନ୍ୟ ବିଶ୍ୱବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ଆଉ କେଉଁଠି କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବାପରେ ତାଙ୍କୁ ଅଧିକ ସମୟ ପାଇଁ ରଖାଯାଇଛି। କେବଳ ସେତିକି ନୁହେଁ, ଉତ୍କଳ, ରେଭେନ୍ସା, ରମାଦେବୀ ଠାରୁ ଆରମ୍ଭ କରି ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ୬୦ ପ୍ରତିଶତରୁ ଅଧିକ ଶିକ୍ଷକ ଓ ପ୍ରାୟ ୭୦ ପ୍ରତିଶତ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। କେନ୍ଦୁଝର ଓ କୋରାପୁଟରେ ଥିବା ଦୁଇଟି ବିଶ୍ୱବିଦ୍ୟାଳୟ ଜନ୍ମରୁ ଏପର୍ଯ୍ୟନ୍ତ କୁଳପତିଙ୍କ ମୁଖଦର୍ଶନ କରିନାହାନ୍ତି। ୨୦୨୦ ମସିହାରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଆଇନ୍‌ରେ ସଂଶୋଧନ ଆଣିବା ସହ କୁଳପତି ଓ କୁଳାଧିପତିଙ୍କ କ୍ଷମତା ସଙ୍କୁଚିତ କରିଥିଲେ। ନିଯୁକ୍ତି କ୍ଷେତ୍ରରେ ବିଶ୍ୱବିଦ୍ୟାଳୟଗୁଡ଼ିକର କ୍ଷମତା କାଢ଼ି ନିଆଯାଇ ପ୍ରାର୍ଥୀ ଚୟନ ଲାଗି ଲୋକସେବା ଆୟୋଗ ଭଳି ସଂସ୍ଥାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏ ପ୍ରସଙ୍ଗ ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧିନ ରହିଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ରାଜ୍ୟ ସରକାରଙ୍କ ସଂଶୋଧିତ ଆଇନ୍ ଉପରେ ଆପତ୍ତି ଉଠାଇଛନ୍ତି। ସାରା ଦେଶରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଶିକ୍ଷକ ନିଯୁକ୍ତି ପାଇଁ ୟୁଜିସି ଯେଉଁ ମାର୍ଗନିର୍ଦ୍ଦେଶିକା ଜାରି କରିଥାନ୍ତି ରାଜ୍ୟ ସରକାରଙ୍କ ସଂଶୋଧିତ ଆଇନ୍ ତାହାର ବିରୁଦ୍ଧାଚରଣ କରୁଛି। ଅନୁରୂପ ଏକ ଘଟଣାରେ ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ମାମଲାରେ ସୁପ୍ରିମ୍‌କୋର୍ଟ ପ୍ରତିକୂଳ ମନ୍ତବ୍ୟ ଦେଇଥିବା ପରିପ୍ରେକ୍ଷୀରେ ଆଇନ୍ ଅଦାଲତରେ ରାଜ୍ୟ ସରକାରଙ୍କ ସଂଶୋଧିତ ଆଇନ୍ କାଟ୍ ଖାଇଯାଇପାରେ ବୋଲି ବିଧି ବିଶେଷଜ୍ଞମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ତେବେ ଏହି ମାମଲାର ଆଳ ଦେଖାଇ ସରକାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ନକରି ଠିକାରେ କାମ ଚଳାଇ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ଠକିବାରେ ଲାଗିଛନ୍ତି। ବିଜେପି ବିରୋଧିଦଳରେ ଥିବାବେଳେ ଏହି ସଂଶୋଧିତ ଆଇନ୍‌କୁ ବିରୋଧ କରୁଥିଲା। ଇତି ମଧ୍ୟରେ ଓଡ଼ିଶାରେ ବିଜେପି ସରକାର ଛଅ ମାସରୁ ଅଧିକ ସମୟ ଧରି ରାଜତ୍ୱ କରୁଥିଲେ ମଧ୍ୟ ଏହି ସଂଶାଧିତ ଆଇନ୍‌କୁ ପ୍ରତ୍ୟାହାର କରାଯାଇନାହିଁ। ନିଜେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଆଇନ୍‌ରେ ପୁନଃ ସଂଶୋଧନ ଆଣି ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱତନ୍ତ୍ରତା ୟୁଜିସି ମାର୍ଗ ନିର୍ଦ୍ଦେଶିକା ଆଧାରରେ ପୁନଃ ସ୍ଥାପିତ କରିବାପାଇଁ ବାରମ୍ବାର କହି ଆସୁଛନ୍ତି। ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ବିଶ୍ୱବିଦ୍ୟାଳୟ ଆଇନ୍ ସଂଶୋଧନ ପ୍ରସ୍ତାବ ମଞ୍ଜୁରୀ ପାଇଛି। ତଦନୁଯାୟୀ ଗତ ବିଧାନସଭା ଅଧିବେଶନ କାଳରେ ଏ ସଂକ୍ରାନ୍ତୀୟ ବିଧେୟକ ବିଧାନସଭାରେ ଆଗତ ହେବାର ଯୋଜନା ଥିଲା। ତେବେ ବିଦାୟୀ ରାଜ୍ୟପାଳ ରଘୁବର ଦାସ ଏହା ଉପରେ ଆପତ୍ତି ଉଠାଇବା ଫଳରେ ରାଜ୍ୟ ସରକାର ହରଡଘଣାରେ ପଡ଼ିଥିଲେ। ଏବେ ରାଜ୍ୟପାଳ ପଦବୀରୁ ରଘୁବର ଦାସ ଇସ୍ତଫା ଦେଇ ଚାଲିଯିବା ସହିତ ନୂଆ ରାଜ୍ୟପାଳ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ପରିପ୍ରେକ୍ଷୀରେ ଶିକ୍ଷାବିତ୍‌ମାନେ ଆଶା କରୁଛନ୍ତି ଯେ ଆସନ୍ତା ଫେବୃୟାରୀମାସରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ନିୟମିତ ବଜେଟ୍ ଅଧିବେଶନ କାଳରେ ଏ ସଂକ୍ରାନ୍ତୀୟ ବିଧେୟକ ଆଗତ ହୋଇପାରେ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାର ଅବସାନ ଘଟିପାରେ। (ତଥ୍ୟ)



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ୧୫ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ମିଳିବ ଟିକସ ରିହାତି




ନୂଆଦିଲ୍ଲୀ,୨୭।୧୨: ଯେଉଁମାନେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଦେଉଛନ୍ତି ସେମାନଙ୍କୁ ସରକାର ଆଗାମୀ ବଜେଟରେ ଏକ ବଡ ଉପହାର ଦେଇପାରନ୍ତି। ସୂତ୍ରରୁ ପ୍ରକାଶ ଯେ ଦେଶର ମଧ୍ୟବିତ୍ତ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ ଲାଗି ତଥା ଅର୍ଥନୀତିର ଅବନତି ହେତୁ ଉପଯୋଗକୁ ବୃଦ୍ଧି କରିବା ପାଇଁ ଫେବୃଆରୀ ବଜେଟରେ କେନ୍ଦ୍ର ସରକାର ଏକ ବଡ ନିଷ୍ପତ୍ତି ନେବେ। ବାର୍ଷିକ ୧୫ ଲକ୍ଷ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ପାଇଁ ସରକାର ଆୟକର ହ୍ରାସ କରିବାକୁ ଚିନ୍ତା କରୁଛନ୍ତି। ଏହି ପଦକ୍ଷେପ ଲକ୍ଷ ଲକ୍ଷ ଟିକସଦାତା, ବିଶେଷକରି ମୁଦ୍ରାସ୍ଫୀତି ଦ୍ୱାରା ଭାରପ୍ରାପ୍ତ ସହରବାସୀଙ୍କୁ ଉପକୃତ କରିପାରିବ। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ଗରିବ ଏବଂ ମଧ୍ୟବିତ୍ତମାନେ ଅସୁବିଧାରେ ପଡୁଛନ୍ତି। ବର୍ତ୍ତମାନ ବାର୍ଷିକ ଆୟ ୩ ଲକ୍ଷରୁ ୧୫ ଲକ୍ଷ ଟଙ୍କା ମଧ୍ୟରେ ୫% ରୁ ୨୦% ମଧ୍ୟରେ ଟିକସ ଦିଆଯାଉଛି। ଏହିଠାରୁ ଅଧିକ ଆୟ ହେଲେ ୩୦% ଟ୍ୟାକ୍ସ ଭରିବାକୁ ପଡିବ ପଡିବ। ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେତେ ଟିକସ ହ୍ରାସ କରାଯିବ ସେନେଇ ସରକାର ନିଷ୍ପତ୍ତି ନେଇ ନାହାଁନ୍ତି। ଫେବୃଆରୀରେ ବଜେଟ୍ ଉପସ୍ଥାପନ ପାଇଁ ଏହା ଉପରେ ଏକ ନିଷ୍ପତ୍ତି ନିଆଯାଇପାରେ। ଏଥି ସହିତ ଅର୍ଥ ମନ୍ତ୍ରଣାଳୟ ମଧ୍ୟ ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେଇନାହିଁ। କିଛି ଦିନ ପୂର୍ବରୁ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ସରକାରଙ୍କଠାରୁ ଟିକସ ଛାଡ ଦାବି କରିଥିଲେ। ଯାହାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ଉତ୍ତର ଦେଇଛନ୍ତି। ମଧ୍ୟବିତ୍ତଙ୍କ ଉପରେ ଟିକସ ବୋଝ ହ୍ରାସ କରିବାକୁ ଜଣେ ସୋସିଆଲ ମିଡିଆ ବ୍ୟବହାରକାରୀ ଅର୍ଥମନ୍ତ୍ରୀଙ୍କୁ ଏକ ଟ୍ୱିଟରେ ଅନୁରୋଧ କରିଥିଲେ। ଏଥିରେ ବ୍ୟକ୍ତି ଜଣକ କହିଥିଲେ "ମୁଁ ନମ୍ର ଭାବରେ ଆପଣଙ୍କୁ ଅନୁରୋଧ କରୁଛି ଯେ ମଧ୍ୟବିତ୍ତ ଲୋକଙ୍କୁ କିଛି ଆରାମ ପ୍ରଦାନ କରିବାକୁ ଚିନ୍ତା କରନ୍ତୁ। ମୁଁ ଏଥିରେ ସାମିଲ ଆହ୍ୱାନ ଗୁଡିକୁ ବୁଝିପାରୁଛି, କିନ୍ତୁ ଏହା କେବଳ ଏକ ହୃଦୟସ୍ପର୍ଶୀ ଅନୁରୋଧ।" ଏହାର ଉତ୍ତରରେ ନିର୍ମଳା ସୀତାରମଣ କହିଛନ୍ତି, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଲୋକଙ୍କ ସ୍ୱର ଶୁଣନ୍ତି ଏବଂ ସେମାନଙ୍କ ପରାମର୍ଶକୁ ଗୁରୁତ୍ୱ ଦିଅନ୍ତି। ଆପଣଙ୍କ ମତାମତ ପାଇଁ ଧନ୍ୟବାଦ। ଆପଣଙ୍କ ପରାମର୍ଶ ମୂଲ୍ୟବାନ। ମୁଁ ଆପଣଙ୍କ ସମର୍ଥନକୁ ପ୍ରଶଂସା କରୁଛି।" ତୁମର ଚିନ୍ତା ଏବଂ ସମ୍ମାନକୁ ସମ୍ମାନ କରୁଛି। " ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସରକାରଙ୍କ ୧୦ ବର୍ଷ କାର୍ଯ୍ୟକାଳ ମଧ୍ୟରେ ମଧ୍ୟବିତ୍ତଙ୍କ ଉପରେ ଟିକସ ବୋଝ ଅର୍ଥାତ୍ ବର୍ଷକୁ ୨୦ ଲକ୍ଷରୁ କମ୍ ରୋଜଗାର କରୁଥିବା ଲୋକମାନେ ହ୍ରାସ କରିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ୧୦ ଲକ୍ଷରୁ କମ୍ ଆୟ ଥିବା ଟିକସଦାତାଙ୍କ ଠାରୁ ଆୟକର ସଂଗ୍ରହର ହାର ୨୦୨୪ ମସିହାରେ ୬.୨୨ ପ୍ରତିଶତକୁ ଖସି ଆସିଛି ଯାହା ୨୦୧୪ ରେ ୧୦.୧୭ ପ୍ରତିଶତ ଥିଲା।

## ଆଜିର ସୁନା ଦର



ଆଜି ସୁନା ଦର ବୃଦ୍ଧି ପାଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୫୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୦୦୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧, ୫୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮ ,୦୦୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୫୦୦ ଟଙ୍କା ଓ ୭୮ ,୦୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୬୫୦ ଟଙ୍କା ଓ ୭୮, ୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮,୦୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୫୦୦ ଟଙ୍କା ଓ ୭୮, ୦୦୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୫୦୦ ହଜାର ଟଙ୍କା ହୋଇଛି।

## ଆମେ ସବୁ ସରକାର ସହ କାମ କରୁଛୁ: ଗୌତମ ଆଦାନୀ



ନୂଆଦିଲ୍ଲୀ, ୨୭।୧୨: ଦେଶର ଦ୍ୱିତୀୟ ସବୁଠୁ ଧନୀ ବ୍ୟକ୍ତି ଏବଂ ଶିଳ୍ପପତି ଗୌତମ ଆଦାନୀ ଗୁରୁବାର ଏକ ବଡ଼ କଥା କହିଛନ୍ତି। କାରବାରରେ ଏକଚ୍ଛତ୍ରବାଦରୁ ଆରମ୍ଭ କରି ବିଜେପି ଶାସିତ ରାଜ୍ୟରେ କାମ କରିବା ପରି ମାମଲାରେ ନିଜ କଥା ରଖିଛନ୍ତି। ଗୌତମ ଆଦାନୀ କହିଛନ୍ତି ଯେ ଆଦାନୀ ଗ୍ରୁପ ଦେଶର ୨୫ ରାଜ୍ୟରେ କାମ କରୁଛି। କେବଳ ବିଜେପି କି କଂଗ୍ରେସ ନୁହେଁ, ବରଂ ସବୁ ରାଜ୍ୟ ସରକାରଙ୍କ ସହ କାମ କରୁଛନ୍ତି। ସମ୍ବାଦ ସରବରାହ ସଂସ୍ଥା ଏଏନ୍ଆଇ ଗୌତମ ଆଦାନୀଙ୍କ ସହ କଥାବର୍ତ୍ତାର ଛୋଟିଆ କ୍ଲିପ୍ ସେୟାର କରିଛି। ଏଥିରେ ଗୌତମ ଆଦାନୀ କହିଛନ୍ତି ଯେ ଯେପର୍ଯ୍ୟନ୍ତ କୌଣସି ରାଜନୀତି ନହୋଇଛି, ସେପର୍ଯ୍ୟନ୍ତ କୌଣସି ବି ସରକାର ସହ କାମ କରିବାରେ କିଛି ଅସୁବିଧା ନାହିଁ। ଗୌତମ ଆଦାନୀ କହିଛନ୍ତି, 'ତାଙ୍କ ଗ୍ରୁପ୍ ଇନଫ୍ରାଷ୍ଟ୍ରକ୍ଚର ସେକ୍ଟରରେ କାମ କରୁଛି। ଏହି ସେକ୍ଟରରେ ଆଦାନୀ ଗ୍ରୁପଠାରୁ ବି ବଡ଼ ବଡ଼ କମ୍ପାନି ଅଛନ୍ତି, କିନ୍ତୁ ଇନଫ୍ରାଷ୍ଟ୍ରକ୍ଚର ସେକ୍ଟରରେ ୨୫ ପ୍ରତିଶତ ବି କାମ କରୁନାହାନ୍ତି। ଅନ୍ୟପଟେ ଆମେ ତାହା କରୁଛୁ। ଅନ୍ୟ କମ୍ପାନିଗୁଡ଼ିକ ଇଣ୍ଡଷ୍ଟ୍ରି ଆଧାରରେ ଛିଡ଼ା ହୋଇଛନ୍ତି, କିନ୍ତୁ ଇନଫ୍ରାଷ୍ଟ୍ରକ୍ଚରକୁ ନେଇ ନୁହେଁ। ଏହାର କାରଣ ସ୍ପଷ୍ଟ, କାମ କରିବା ପାଇଁ ଏହା ସବୁଠୁ କଠିନ ସେକ୍ଟର। ଏହି କାରବାରରେ ଯେପର୍ଯ୍ୟନ୍ତ ଆପଣ ୫ରୁ ୬ ବର୍ଷ ଦେଇନାହାନ୍ତି, ସେପର୍ଯ୍ୟନ୍ତ ଆପଣ ଏହି କାରବାରକୁ କରିପାରିବେ ନାହିଁ। କେବଳ ଏତିକି ନୁହେଁ, ଏଥିରେ ବି ବିପଦ ରହିଛି। ଅନେକ ସମୟରେ ବଡ଼ ଲୋକ ଆସି କାମକୁ ବନ୍ଦ କରିଦିଅନ୍ତି। ୧୦ ବର୍ଷ ପରେ ଯାଇ ଏଥିରୁ ସଠିକ୍ ରିଟର୍ଣ୍ଣ ମିଳିବା ଆରମ୍ଭ ହୋଇଥାଏ। କାହା ପାଖରେ ଏତେ ଧୈର୍ଯ୍ୟ ନାହିଁ' ଗୌତମ ଆଦାନୀ କହିଛନ୍ତି ଯେ ବର୍ତ୍ତମାନ ଆମେ ୨୫ ରାଜ୍ୟରେ କାମ କରୁଛୁ। ଲୋକେ ଅଧିକାଂଶ ସମୟରେ କୁହନ୍ତି ଯେ ଆଦାନୀ ଗ୍ରୁପ୍ ବିଜେପି ଶାସିତ ରାଜ୍ୟରେ କାମ କରୁଛି। କିନ୍ତୁ ଆମେ କେରଳରେ ବି କାମ କରୁଛୁ। ଭିଞ୍ଜିଗମ ପୋର୍ଟ ୨୦ ହଜାର କୋଟି ଟଙ୍କା ଏକ ପ୍ରୋଜେକ୍ଟ ଅଟେ। ଏହି ପ୍ରୋଜେକ୍ଟ କଂଗ୍ରେସ ସରକାରରେ ମିଳିଥିଲା। ଆମେ କେବଳ ବିଜେପି ସହ କାମ କରୁଛୁ ତାହା ନୁହେଁ, ଆମେ ସବୁ ସରକାର କାମ କରିବା ପାଇଁ ପ୍ରସ୍ତୁତ ଅଛୁ। ଯେପର୍ଯ୍ୟନ୍ତ କୌଣସି ରାଜନୀତି ନହୋଇଛି, ଆମର କାହା ସହ କାମ କରିବାରେ କୌଣସି ସମସ୍ୟା ନାହିଁ।

## ଏହି ସହରରେ ସବୁଠୁ ଅଧିକ ବୁକିଂ ହୋଇଛି ଓୟୋ ହୋଟେଲ: ରିପୋର୍ଟ

ନୂଆଦିଲ୍ଲୀ, ୨୭।୧୨: କୋଭିଡ- ୧୯ ପରଠାରୁ ଦେଶର ଧାର୍ମିକ ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ଯାହା ସିଧା ଫାଇଦା ପହଞ୍ଚାଇଛି ଅନଲାଇନ୍ ମାଧ୍ୟମରେ ହୋଟେଲ ବୁକ୍ କରାଉଥିବା ଆଗ୍ରିଗେଟର ଓୟୋକୁ। ନିକଟରେ ଜାରି ରିପୋର୍ଟ ଅନୁଯାୟୀ, ଓୟୋରେ ସବୁଠୁ ଅଧିକ ହୋଟେଲ ବାରାଣସୀ ଏବଂ ହରିଦ୍ୱାରରେ ବୁକିଂ ହୋଇଛି। କେବଳ ସେତିକି ନୁହେଁ ହାଇଦ୍ରାବାଦ, ବେଙ୍ଗାଲୁରୁ, ଦିଲ୍ଲୀ ଏବଂ କୋଲକାତା ଭଳି ସହରରେ ମଧ୍ୟ ଓୟୋର ବୁକିଂ ଖୁବ୍ ଭଲ ରହିଛି। ପାଟନା, ରାଜମୁନ୍ଦ୍ରି ଏବଂ ହୁବଲି ଭଳି ଛୋଟ ସହରରେ ବୁକିଂ ବାର୍ଷିକ ଆଧାରରେ ୪୮ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ରେକର୍ଡ ହୋଇଛି।

### ବଢ଼ିଛି ଧାର୍ମିକ ପର୍ଯ୍ୟଟନ ସ୍ଥଳୀରେ ବୁକିଂ

ଓୟୋର ଟାଭେଲପିଡିୟା-୨୦୨୪ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ପୁରୀ, ବାରାଣସୀ ଏବଂ ହରିଦ୍ୱାର, ସବୁଠୁ ଅଧିକ ଲୋକପ୍ରିୟ ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳୀ ଭାବରେ ରହିଛନ୍ତି। ହେଲେ ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳୀରେ ବୁକିଂ କଥା ଦେଖିଲେ, ହାଇଦ୍ରାବାଦ ଆଗରେ ରହିଛି। ଏହା ପଛକୁ ଦେବଘର ପଲାନୀ ଏବଂ ଗୋବର୍ଦ୍ଧନ ରହିଛି।

### ଉତ୍ତର ପ୍ରଦେଶ ଲୋକପ୍ରିୟ ରାଜ୍ୟ

ଓୟୋ ରିପୋର୍ଟ ଅନୁଯାୟୀ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଦିଲ୍ଲୀ ଏବଂ କୋଲକାତା ଭଳି ସହର ହୋଟେଲ ବୁକିଂରେ ଶୀର୍ଷରେ ରହିଛନ୍ତି । ପାଟନା, ରାଜମୁନ୍ଦ୍ରି ଏବଂ ହୁବଲି ଭଳି ଛୋଟ ସହରରେ ବୁକିଂ ବାର୍ଷିକ ଆଧାରରେ ୪୮ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ରେକର୍ଡ ହୋଇଛି। ସେହିଭଳି କମ୍ପାନି କହିଛି, ଛୁଟି ସମୟରେ ଲୋକଙ୍କ ବୁଲାବୁଲି ଅଧିକ ହୋଇଛି। ଜୟପୁର ପର୍ଯ୍ୟଟକଙ୍କ ମଧ୍ୟରେ ଆକର୍ଷଣ କେନ୍ଦ୍ର ପାଲଟିଥିବାବେଳେ ଗୋଆ, ପୁଡୁଚେରୀ ଏବଂ ମୈସୁର ଭଳି ସ୍ଥାନ ମଧ୍ୟ ପଛରେ ପଡ଼ିନାହାଁନ୍ତି। ଅବଶ୍ୟ ମୁମ୍ବାଇରେ ବୁକିଂରେ ହ୍ରାସ ଦେଖିବାକୁ ମିଳିଛି।




## ପୁଣି 'ଏଫ୍ଓଏଚ୍ଏମ୍ଏ'ର ଅଧ୍ୟକ୍ଷ ହେଲେ କେ ବି ଅଗ୍ରୱାଲ୍



କୋଲକାତା, ୨୭।୧୨: ରୁପା ଆଣ୍ଡ୍ କୋ.ର ପରିଚାଳନା ନିର୍ଦ୍ଦେଶକ କେ ବି ଅଗ୍ରୱାଲ୍ଙ୍କୁ ୨୦୨୪-୨୫ ବର୍ଷ ଲାଗି ପୁନର୍ବାର ଫେଡେରେସନ୍ ଅଫ୍ ହୋସିୟାରି ମାନୁଫାକ୍ଚରର୍ସ ଅଫ୍ ଇଣ୍ଡିଆ (ଏଫ୍ଓଏଚ୍ଏମ୍ଏ)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ନୂଆ ନିଯୁକ୍ତି ପରେ ଶ୍ରୀ ଅଗ୍ରୱାଲ ନିଜ ପ୍ରତିକ୍ରିୟାରେ ମହାସଂଘର ଗତିବିଧିକୁ ବଢ଼ାଇବା, ନୂଆ ଅଭିଯାନ ଆରମ୍ଭ କରିବା ଏବଂ ଭବିଷ୍ୟତରେ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ଭାରତୀୟ ହୋସିୟାରି ଉଦ୍ୟୋଗରେ ଅଭିବୃଦ୍ଧିର ଅପାର ସମ୍ଭାବନା ରହିଛି। ନୂତନ ପ୍ରଯୁକ୍ତି ଓ ବୈପ୍ଳବିକ ଉତ୍ପାଦକୁ ନେଇ ବିଶ୍ୱ ବଜାରରେ ବଢ଼ୁଥିବା ଚାହିଦା ହାସଲ କରି ତାହାର ଲାଭ ଉଠାଇହେବ। ଉଭୟ ଘରୋଇ ଓ ବିଦେଶ ବଜାରରେ ସୃଷ୍ଟି ହେଉଥିବା ସୁଯୋଗ ହାସଲ କରିବାର ସମ୍ଭାବନା ଅନୁସନ୍ଧାନ କରିବା ଲାଗି ଯୁବପିଢ଼ି ପ୍ରସ୍ତୁତ ରହିବା ଦରକାର ବୋଲି ସେ କହିଛନ୍ତି। ମହାସଂଘର ସଚିବ ଭାବେ ବି ଡି କୋଠାରି, କୋଷାଧ୍ୟକ୍ଷ ଶରଦ ଭଙ୍ଗର ଏବଂ ପାଞ୍ଚ ଉପାଧ୍ୟକ୍ଷ ଭାବେ ରାଜ କୁମାର ଜୈନ, ବିନୋଦ ଗୁପ୍ତା, ସୁନୀଲ ଜେ ପଠାରେ, ସଞ୍ଜୟ ଜୈନ୍ ଓ ଏ ସି ଇଶ୍ୱରନଙ୍କୁ ନିଯୁକ୍ତ କରାଯାଇଛି।

## ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ୨୫ ହଜାର କୋଟିର ବଜାର, ମେଳା ବଜେଟ୍ ୬୩୮୨ କୋଟି



ନୂଆଦିଲ୍ଲୀ, ୨୭।୧୨: ଉତ୍ତରପ୍ରଦେଶର ପ୍ରୟାଗରାଜରେ ୨୦୨୫ ଜାନୁଆରି ୧୩ରୁ ଫେବ୍ରୁଆରି ୨୬ ପର୍ଯ୍ୟନ୍ତ ଆୟୋଜିତ ହେବ ବିଶ୍ୱର ସର୍ବବୃହତ୍ ଧାର୍ମିକ ଜନ ସମାଗମ କାର୍ଯ୍ୟକ୍ରମ 'ମହାକୁମ୍ଭ ମେଳା'। ହିନ୍ଦୁ ଧର୍ମରେ ଏହି ମେଳାର ବେଶ୍ ମହତ୍ତ୍ୱ ରହିଛି। ଏହା ହେଉଛି ଦୁନିଆର ସବୁଠୁ ବଡ଼ ଧାର୍ମିକ କାର୍ଯ୍ୟକ୍ରମ। ଯଦିଓ ଏହା ଏକ ଧାର୍ମିକ କାର୍ଯ୍ୟକ୍ରମ, କିନ୍ତୁ ଦେଶର ଅର୍ଥନୀତି ପ୍ରତି ଏହାର ରହିଛି ବଡ଼ ଯୋଗଦାନ। ୨୦୨୫ରେ ହେବାକୁ ଥିବା କୁମ୍ଭମେଳା ଏକ ୨୫ ହଜାର କୋଟି ଟଙ୍କାର ବଜାର ହେବ ବୋଲି ଆକଳନ କରାଯାଇଛି। ୨୦୨୫ କୁମ୍ଭ ମେଳାରେ ୪୦-୪୫ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବା ଆଶା କରାଯାଉଛି। ଏଥର ମେଳା ଆୟୋଜନରେ ୬୩୮୨ କୋଟି ଟଙ୍କା ଖର୍ଚ୍ଚ ହେବାର ସମ୍ଭାବନା ରହିଛି। କୁମ୍ଭ ମେଳା ଦ୍ୱାରା ଉତ୍ତରପ୍ରଦେଶ ବିଶେଷ ଭାବେ ଉପକୃତ ହେଉଛି। ଏହା ଉଭୟ ରାଜସ୍ୱ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯଥା ଭିତ୍ତିଭୂମି ବିକାଶ, ପର୍ଯ୍ୟଟନ, ବ୍ରାଣ୍ଡ୍ ପ୍ରଚାର, ଆତିଥେୟତା, ବିମାନ ଚଳାଚଳ,

### ମହାକୁମ୍ଭ ମେଳା

ପରିବହନ, ଟୁର୍ ଅପରେଟର ଓ ଚିକିତ୍ସା ସେବା ଦ୍ୱାରା ଏକ ବିଶାଳ ବଜାର ସୃଷ୍ଟି ହେଉଛି। ଏହି ମେଳାକୁ ଦୃଷ୍ଟିରେ ରଖି ବିମାନବନ୍ଦର ଓ ହୋଟେଲ୍ଗୁଡ଼ିକରେ ବିପୁଳ ନିବେଶ କରାଯାଉଛି। କୁମ୍ଭ ମେଳାରେ ଭାରତର ବିଭିନ୍ନ ସ୍ଥାନରୁ ଅନେକ ଶ୍ରଦ୍ଧାଳୁ ଯୋଗଦେଉଥିବା ବେଳେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ମରିସସ୍, ସିଙ୍ଗାପୁର, ବ୍ରିଟେନ୍ ଓ ଶ୍ରୀଲଙ୍କାରୁ ମଧ୍ୟ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେଉଛି। ସେମାନଙ୍କ ଜରିଆରେ ଦେଶକୁ ବୈଦେଶିକ ମୁଦ୍ରା ଆସୁଛି। ହଜାର ହଜାର ଲୋକଙ୍କ ସହ ନିଜ ବ୍ରାଣ୍ଡ୍ ଓ କମ୍ପାନିକୁ ପରିଚିତ କରିବା ଲାଗି କମ୍ପାନିଗୁଡ଼ିକ ଖୁବ୍ ପ୍ରଚାରପ୍ରସାର କରୁଛନ୍ତି। ସେମାନେ ବିଜ୍ଞାପନ ଓ ମାର୍କେଟିଂରେ ନିବେଶ କରିବାକୁ ପଛାଉନାହାନ୍ତି। କୁମ୍ଭ ମେଳା ପ୍ରଭାବରେ କେବଳ ଆତିଥେୟତା କ୍ଷେତ୍ରରେ ୨,୫୦,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ଭାବନା ରହିଛି। ବିମାନଚଳାଚଳ ଓ ବିମାନବନ୍ଦରରେ ୧,୫୦,୦୦୦ ପାଖାପାଖି ଲୋକ ନିୟୋଜିତ ହୋଇଥାନ୍ତି। ଟୁର୍ ଅପରେଟରଙ୍କ ଦ୍ୱାରା ୪୫ ହଜାର ଲୋକଙ୍କୁ ନିଯୁକ୍ତି ଦିଆଯାଏ। ଚିକିତ୍ସା ସେବା ଓ ଇକୋ-ଟୁରିଜିମ୍ ବ୍ୟବସ୍ଥାରୁ ୮୫ ହଜାର ଲୋକ ଜୀବିକା ପାଉଛନ୍ତି। ଏସବୁ ବ୍ୟତୀତ ଟାକ୍ସି ଡ୍ରାଇଭର୍, ଟୁର୍ ଗାଇଡ୍, ବ୍ୟାଖ୍ୟାନକାରୀ ଓ ସ୍ୱେଚ୍ଛାସେବୀ ଭାବେ ପ୍ରାୟ ୫୫ ହଜାର ଲୋକଙ୍କୁ ନିଯୁକ୍ତି ମିଳୁଛି। କେବଳ ପ୍ରୟାଗରାଜ ନୁହେଁ, ଏହାର ଆଖପାଖ ସହର ଯଥା ବାରାଣସୀ, ଅଯୋଧ୍ୟା, ମଥୁରା ଓ ବିନ୍ଧ୍ୟବାସିନୀ ଧାମ ମଧ୍ୟ ଉପକୃତ ହୋଇଥାଏ। କାରଣ ମେଳା ବୁଲିବାକୁ ଆସୁଥିବା ଲୋକମାନେ ଏହି ସମସ୍ତ ସହରରେ ଥିବା ବିଭିନ୍ନ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳ ପରିଦର୍ଶନ କରିଥାନ୍ତି।

## ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା



ନୂଆଦିଲ୍ଲୀ, ୨୭।୧୨: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରରେ ପହଞ୍ଚିଛି। ଆମେରିକୀୟ ଡଲାର ତୁଳନାରେ ୪୬ ପଇସା ହ୍ରାସ ପାଇଁ ସର୍ବକାଳୀନ ନିମ୍ନ ସ୍ତର ୮୫.୭୩ ଟଙ୍କାରେ ପହଞ୍ଚିଛି। ଏହା ଭାରତୀୟ ମୁଦ୍ରାର ଗୋଟିଏ ଦିନରେ ସବଠୁ ବଡ଼ ହ୍ରାସ। ଆମେରିକୀୟ ଡଲାର ମଜଭୁତ ହେବା ଏବଂ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁଁ ଏହି ହ୍ରାସ ଘଟିଛି। ବିଶେଷଜ୍ଞଙ୍କ ମତରେ ମାସ ଶେଷ ଏବଂ ବର୍ଷ ଶେଷରେ ପୈଠ ପାଇଁ ଆମଦାନୀକାରୀ ମଧ୍ୟରେ ଡଲାରର ଚାହିଦା ବୃଦ୍ଧି ବଢିଛି। ଏହି କାରଣରୁ ଡଲାର ଅଧିକ ମଜଭୁତ ହୋଇଛି। ଯେଉଁଥି ପାଇଁ ସ୍ଥାନୀୟ ମୁଦ୍ରାଗୁଡ଼ିକ ଉପରେ ଚାପ ବଢିଛି। ତେବେ ବୈଶ୍ୱିକ ସ୍ତରରେ ଅଶୋଧିତ ତୈଳର ମୂଲ୍ୟରେ ନମନିୟତା ଏବଂ ଘରୋଇ ଇକ୍ୟୁଟି ବଜାରରୁ ସକାରାତ୍ମକ ସଂକେତ ଭାରତୀୟ ମୁଦ୍ରାର ହ୍ରାସକୁ ଏକ ପ୍ରକାର ସୀମିତ କରିଛି। ଅନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ମୁଦ୍ରାର ଅଧିକ ଦୁର୍ବଳ ହୋଇ ୮୫.୩୧ ଟଙ୍କା ବିନିମୟ ମୂଲ୍ୟରେ ଖୋଲିଥିଲା। ତେବେ କିଛି ସମୟ ଭିତରେ ଏହା ହ୍ରାସ ପାଇ ୮୫.୩୫ ଟଙ୍କାର ନିଜର ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଥିଲା। ଗୋଟିଏ ଦିନ ପୂର୍ବ ତୁଳନାରେ ୮ ପଇସା ହ୍ରାସ ଦେଖିବାକୁ ମିଳିଥିଲା। ଗୁରୁବାର ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୧୨ ପଇସା ହ୍ରାସ ପାଇଥିଲା।

# ୨୦୨୫ରେ ଅର୍ଥନୀତି ଅଭିବୃଦ୍ଧି ହାର ୬.୫% ଆକଳନ




ଭୁବନେଶ୍ୱର,୨୭।୧୨: ୨୦୨୫ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ପ୍ରାୟ ୬.୫% ହାରରେ ବୃଦ୍ଧି ପାଇବ। ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ସମୀକ୍ଷା ବୈଠକରେ ଏପରି ଆକଳନ କରିଛି। ଆର୍ଥିକ ବର୍ଷ ୨୦୪୭-୪୮ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଭାରତର ଆର୍ଥିକ ଦାୟିତ୍ୱ ଢାଞ୍ଚାରେ ସଂସ୍କାର ଆଣିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିବା ସହ ଗ୍ରାମୀଣ ଚାହିଦା ସ୍ଥିର ରହିଛି ବୋଲି ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ସମୀକ୍ଷା ବୈଠକରେ କହିଛି। ୨ ଚକିଆ ଯାନ ଏବଂ ୩ ଚକିଆ ଯାନ ବିକ୍ରି ଏବଂ ଘରୋଇ ଟ୍ରାକ୍ଟର ବିକ୍ରି କ୍ଷେତ୍ରରେ ଅକ୍ଟୋବରରେ ୨୩.୨% ଏବଂ ନଭେମ୍ବରରେ ୯.୮% ବୃଦ୍ଧିରୁ ଏହା ସ୍ପଷ୍ଟ ହୋଇଛି। ଅର୍ଥ ମନ୍ତ୍ରଣାଳୟ ଏହା ମଧ୍ୟ କହିଛି, ସହରାଞ୍ଚଳର ଚାହିଦା ବୃଦ୍ଧି ପାଉଛି। ୨୦୨୪ ଅକ୍ଟୋବର-ନଭେମ୍ବରରେ ଯାତ୍ରୀବାହୀ ଯାନ ବିକ୍ରି ଗତ ବର୍ଷ ତୁଳନାରେ ୧୩.୪% ବୃଦ୍ଧି ପାଇଛି ଏବଂ ଘରୋଇ ବିମାନ ଯାତ୍ରୀଙ୍କ ଯାତାୟାତରେ ମଧ୍ୟ ଅଭିବୃଦ୍ଧି ଘଟିଛି। ଫଳସ୍ୱରୂପ ୨୦୨୫ ଆର୍ଥିକ ବର୍ଷରେ ବାସ୍ତବ କ୍ଷେତ୍ରରେ ଅର୍ଥନୀତି ପ୍ରାୟ ୬.୫% ହାରରେ ବୃଦ୍ଧି ପାଇବ ବୋଲି ଅର୍ଥ ମନ୍ତ୍ରଣାଳୟ ଆଶା କରାଯାଉଛି। ଚଳିତ ଆର୍ଥିକ ବର୍ଷର ୨୦୨୪-୨୫ ଜୁଲାଇର ଦ୍ୱିତୀୟ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୭ ତ୍ରୈମାସିକରେ ସର୍ବନିମ୍ନ ସ୍ତରକୁ ୫.୪%କୁ ଖସି ଆସିଛି। ପୂର୍ବ ତ୍ରୈମାସରେ ଆର୍ଥିକ ଅଭିବୃଦ୍ଧି ହାର ୬.୭% ଥିଲା। ଏହି କାରଣରୁ ଆଗାମୀ ତ୍ରୈମାସିକ ପାଇଁ ଆନୁମାନିକ ଅଭିବୃଦ୍ଧି ହାର ଗୁରୁତ୍ୱପୂର୍ଣ୍ଣ। ସେହିପରି ବୁଧବାର ପ୍ରକାଶ ପାଇଥିବା ଇଓ୍ୱାଇ ଇଣ୍ଡିଆ ରିପୋର୍ଟରେ ମଧ୍ୟ ୨୦୨୫ ଆର୍ଥିକ ବର୍ଷ ପାଇଁ ସମାନ ଆକଳନ ଦେଖାଯାଇଛି। ଏହା ଚଳିତ ତଥା ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୬.୫ ପ୍ରତିଶତ ଅଭିବୃଦ୍ଧି ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ତ୍ରୈମାସରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୫.୪% ରହିଥିଲା, ଯାହା ଆଶାଠାରୁ ବହୁତ୍ କମ୍ ଥିଲା। ରିପୋର୍ଟରେ କୁହାଯାଇଛି , ୨୦୨୪ ୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି ୫.୪% ହେବ, ଯାହା ୭ ତ୍ରୈମାସିକରେ ସର୍ବନିମ୍ନ ସ୍ତର । ଏହା ବ୍ୟତୀତ ବେସରକାରୀ ପୁଞ୍ଜି ବିନିଯୋଗର ଚାହିଦା ବୃଦ୍ଧି ପାଇ ନାହିଁ ଏବଂ ସରକାରୀ ବିନିଯୋଗ ଖର୍ଚ୍ଚର ଅଭିବୃଦ୍ଧି ନକାରାତ୍ମକ ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଏଥିରେ ୧୫.୪% ହ୍ରାସ ଘଟିଛି। ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୫% ହେବ ବୋଲି ଆକଳନ କରାଯାଇଛି। ସ୍ଥାୟୀ ଋଣ ପରିଚାଳନା, ସରକାରୀ ସଞ୍ଚୟକୁ ହଟାଇବା ଏବଂ ପୁଞ୍ଜି ବିନିଯୋଗ ଦ୍ୱାରା ପରିଚାଳିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପୁନଃ ସଂଯୋଜିତ ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଏହା ଭାରତର ଏକ ବିକଶିତ ଅର୍ଥନୀତିରେ ରୂପାନ୍ତର ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି। ଇଓ୍ୱାଇ ଇଣ୍ଡିଆର ମୁଖ୍ୟ ନୀତି ପରାମର୍ଶଦାତା ଡି. କେ. ଶ୍ରୀବାସ୍ତବ କହିଛନ୍ତି, ଭାରତକୁ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବାକୁ ଆର୍ଥିକ ଦାୟିତ୍ୱ ଏବଂ ବଜେଟ ପରିଚାଳନା ଅଧିନିୟମରେ ପ୍ରସ୍ତାବିତ ସଂଶୋଧନ ଆବଶ୍ୟକ। ସେ କହିଛନ୍ତ, ଏହି ପରିବର୍ତ୍ତନ କେବଳ ସାମ୍ପ୍ରତିକ ଆହ୍ୱାନର ସମାଧାନ କରିବ ନାହିଁ ବରଂ ଭାରତର ବିକଶିତ ଅର୍ଥନୀତିରେ ପରିବର୍ତ୍ତନ ପାଇଁ ବାଟ ଖୋଲିବ।

## ଚିଚିଣ୍ଡା ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ଭେଡେନ,୨୭।୧୨(ସଂଚାର ବ୍ୟୁରୋ): ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମରେ ୧୧ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଧନୁଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି।ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଦୀପ ପ୍ରଜ୍ୱଳନ ଓ ଫିତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ସମ୍ମାନିତ ଅତିଥି ଭାବରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ପଦ୍ମିନୀ ଗଡ଼ତିଆ, ସତ୍ୟଜିତ ପୁରୋହିତ,ପିଙ୍କି ବଡ଼େଇ, ଚିଚିଣ୍ଡା ସରପଞ୍ଚ ସୀମା ମେହେର, ସଂକ୍ରାଡ଼ା ସରପଞ୍ଚ ଜୟନ୍ତୀ ସେଟ,ଚିଚିଣ୍ଡା ସମିତିସଭ୍ୟା ଜୋତିର୍ମୟୀ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।ଅଧ୍ୟାପକ ନାରାୟଣ ଭୋଇ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ କମିଟିର ସଭାପତି ଶ୍ୟାମ ସୁନ୍ଦର ମେହେର,ସମ୍ପାଦକ ସଞ୍ଜୟ ମେହେର,କୋଷାଧ୍ୟକ୍ଷ ସଂଜୀବ ମେହେର ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭ ରେ ଯାତ୍ରା କମିଟି ସଭ୍ୟ ଶରତ ପ୍ରଧାନ ଙ୍କ ଶୋକସଭା ଅନୁଷ୍ଠିତ ହୋଇଥିଲା। କୃଷ୍ଣ କଂସ ଙ୍କ ପୂର୍ବ ଜନ୍ମ ବୃତାନ୍ତ ରୁ ନାଟ୍ୟ ଭିନୟ ଆରମ୍ଭ ହୋଇଥିଲା । କଂସ ଭୂମିକା ରେ ଜଗବନ୍ଧୁ ଭୋଇ ଅଭିନୟ କରୁଛନ୍ତି ।



# ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଅସ୍ତରଙ୍ଗ



- ନାଳି କଙ୍କଡା ସାଙ୍ଗକୁ ବିଦେଶାଗତ ପକ୍ଷୀ ଓ ବଣ ଭୋଜିର ନିଆରା ଅନୁଭୂତି
- ପୁରୁଣା ବର୍ଷକୁ ବିଦାୟ,ନୂତନ ବର୍ଷକୁ ସ୍ୱାଗତ ପାଇଁ ପର୍ଯ୍ୟଟନସ୍ଥଳୀରେ ଭିଡ଼



କାକଟପୁର /ଅସ୍ତରଙ୍ଗ,୨୭।୧୨(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗର ସ୍ୱର୍ଣ୍ଣିମ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବଙ୍ଗୋପ ସାଗରରେ ମିଶିଥିବା ଦେବୀମୁହାଣକୁ ଲାଗିଥିବା ଦେବୀନାସିର ଜଳ ନିଳାମ୍ବୁ ଚିଲିକା ଭଳି ଓ ଦୁଇପାର୍ଶ୍ୱରେ ଥିବା ହେନ୍ତାଳବଣ ସୌନ୍ଦର୍ଯ୍ୟ ଭିତରକନିକାଠାରୁ କମ୍ ନୁହେଁ। ସୌନ୍ଦର୍ଯ୍ୟରେ ଭରପୁର ଦେବୀନାସି ଦୂରତା ଦୃଷ୍ଟିକୋଣରୁ ଟିକିଏ ଦୂରରେ ରହିଥିଲେ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦବିନ୍ଦୁ ସାଜିଛି। ମୁହାଣ ନିକଟବର୍ତ୍ତୀ ଅଞ୍ଚଳ ଏବେ ପର୍ଯ୍ୟଟନର ନୂଆ ଠିକଣା ପାଲଟିଛି। ସହନ ମୌଜା ନିକଟରେ ବହିଯାଉଥିବା ଦେବୀନାସି ବା ଗଙ୍ଗାଦେବୀ ନାମରେ ନାମିତ ଏକ ପ୍ରଶସ୍ତ ନଈର ଦୁଇପାର୍ଶ୍ୱରେ ଉଭାହୋଇଛି ହେନ୍ତାଳ ବଣ। ଗଛ ଡାଳରେ ଦେଶୀ ଓ ବିଦେଶୀ ପକ୍ଷୀଙ୍କର ସମାଗମ ସାଙ୍ଗକୁ ଖିଚିରିମିଚିରି ଶବ୍ଦ, ଜଳଭାଗ ମଧ୍ୟସ୍ଥ ସ୍ଥଳଭାଗ ବା ଆଇଲ୍ୟାଣ୍ଡରେ ନାଳି କଙ୍କଡା, ଜଳଭାଗକୁ ଲାଗି ନିର୍ଦ୍ଦିଷ୍ଟ ସ୍ଥାନରେ ପକ୍ଷୀଙ୍କ ସମାଗମ ଏକ ନିଆରା ପରିବେଶ ସୃଷ୍ଟି କରୁଛି। ବହୁ ସମୟରେ ଜଳରାଶିରେ ଡଲଫିନ୍‌ଙ୍କ ଜଳକ୍ରୀଡ଼ା ସାଙ୍ଗକୁ ନଭେମ୍ବର ମାସରୁ ମେ ମାସ ମଧ୍ୟରେ ଜଳରାଶି ଓ ବେଳାଭୂମିର ବାଲୁକା ରାଶିକୁ ଅଲିଭ୍ ରିଡଲେ କଇଁଛ ଆଗମନ କରିଥାନ୍ତି। ସାତ ଦରିଆ ପାରିହୋଇ ଶହଶହ ସଂଖ୍ୟାରେ କଇଁଛ ଆସି ଅଣ୍ଡାଦାନ କରି ଫେରିଥାନ୍ତି। ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକ ପୀରଜାହାନିଆ ବେଳାଭୂମି ସମେତ ଏବେ ଦେବୀନାସିସ୍ଥିତ ଗଙ୍ଗାଦେବୀରେ ବୋଟିଂ କରି ମୁହାଣ ମୁହଁ ପର୍ଯ୍ୟନ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। କିନ୍ତୁ ଏହି ପର୍ଯ୍ୟଟନ କ୍ଷେତ୍ରରେ ସରକାରୀ ସୁବିଧାଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ପର୍ଯ୍ୟଟକମାନେ ନିରାଶ ହେଉଛନ୍ତି। ସେହିପରି ଦେବୀନାସିରେ ବନବିଭାଗ ବିଟ୍ ହାଉସ୍‌ଠାରୁ ମୁହାଣ ପର୍ଯ୍ୟନ୍ତ ଲମ୍ବିଥିବା ଜଙ୍ଗଲରେ ହରିଣ, ଠେକୁଆ, ହେଟାବାଘ, ମୟୁର ଓ ଅନ୍ୟାନ୍ୟ ଜୀବଜନ୍ତୁ ପର୍ଯ୍ୟଟଙ୍କର ଦୃଷ୍ଟିଆକର୍ଷଣ କରୁଛନ୍ତି। ଜଗତସିଂହପୁର ଓ ରାଜନଗର ପଟୁ ନଦୀ ପାରିହୋଇ ହରିଣ ଆସୁଥିବା ସୂଚନା ମିଳିଛି। ଯଦି ଭିତ୍ତିଭୂମି ବିକାଶ କରାଯାଇପାରନ୍ତା, ଏହା ରାଜ୍ୟର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ଦେଶବିଦେଶର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ରୁଙ୍ଗଟା କମ୍ପାନୀ ତରଫରୁ ଜନ କଲ୍ୟାଣ କାର୍ଯ୍ୟକ୍ରମ



ଯୋଡ଼ା,୨୭।୧୨(ସଂଚାର ବ୍ୟୁରୋ): କୋଇଡା ବ୍ଲକ ଅନ୍ତର୍ଗତ ରୁଙ୍ଗଟା କମ୍ପାନୀ ର ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣି ତରଫରୁ ଜନହିତକର କାର୍ଯ୍ୟକ୍ରମ କରାଯାଇଛି। ସାରା ଭାରତ ପ୍ରଚଣ୍ଡ ଶୀତରେ ଥରୁଥିବା ବେଳେ ରୁଙ୍ଗଟା କମ୍ପାନୀ କୋଇଡା ବ୍ଲକ ଅନ୍ତର୍ଗତ ସାନିନ୍ଦପୁର, ବଡଇନ୍ଦୁପୁର, ପୁରେହିବାହାଲ, ଯୋଡ଼ିପଡ଼ା, ଗୋପିସାହି, ଏନ. ଇ ହଟିଙ୍ଗ , ଓରାଘାଟ ଗାଁ ରେ ଥିବା ଗରିବ ଲୋକମାନଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳ ପ୍ରଦାନ କରାଯାଇଛି । ଉକ୍ତ ଗାଁ ରେ ଏକ ସଭାର ଆୟୋଜନ କରାଯାଇ କୋଇଡା ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ। ସାନଇନ୍ଦୁପୁର ଖଣି ପରିଚାଳକ ତଥା ଏ. ଭି. ପି. (ମାଇନିଙ୍ଗ) ଅନିଲ କୁମାର ଚୌଧୁରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱ ବଧାନରେ କମ୍ବଳ ବଣ୍ଟନ କରାଯାଇଥିଲା । ସିନିଅର ଜି. ଏମ. ତରୁଣ ଚକ୍ରବର୍ତ୍ତୀ ଅତ୍ୟଧିକ ଶୀତ ହେଲେ ଘରୁ ନବାହାରିବାକୁ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ କମ୍ପାନୀ ର ଅତିରିକ୍ତ ଡି. ଜି. ଏମ.(କାର୍ମିକ)ବିଷ୍ଣୁ ପଦ ଷଡ଼ଙ୍ଗୀ, ଡ଼ି. ଜି. ଏମ. ସଞ୍ଜୟ କୁମାର ଆଚାର୍ଯ୍ୟ, ସିନିଅର ମ୍ୟାନେଜେର ସନ୍ତୋଷ ନାୟକ ,(ସି. ଏସ. ଆର ମ୍ୟାନେଜେର) ଉଜ୍ୱଳ କୁମାର ମଲ୍ଲିକ,ରଞ୍ଜନ ପ୍ରଧାନ, ସତ୍ୟନାରାୟଣ ସାହୁ, ସାନିନ୍ଦପୁର ଗାଁ ର ୱାର୍ଡ ମେମ୍ବର ସାର ଦେହୁରୀ,ବଡଇନ୍ଦପୁର ଗାଁ ର ୱାର୍ଡ ମେମ୍ବର ଜଗାଇ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ରୁଙ୍ଗଟା ର ଏହି ଜନହିତକର କାର୍ଯ୍ୟକ୍ରମ କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା । ରୁଙ୍ଗଟା ର ଏହିପରି ସି. ଏସ. ଆର କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି କମ୍ପାନୀର ଯୁଗ୍ମ ପ୍ରେସିଡେଣ୍ଟ (ମାନବ ସମ୍ବଳ ଏବଂ ଆଡମିନ) ରାମୁ ଅଗ୍ରୱାଲ ତାଙ୍କ ବକ୍ତବ୍ୟ ରେ କହିଛନ୍ତି।

## ଧାନ ବିକାରେ ବ୍ୟାପକ ଅବ୍ୟବସ୍ଥା, ମଣ୍ଡିରେ ମାତିଛନ୍ତି ଦଲାଲ



ଅତାବିରା,୨୭।୧୨(ସଂଚାର ବ୍ୟୁରୋ): ଧାନ କିଣାବିକାରେ ବ୍ୟାପକ ଅବ୍ୟବସ୍ଥା। ମଣ୍ଡିରେ ମାତିଛନ୍ତି ଦଲାଲ । ଏଫଏକ୍ୟୁ ଆଳରେ ମିଲର୍ସ ମନଇଛା ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩ରୁ ୮ କେଜି ପର୍ଯ୍ୟନ୍ତ ଧାନ କାଟଛାଟ କରୁଛନ୍ତି । ଫୁ ହୋଇଛି ସରକାରଙ୍କ ସବୁ ନୀତି ନିୟମ । କାଗଜ କଲମରେ ଚାଲିଛି ମଣ୍ଡି ତଦାରଖ । ସରିସରି ଆସୁଛି ଚାଷୀଙ୍କ ଟୋକନ ଅବଧି । ବରଗଡ଼ ଜିଲ୍ଲାରେ ଧାନ ମଣ୍ଡି ଖୋଲିବାର ୩୮ ଦିନ ବିତିଗଲା । ହେଲେ ଧାନ କିଣାବିକା ଅତି ମନ୍ଥର ଗତିରେ ଚାଲିଛି । ଡିସେମ୍ବର ୨୬ତାରିଖ ସୁଦ୍ଧା ବରଗଡ଼ ଜିଲ୍ଲାର ଅତାବିରା, ପଦ୍ମପୁର, ବରଗଡ଼ ଆରଏମସି ଅଞ୍ଚଳରେ ୩୭ଲକ୍ଷ ୩୧ହଜାର ୫୬୪କୁଇଣ୍ଟାଲ ଧାନ କିଣାଯାଇଛି। ଏବେବି ଜିଲ୍ଲାର ୨୨୯ଟି ମଣ୍ଡିରେ ୯ଲକ୍ଷ ୭୩ହଜାର ୭୮୨ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ିରହିଛି । ଆରଏମସି ଓ ସୋସାଇଟି ସମ୍ପାଦକ ଓ କର୍ମଚାରୀମାନେ ମିଲର୍ସ ଓ ଦଲାଲଙ୍କ ସହିତ ମଧୁଚନ୍ଦ୍ରିକା ସ୍ଥାପନ କରି ଧାନ କିଣାବିକାରେ କରୁଛନ୍ତି ବ୍ୟାପକ ଅନିୟମିତତା । ଏଭଳି ପ୍ରତିବାଦରେ ଶେଷରେ ବରଗଡ଼ରେ ତାତିଲେ ଚାଷୀ। ଧାନ କିଣାବିକା ସମସ୍ୟାର ସମାଧାନ ଦାବିରେ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ସଂଗଠନ କରିଛନ୍ତି ବିକ୍ଷୋଭ ଓ ଦେଇଛନ୍ତି ଗଣଧାରଣା ।

## ଇଭି ଶୋ' ରୁମରେ ଭୟାବହ ଅଗ୍ନିକାଣ୍ଡ




ଗଞ୍ଜାମ,୨୭।୧୨(ସଂଚାର ବ୍ୟୁରୋ): ଜିଲ୍ଲା ଟାଉନ୍ ଥାନା ଅନ୍ତର୍ଗତ ରେଡ୍ଡୀ ଗ୍ୟାରେଜ ଛକ ନିକଟରେ ଥିବା ଇଭି ଶୋ' ରୁମରେ ଭୟାବହ ଅଗ୍ନିକାଣ୍ଡ। ନିଆଁ ଲାଗି ଜଳିଗଲା ଏକାଧିକ ଗାଡ଼ି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଆଜି ସକାଳେ ଇଭି ଶୋ' ରୁମରେ ହଠାତ୍ ନିଆଁ ଲାଗିଯାଇଥିଲା। ଶୋ' ରୁମରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଇଭି ଶୋ' ରୁମର ମାଲିକଙ୍କୁ ଖବର ଦେବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ୨ଟି ଅଗ୍ନିଶମ ବାହିନୀ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛନ୍ତି। ଦୁଇ ମହଲା କୋଠାରେ ଇଭି ଶୋ' ରୁମ କରାଯାଇଥିଲା। ନିଆଁ ଲାଗିବା ପରେ ତଳ ମହଲାରୁ ଗାଡ଼ି ଗୁଡ଼ିକ ବାହାର କରି ଦିଆଯାଇଥିବା ବେଳେ ଉପର ମହଲାରେ ଗାଡ଼ି ଗୁଡ଼ିକ ରହିଛି। ପ୍ରବଳ ଧୂଆଁ ବାହାରୁଥିବା ହେତୁ ଦ୍ୱିତୀୟ ମହଲାକୁ ଯିବା ସମ୍ଭବପର ହେଉ ନାହିଁ। ସର୍ଟସର୍କିଟରୁ ଶୋ' ରୁମରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

## ପୋଲର ବାଡ଼ାକୁ ଧକ୍କା ଦେଇ ୨୦ ଫୁଟ୍ ତଳକୁ ଖସିଲେ ବାଇକ୍ ଚାଳକ



ଗଜପତି,୨୭।୧୨(ସଂଚାର ବ୍ୟୁରୋ): ପୋଲର ବାଡ଼ାକୁ ଧକ୍କା ଦେଇ ୨୦ ଫୁଟ ତଳକୁ ଖସିଲା ବାଇକ୍ ଚାଳକ। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲା ମୋହନା ସ୍ଥିତ ଲେଡ଼ବନ୍ଧ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ବାଇକ ଆରୋହୀଙ୍କର ପରିଚୟ ମିଳିନାହିଁ। ଗତକାଲି ରାତିରେ ପୋଲ ଉପରେ ବାଇକ ପଡ଼ିଥିବା ଦେଖି ସ୍ଥାନୀୟ ଲୋକଙ୍କର ସନ୍ଦେହ ହୋଇଥିଲା। ସ୍ଥାନୀୟ ଲୋକେ ପୁଲିସ ଓ ମୋହନା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।। ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କୁ ପୋଲ ତଳୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି।

# ଭ୍ରମାତ୍ମକ ତଥ୍ୟ ଉପସ୍ଥାପନ କରି କେନ୍ଦ୍ରମନ୍ତ୍ରୀ ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି



ବରଗଡ଼,୨୭।୧୨(ସଂଚାର ବ୍ୟୁରୋ): ନିର୍ବାଚନ ପୂର୍ବରୁ ଚାଷୀ ଙ୍କ ସମସ୍ୟା ର ତୁରନ୍ତ ସମାଧାନ କରିବା ପାଇଁ ବାହାସ୍ଫୋଟ ମାରୁଥିବା ବିଜେପି ରାଜ୍ୟ ରେ ସରକାର କରିବା ୬ମାସ ବିତଯାଇଥିଲେ ବି ଚାଷୀ ଙ୍କ ସମସ୍ୟା ସମାଧାନ କ୍ଷେତ୍ର ରେ ବିଫଳ ହୋଇଥିବା ବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁଲ ତଥ୍ୟ ଦେଇ ଚାଷୀ ମାନଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବରଗଡ଼ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରାଯାଇଛି ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଏକ ମିଳିତ ପ୍ରେସ ବିବୃତି ରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଯିଏ କି ଦୀର୍ଘ ୧୧ ବର୍ଷ ଧରି କେନ୍ଦ୍ର ରେ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ର ମନ୍ତ୍ରୀ ହୋଇ ମଧ୍ୟ ଓଡ଼ିଶା ର ଧାନ କିଣା ସମ୍ବନ୍ଧ ରେ ଦେଇଥିବା ଦାୟିତ୍ୱହୀନ ଓ ଭ୍ରମାତ୍ମକ ତଥ୍ୟ ଚାଷୀ ଙ୍କ ମନ ରେ କଟା ଘା ରେ ଚୂନ ସଦୃଶ ବୋଲି ଉଲ୍ଲେଖ କରିଛନ୍ତି । ଦୀର୍ଘ ଆଠ ବର୍ଷ ପୂର୍ବରୁ ଚାଷୀ ଙ୍କ ବ୍ୟାଙ୍କ ଖାତା କୁ ଅର୍ଥ ପ୍ରଦାନ କରାଯାଉଥିବା ବେଳେ ବିଜେପି ସରକାର ଏହି ବ୍ୟବସ୍ଥା ଆରମ୍ଭ କରିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିବା ହାସ୍ୟାସ୍ପଦ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ରାଜ୍ୟ ରେ ଶୋହଳ ଲକ୍ଷ ଟନ ଧାନ କିଣା ସରିଥିବା ତଥ୍ୟ ଉଲ୍ଲେଖ କରିଥିବା ବେଳେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରାଜ୍ୟ ରେ ସାଢ଼େ ସାତ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣା ସରିଛି ବୋଲି ସୂଚନା ପ୍ରଦାନ କରିଛନ୍ତି ତେବେ ଏଠାରେ ପ୍ରଶ୍ନ ଉଠୁଛି କିଏ ଠିକ ? ଆହୁରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ବର୍ଷ ପ୍ରାୟ ୭୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣା ଯାଇଥିଲା ତେଣୁ ଏ ବର୍ଷ ତିରିଶ ଲକ୍ଷ ଟନ ଧାନ କିଣା ଯିବାର ଲକ୍ଷ୍ୟ ରହିଛି ବୋଲି ଉଲ୍ଲେଖ କରିଥିବା ବେଳ ମନ୍ତ୍ରୀ ଙ୍କ ତଥ୍ୟହିନ ଓ ଭ୍ରମାତ୍ମକ ବକ୍ତବ୍ୟ କେବଳ ଚାଷୀ ଙ୍କୁ ଭୁଆଁ ବୁଲା ଛଡା ଆଉ କଣ ହୋଇ ପାରେ ବୋଲି ବିଜେଡି ନେତୃ ମଣ୍ଡଳୀ ପ୍ରତିକ୍ରିୟା ରଖିଛନ୍ତି । ସବୁ ଠୁ ବଡ କଥା କେନ୍ଦ୍ରମନ୍ତ୍ରୀ ମଣ୍ଡି ରେ ସଂପ୍ରତି ହେଉଥିବା ଅବ୍ୟବସ୍ଥା କୁ ସ୍ୱୀକାର କରିଛନ୍ତି। ତାହେଲେ ଏଠି ପ୍ରଶ୍ନ ଉଠୁଛି ବିଜେପି ସରକାର କ୍ଷମତା କୁ ଆସିବାର ଛଅ ମାସ ବିତି ଯାଇଥିଲେ ସୁଦ୍ଧା ମଣ୍ଡି ବ୍ୟବସ୍ଥା କୁ ପାରିଲେ ନି କେମିତି ? କଟନି ଛଟନୀ ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ଗଳା ଫଟାଇ ଗର୍ଜନ କରିଥିବା ବିଜେପି ସରକାର ଏବେ ଚାଷୀ ଙ୍କ ଧାନ ଏଫ୍ ଏ କ୍ୟୁ ନାମରେ କୁଇଣ୍ଟାଲ ପ୍ରତି ପାଞ୍ଚ ରୁ ନଅ କେଜି ଧାନ କଟା ଯାଉଥିବା ସରକାରୀ ବ୍ୟବସ୍ଥା କୁ କିପରି ଆଖି ବୁଜି ବସିଛନ୍ତି ? ନୂତନ ଧାନ ସଂଗ୍ରହ ନୀତି ଅନୁଯାୟୀ ଭେଇକିଲ ଟ୍ରାକିଂ ସିଷ୍ଟମ ,ମାର୍କେଟ ୟାଡ ରେ ସିସି ଟିଭି ବ୍ୟବସ୍ଥା କିପରି କରାଯାଇ ନାହିଁ। ଅଦିନିଆ ବର୍ଷା ରେ ଚାଷୀ ଙ୍କ ଶସ୍ୟ ର ହୋଇଥିବା କ୍ଷୟ କ୍ଷତି ଭରଣା ସମ୍ବନ୍ଧ ରେ କେନ୍ଦ୍ର ମନ୍ତ୍ରୀ କାହିଁକି ନୀରବ ରହିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ କେନ୍ଦ୍ର ମନ୍ତ୍ରୀ ଚାଷୀ ଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ନାହାଁନ୍ତି କିମ୍ବା ଜାଣି ଶୁଣି ଅଣ ଦେଖା କରି ଚାଲିଛନ୍ତି ।

## ପୂର୍ଣ୍ଣ ଓ ଈଶ୍ୱର ହେଲେ ବିଧାୟକଙ୍କ ପ୍ରତିନିଧି

ଯୋଡା,୨୭।୧୨(ସଂଚାର ବ୍ୟୁରୋ) ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ସନାତନ ମହାକୁଡଙ୍କ ପ୍ରତିନିଧି ଭାବେ ପୂର୍ଣ୍ଣଚନ୍ଦ୍ର ନାଏକ ଓ ଈଶ୍ୱର ଗିରିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି । ଖଣି ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ବିଧାୟକଙ୍କ ବଦଳରେ ପ୍ରଶାସନିକ ଅଧିକାରୀଙ୍କ ସହିତ ସମସ୍ତ ବୈଠକରେ ସେ ଯୋଗଦେବେ ବୋଲି ଶ୍ରୀ ମହାକୁଡ ପ୍ରଶାସନକୁ ଅବଗତ କରାଇଛନ୍ତି । ଈଶ୍ୱର ଗିରିଙ୍କୁ ବଡବିଲ ତହସିଲ କାର୍ଯ୍ୟାଳୟ ନିମନ୍ତେ ଦାୟିତ୍ୱ ଦିଆଯାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ନାଏକଙ୍କୁ ଯୋଡା ପଞ୍ଚାୟତ ସମିତିର ସମସ୍ତ ବୈଠକରେ ଯୋଗଦେବା ପାଇଁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ପ୍ରଶାସନର ସମସ୍ତ ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କ ସାଧାରଣ ସମସ୍ୟା ସମାଧାନ କ୍ଷେତ୍ରରେ ସେମାନେ ସହାୟକ ହେବେ।

## ପିଜୁଳି ଗଛ ଲଗାଇ କରି ଅଡୁଆରେ ଚାଷୀ



ଖପ୍ରାଖୋଲ,୨୭।୧୨ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ବଡ଼ଗୁର୍ଜିଭଟା ଗ୍ରାମର ଚାଷୀ ଘନଶ୍ୟାମ ବାରିକ ଖପ୍ରାଖୋଲ ବ୍ଲକ ହଟିକଲ ବିଭାଗ ରୁ ପିଜୁଳି ଚାରା ରୋପଣ କରି ଅଡୁଆରେ ପଡିଯାଇଛନ୍ତି । ଚାଷୀଙ୍କ କହିବା ଅନୁସାରେ ଖପ୍ରାଖୋଲ ହଟିକଲଚର ବିଭାଗ ତରଫରୁ ତାଙ୍କୁ ପିଜୁଳି ଗଛ ଲଗାଇବା ପାଇଁ କହିଥିଲେ ଏବଂ ଚାରା ମଧ୍ୟ ଦେଇଥିଲେ କହିଥିଲେ ଚାଷୀ ଙ୍କ ପାଇଁ ଏହା ଏକ ସୁଯୋଗ ତୁମକୁ ୧ ଲକ୍ଷ ୨୦ ହଜାର ଟଙ୍କା ତୁମ ଜମିରେ ପିଜୁଳି ଗଛ ଲଗାଇବା ପାଇଁ ଦିଆଯିବ ତାହା କିସ୍ତି ଆକାରରେ ଦିଆଯିବ ତାଙ୍କରି କଥା ଅନୁସାରେ ମୁଁ ପିଜୁଳି ଗଛ ଲଗାଇଛି ହେଲେ ମୋତେ ମାତ୍ର ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି ଏବେ ମୋ ପାଖକୁ ଚିଠି ପଠେଇଛନ୍ତି ତୁମକୁ ଆଉ ଟଙ୍କା ଦିଆଯିବାନାହିଁ। ହଟିକଲଚର ବିଭାଗ ର କଥା ମାନି ହରଡ଼ ଘଣାରେ ପଡିଯାଇଛି ବୋଲି ଅଭିଯୋଗ ଆଣିଛନ୍ତି ଚାଷୀ ଘନଶ୍ୟାମ ବାରିକ। କେଉଁ କାରଣ ଯୋଗୁ ମୋତେ ଅସୁବିଧାରେ ହଟିକଲଚର ବିଭାଗ ପକାଇଲେ ମୁଁ କିଛି ଜାଣି ପାରୁନାହିଁ ବୋଲି କହୁଛନ୍ତି ଚାଷୀ । ପିଜୁଳି ଗଛ ଲଗାଇଥିବା ଜମିରେ ଅନ୍ୟ ଚାଷ କରି ପାରୁନାହିଁ କିମ୍ବା ଟଙ୍କା ଖର୍ଚ୍ଚ କରି ପିଜୁଳି ଗଛ ର ରକ୍ଷଣା ବେକ୍ଷଣ କରିପାରୁନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ସରକାର ଚାଷୀ ମାନଙ୍କ ଆର୍ଥିକସ୍ଥିତି କୁ ସ୍ୱଚ୍ଛଳ କରିବା ପାଇଁ ବହୁବିଧ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଖପ୍ରାଖୋଲ ହଟିକଲଚର ବିଭାଗ ଚାଷୀ କୁ ଭୁଆଁ ବୁଲାଇ ଅସୁବିଧା ରେ ପକାଉଥିବା ଭଳି ମନେ ହେଉଛି କାରଣ ବିଭିନ୍ନ ଆଳ ଦେଖାଇ ପ୍ରତକ୍ଷ୍ୟ ଭାବେ ଚାଷୀଙ୍କ ଚାଷ ଜମିକୁ ନଯାଇ ମନମୁଖୀ କାର୍ଯ୍ୟ କରୁଥିବା ମନେ ହେଉଛି ଯାହାର ଜ୍ୱଳନ୍ତ ଉଦାହରଣ ଦେଖା ଦେଇଛି ବଡ଼ଗୁର୍ଜିଭଟା ଚାଷୀ ଘନଶ୍ୟାମ ବାରିକ ଙ୍କ କ୍ଷେତ୍ରରେ ।

## ମନମୋହନ ସିଂହଙ୍କ ବିୟୋଗରେ ଶୋକସଭା



ସୁବର୍ଣ୍ଣପୁର,୨୭।୧୨ (ସଂଚାର ବ୍ୟୁରୋ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ବୀରମହାରାଜପୁର ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଅନୁଷ୍ଠାନ ର ସଦସ୍ୟ ଡ.ଦ୍ୱିତୀକୃଷ୍ଣ ପଣ୍ଡା, ବଳରାମ କାଣ୍ଡ, ସଂପାଦକ ସନ୍ତୋଷ ଷଡ଼ଙ୍ଗୀ, ପୂର୍ବତନ ସଭାପତି ଭଗବାନ ମିଶ୍ର, କୋଷାଧ୍ୟକ୍ଷ ଦୟାନିଧି ହୋତା,ସମ୍ବାଦିକ ସୌମିତ୍ରୀ ମେହେର,ସୁରୁ ସାହୁ, ତ୍ରିନାଥ ମିଶ୍ର, ଶିକ୍ଷାବିତ ଗୋପୀନାଥ ମହାକୁର ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ପ୍ରଧାନମନ୍ତ୍ରୀଙ୍କ ସ୍ମୃତି ଚାରଣ କରିଥିଲେ।ପରେପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ବର୍ଷାରେ ଉଜୁଡିଗଲା ଶହ ଶହ ଏକର ଧାନ ଫସଲ



ବେଗୁନିଆପଡା,୨୭।୧୨(ସଂଚାର ବ୍ୟୁରୋ): ଲଗାତାର ବର୍ଷା ପ୍ରଭାବରେ କୋଦଳା ତହସିଲ ଅନ୍ତର୍ଗତ ଅଧିକାଂଶ ତଳିଆ ଜମିରେ ଅମଳ ପାଇଁ ଥିବା ଧାନ କଟାଯାଇ ବିଲରେ ରଖାଯାଇଥିବା ବେଳେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଧାନ ଅମଳ କରିବା ଏକ ପ୍ରକାର ଅସମ୍ଭବ ହୋଇଯାଇଛି । ଯାହାକୁ ନେଇ ଚିନ୍ତାରେ ଚାଷୀ । ଗଞ୍ଜାମ ଜିଲ୍ଲାରେ ଚାଷୀଙ୍କୁ ପ୍ରଭାବିତ କରିଛି ଲଘୁଚାପ ଜନିତ ବର୍ଷା। ଧାନ ସାଙ୍ଗକୁ ଡାଲି ଜାତୀୟ ଫସଲ,ପନିପରିବା, ମୁଗ ଚାଷକୁ ନେଇ ଏବେ ଚଷା ପରିବାରରେ ଦୁଃଖ ଖେଳିଯାଇଛି । ଅନ୍ୟ ପଟେ ଧାନ ଓ ମଣ୍ଡି ଗୁଡିକରେ ଉପୁଜୁଛି ସମସ୍ୟା । ଚାଷୀର ବାର୍ଷିକ ରୋଜଗାରକୁ ପ୍ରାକୃତିକ ବିପର୍ଯ୍ୟୟ କରିଛି ଧୂଳିସାତ । ଜିଲ୍ଲା ସହିତ ବେଗୁନିଆପଡା ବ୍ଲକରେ ବିଗତ ସପ୍ତାହ ୧୯ ଓ ୨୦ ତାରିଖରେ ଅଦିନିଆଁ ବର୍ଷାରେ ଧାନ ଚାଷ ନଷ୍ଟ ହେବା ସହ ବିଲରେ ଧାନ ଗଜା ହେବାର ସମ୍ଭାବନା ଦେଖାଦେଇଥିଲା । ପୁଣି କିଛି ଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗି ରହିଛି । ଏହି ଲଘୁଚାପ ଜନିତ ବର୍ଷା ବ୍ଲକର ପ୍ରାୟ ସମସ୍ତ ପଂଚାୟତ ଗୁଡିକରେ ମଧ୍ୟମ ଧରଣର ବର୍ଷା ଲାଗି ରହିଥିବାରୁ କ୍ଷେତ ଗୁଡ଼ିକରେ ଧାନ ପାଣିରେ ଭାସୁଛି । ସେପଟେ ଡାଲି ଜାତୀୟ ଫସଲ, ହରଡ଼, କୋଳଥ, ମୁଗ, ବିରି ଓ ପନିପରିବାରେ ପୋକ ଲାଗି ନଷ୍ଟ ହେବାରେ ବସିଛି ।

# ମରାମତି ନାଁରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା



କଳାହାଣ୍ଡି, ୨୭।୧୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର କଲମପୁର ଏବଂ ଆଦିବାସୀ ବହୁଳ ଥୁଆମୁଳ ରାମପୁର ବ୍ଲକ ମଧ୍ୟରେ ଯାତାୟାତ ପାଇଁ ଏକମାତ୍ର ରାସ୍ତା ହେଉଛି ସିଙ୍ଗାରୀ ଘାଟି ରାସ୍ତା । ପୂର୍ତ୍ତ ବିଭାଗ ମାଧ୍ୟମରେ ୮୦ ଦଶକରେ ସିଙ୍ଗାରୀ ଘାଟି ମଧ୍ୟରେ କିଛି ରାସ୍ତା ନିର୍ମାଣ ଆରମ୍ଭ ହେଇଥିଲା । ଦୀର୍ଘ ୪୫ ବର୍ଷ ଧରି ଏହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ । ପୂର୍ତ୍ତ ବିଭାଗର ଭବାନୀପାଟଣା ଉପବିଭାଜନ ଏବଂ ଜୁନାଗଡ ଉପବିଭାଜନ ଅଧୀନରେ ରହିଛି ସିଙ୍ଗାରୀ ଘାଟିର ୮ କିଲୋମିଟର ରାସ୍ତା। କିନ୍ତୁ ଏହି ୮ କିଲୋମିଟର ରାସ୍ତା ନିର୍ମାଣ ହେବାରେ ଏବେ ବାଧକ ସାଜିଛି ଜଙ୍ଗଲ ଆଇନ। ସିଙ୍ଗାରୀ ଜଙ୍ଗଲ ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବାରୁ ଏହି ଜଙ୍ଗଲ ଆଇନ ବାଧକ ସାଜିଛି । ଖଣି ଖାଦାନ ପାଇଁ ରାତା ରାତି ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହେଉଥିବା ବେଳେ ଲୋକଙ୍କ ବିକାଶ ପାଇଁ କିନ୍ତୁ ଏ ଦିଗରେ କାହାରି ଆନ୍ତରିକତା ଥିବା ଜଣାପଡୁନାହିଁ। ସେପଟେ ରାସ୍ତା ମରାମତି ନାଁରେ ଠିକାଦାରଙ୍କୁ ପୋଷିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ୨୦୧୬ ୧୭ରୁ ୨୦୨୨/୨୩ ମଧ୍ୟରେ ପ୍ରାୟ ୨୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେଇଥିଲେ ମଧ୍ୟ ରାସ୍ତାର ଅବସ୍ଥା ସୁଧୁରି ପାରିନାହିଁ । ଗତ ୬ମାସ ମଧ୍ୟରେ ଏହି ରାସ୍ତା ଦେଇ ବାଲି, ଇଟା, ଚିପ୍‌ସ ସମେତ ଅନ୍ୟ ସମସ୍ତ ନିର୍ମାଣ ସାମଗ୍ରୀ ଭାରିଯାନ ଦ୍ୱାରା ଥୁଆମୁଳ ରାମପୁର ଏବଂ ରାୟଗଡା ଜିଲ୍ଲାର କାଶୀପୁର ଅଂଚଳକୁ ନିଆଯାଉଛି। ଯେଉଁଥିପାଇଁ ରାସ୍ତା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି। ରାସ୍ତା ଏବେ ବାଇକ୍ ଏବଂ ଲଘୁଯାନ ଆରୋହୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଥୁଆମୁଳ ରାମପୁରଠାରୁ ଭବାନୀପାଟଣା ଭାୟା ଗୁଣପୁର ରାସ୍ତାର ଦୈର୍ଘ୍ୟ ୭୫ କିଲୋମିଟର। ରାସ୍ତା ମଧ୍ୟରେ କର୍ଲାପାଟ ଅଭୟାରଣ୍ୟ। ଅନେକ ସମୟରେ ବାଘ, ଭାଲୁ ଏବଂ ହାତୀ ଭଳି ଜଙ୍ଗଲି ଜନ୍ତୁଙ୍କ ଭୟ ରହିଥାଏ। ଏହାସହ ରାସ୍ତାର ୬୦ କିଲୋମିଟର ଉଚ୍ଚ ପାହାଡ ଏବଂ ଅନେକ ବିପଦପୂର୍ଣ୍ଣ ବୁଲାଣି ରହିଛି। ଏହି ରାସ୍ତା ଦେଇ ଜିଲ୍ଲାପାଳ, କମିଶନରଙ୍କ ଭଳି ଉଚ୍ଚ ପଦବୀଧାରୀ ସରକାରୀ ଅଧିକାରୀ, ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ଯାତାୟାତ କରୁଥିଲେ ମଧ୍ୟ ରାସ୍ତା ପ୍ରତି କାହାରି ନିଘା ନାହିଁ। ତୁରନ୍ତ ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଉଭୟ କଲମପୁର ଏବଂ ଥୁଆମୁଳ ରାମପୁର ଅଂଚଳବାସୀଙ୍କ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## କମଳାକାନ୍ତ ମିଶ୍ର ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



ଦଶରଥପୁର, ୨୭।୧୨(ସଂଚାର ବ୍ୟୁରୋ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ଅବସରରେ ଦଶରଥପୁର ବ୍ଲକ କସପା ପଞ୍ଚାୟତସ୍ତ ଅହିୟାସ ହାଇସ୍କୁଲ ପଡିଆଠାରେ ଆଜି କମଳାକାନ୍ତ ମିଶ୍ର ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଆୟୋଜକ ତଥା କମଳାକାନ୍ତ ମିଶ୍ର ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ତଥା ରାଜ୍ୟପାଳ ପୁରସ୍କୃତ ପ୍ରାପ୍ତ ଶିକ୍ଷକ ବୈକୁଣ୍ଠନାଥ ପତି, ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ ଦିଗାମ୍ବର ସାହୁ,ସମ୍ମାନିତ ଅତିଥିଭାବେ କମଳାକାନ୍ତ ମିଶ୍ର ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟର ଉପସଭାପତି ସଞ୍ଜୟ ମିଶ୍ର, ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର ଯାଜପୁର ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ପ୍ରଭୁଦେବ ପଣ୍ଡା, ଶିକ୍ଷାବିତ ଲକ୍ଷ୍ମୀଧର ମିଶ୍ର, ସମାଜସେବୀ ରଞ୍ଜନ କୁମାର ପଣ୍ଡା, ଅଜୟ କୁମାର ମିଶ୍ର, ପାର୍ଥ ମଲ୍ଲିକ, ବଜରଙ୍ଗ ଦଳର ପ୍ରଖଣ୍ଡ ସଂଯୋଜକ ଲୋକନାଥ ଦାସ, ଯୁବ ସମାଜସେବୀ ଅଜୟ ମିଶ୍ର ପ୍ରମୁଖ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀ ଦେଶ ପାଇଁ କରିଯାଇଥିବା ଯଶ କୀର୍ତି ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କର ଯଶ କିର୍ତ୍ତୀ ପାଇଁ ସାରା ଦେଶ ତାଙ୍କୁ ସବୁଦିନ ପାଇଁ ମନେ ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।